

ଦ୍ୱିତୀୟ ଥର ଘୁଞ୍ଚିଲା
'ଉଡ଼୍ତା ତୀର୍'ର ରିଲିଜ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-103 ◆TUESDAY ◆06 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୦୩ ◆ମଙ୍ଗଳବାର ◆୦୬ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ମେଡିସିନ୍‌ରେ ୩ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାର



■ଷ୍ଟକହୋମ, ୫ ।୧୦(ଏଜେନ୍ସି): ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ଆଲୋକ ମାଧ୍ୟମରେ ସକ୍ରିୟ କିମ୍ବା ନିଷ୍କ୍ରିୟ କରିବାର ପ୍ରଯୁକ୍ତି ବିକଶିତ କରିବାରେ ଅବଦାନ ପାଇଁ ୨୦୨୬ ମସିହାର ନୋବେଲ ମେଡିସିନ୍ ପୁରସ୍କାର ଜର୍ମାନୀର ପିଟର ହେଗେମାନ୍, ଜର୍ଜ ନାଗେଲ୍ ଓ ଆମେରିକୀୟ ବୈଜ୍ଞାନିକ କାର୍ଲ ଡିସେରୋଥ୍‌ଙ୍କୁ ପ୍ରଦାନ କରାଯିବ । ସୁଇ ।ଡେନର ଷ୍ଟକହୋମରେ ଆଜି ନୋବେଲ କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି । ପୁରସ୍କାର ବାବଦ ସେମାନଙ୍କୁ ୯ ଲକ୍ଷ ପାଉଣ୍ଡ ପ୍ରଦାନ କରାଯିବ ।

କମିଟି ପକ୍ଷରୁ କୁହାଯାଇଛି ଯେ ଏହି ଗବେଷଣା 'ଅପ୍‌ଟୋଜେନେଟିକ୍ସ' ବିକାଶର ମୂଳ ଆଧାର। ଏହା ମାଧ୍ୟମରେ ଆଲୋକ ବ୍ୟବହାର କରି ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ନିୟନ୍ତ୍ରଣ କରିହୁଏ। ମାନବ ମସ୍ତିଷ୍କରେ କୋଟି କୋଟି ସ୍ନାୟୁକୋଷ ରହିଥିବା ବେଳେ, ଏହାର ଭିନ୍ନ ଗୋଷ୍ଠୀ ସ୍ମୃତି, ଭାବନା ଓ ଆଚରଣ ଭଳି ବିଭିନ୍ନ କାର୍ଯ୍ୟ ସହ ଜଡ଼ିତ । କେଉଁ ▶ପୃଷ୍ଠା-୭

## ୧୦ ହଜାର ଯାଏଁ ବଢ଼ିଲା ଇଣ୍ଡିଗୋ ବିମାନ ଭଡ଼ା

■ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଦେଶର ସର୍ବବୃହତ୍ ବିମାନ ସେବା କମ୍ପାନୀ ଇଣ୍ଡିଗୋରେ ଯାତ୍ରା ଏଣିକି ଆହୁରି ମହଙ୍ଗା ହେବ। ଅକ୍ଟୋବର ୬ ରାତି ୧୨ଟା ୦୧ ମିନିଟ୍‌ରୁ ଘରୋଇ ଉଡ଼ାଣ ଉପରେ ସର୍ବାଧିକ ୧୩୦୦ ଟଙ୍କା ଏବଂ ଅନ୍ତର୍ଜାତୀୟ ଉଡ଼ାଣ ଉପରେ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଫ୍ୟୁଏଲ୍ ଚାର୍ଜ ଲାଗୁ ହେବ। ଗତ ୬ ମାସ ମଧ୍ୟରେ ଇଣ୍ଡିଗୋ ତୃତୀୟ ଥର ପାଇଁ ଫ୍ୟୁଏଲ୍ ସରଚାର୍ଜ ବଢ଼ାଇଛି। ବିମାନ ଇନ୍ଧନ ଏଟିଏଫ୍ (ଏଭିଏସନ୍ ଟର୍ବାଇନ୍ ଫ୍ୟୁଏଲ୍) ଦର ବୃଦ୍ଧି ଯୋଗୁ ଏହି ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। ଅକ୍ଟୋବର ୧ରୁ ଘରୋଇ ବିମାନ କମ୍ପାନୀଗୁଡ଼ିକ ପାଇଁ ଏଟିଏଫ୍ ଦର ଲିଟର ପିଛା ୧୨୧ ଟଙ୍କାରୁ ବଢ଼ି ୧୩୭ ଟଙ୍କା ହୋଇଛି। ଅର୍ଥାତ୍ ଲିଟର ପିଛା ୧୬ ଟଙ୍କା ବା ପ୍ରାୟ ୧୩.୨% ବୃଦ୍ଧି ହୋଇଛି। ଗତ ୩ ମାସରେ ଏଟିଏଫ୍ ଦର ଲିଟର ପିଛା ୨୭.୨୮ ଟଙ୍କା ବଢ଼ିଛି। ଅଗଷ୍ଟରେ ୫ ଟଙ୍କା, ସେପ୍ଟେମ୍ବରରେ ୬.୨୮ ଟଙ୍କା ଏବଂ ଅକ୍ଟୋବରରେ ▶ପୃଷ୍ଠା-୭

**ଆଜିଠୁ ମହଙ୍ଗା ହେବ ଇଣ୍ଡିଗୋ ଟିକେଟ୍**
**ଘରୋଇ ଉଡ଼ାଣରେ ୧୩୦୦, ଅନ୍ତର୍ଜାତୀୟରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଫ୍ୟୁଏଲ୍ ଚାର୍ଜ**



# ଧରାପଡ଼ିଲା ଜ୍ଞାନେଶଙ୍କ ମିଛ

### ଫର୍ମ-୬ରେ ସଂଶୋଧନକୁ ଅନୁମତି ଦିଆଯାଇନି: ସୁପ୍ରିମକୋର୍ଟ



**କେନ୍ଦ୍ର ସରକାର ଓ ଇସିଆଇଙ୍କୁ ଅଦାଲତଙ୍କ ନୋଟିସ୍ ଜାରି**
**ନିର୍ବାଚନ କମିସନଙ୍କଠାରୁ ସମସ୍ତ ରେକର୍ଡ ତଲବ**
**ଆଇନସମ୍ମତ ହୋଇ ନଥିଲେ ରଦ୍ଦ ହେବ ନିଷ୍ପତ୍ତି**



■ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍‌କୁ ଅସ୍ତ୍ର କରି ୧୩ କୋଟି ଭୋଟରଙ୍କ ନାମ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସାରା ଦେଶରେ ଆନ୍ଦୋଳନ ତୀବ୍ର ହେଉଥିବା ବେଳେ ତାଙ୍କର ମିଛକୁ ଧରିଛନ୍ତି ସୁପ୍ରିମ କୋର୍ଟ। ଫର୍ମ-୬ରେ ବିବାଦୀୟ ସଂଶୋଧନକୁ ସୁପ୍ରିମ କୋର୍ଟ ଅନୁମୋଦନ ପ୍ରଦାନ କରିଥିଲେ ବୋଲି ଜ୍ଞାନେଶ ଯେଉଁ ଅପପ୍ରଚାର ଚଳାଇଥିଲେ ତାହାକୁ ସଂପୂର୍ଣ୍ଣ ମିଛ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ସଂଶୋଧନକୁ ଅନୁମତି ଦିଆଯାଇ ନାହିଁ। କୋର୍ଟ ଆହୁରି କହିଛନ୍ତି ଯେ ନିର୍ବାଚନ କମିସନ ଯାହାସବୁ ନିଷ୍ପତ୍ତି ନେଇଛନ୍ତି ତାହା ଆଇନସମ୍ମତ ହୋଇନଥିଲେ ସେଗୁଡ଼ିକୁ ରଦ୍ଦ କରିଦିଆଯିବ । ଏଭଳି କଡ଼ା ଟିପ୍ପଣୀ ସହିତ ନିର୍ବାଚନ କମିସନଙ୍କଠାରୁ ସମସ୍ତ ରେକର୍ଡ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ ।

ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ବିରୋଧ ସତ୍ତ୍ୱେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏକତରଫା ଭାବେ ଅନେକ ନିଷ୍ପତ୍ତି ନେଇଥିବାରୁ ତାଙ୍କୁ ସସ୍‌ପେଣ୍ଡ କରିବା ଲାଗି ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଆଜି ଏଭଳି କଡ଼ା ମନ୍ତବ୍ୟ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ । ବରିଷ୍ଠ ଆଡଭୋକେଟ୍ ବିକାଶ ସିଂହଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଉଭୟ କମିସନ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରିଛନ୍ତି । ଖଣ୍ଡପୀଠ କହିଲେ ଯେ ଆଇନ ଅନୁଯାୟୀ କମିସନରେ ନିଆଯାଉଥିବା ନିଷ୍ପତ୍ତି ସର୍ବସମ୍ମତ କିମ୍ବା ବହୁମତ ଆଧାରରେ ହେବା ଉଚିତ । କମିସନର କୌଣସି ନିଷ୍ପତ୍ତି ଯଦି ଆଇନ ଅନୁଯାୟୀ ନହୋଇଥିବ, ତାହାହେଲେ ତାହାକୁ ରଦ୍ଦ ▶ପୃଷ୍ଠା-୭

### ଜ୍ଞାନେଶଙ୍କୁ ରାହୁଲଙ୍କ 'ଫର୍ମ-୬' ତୀର



■ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି): ନୂଆ ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପୁଣି ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ ଅଭିଯୋଗ କରିଛନ୍ତି ଯେ ଫର୍ମ-୬ରେ ଅବୈଧ ଓ ଏକତରଫା ପରିବର୍ତ୍ତନ କରାଯାଇଛି । ଏଭଳି ସଂଶୋଧନ ପାଇଁ ସୁପ୍ରିମ କୋର୍ଟ ଅନୁମତି ଦେଇ ନାହାନ୍ତି ବୋଲି କହିବା ପରେ ରାହୁଲ କହିଛନ୍ତି ଯେ ଗଣତନ୍ତ୍ରକୁ ଧ୍ୱଂସ କରିବା ଲାଗି ଜ୍ଞାନେଶ ଯେଉଁ ଉଦ୍ୟମ କରୁଛନ୍ତି, ଏହା ହେଉଛି ତାହାର ଆଉ ଏକ ପ୍ରମାଣ। ସୁପ୍ରିମ କୋର୍ଟଙ୍କ ନାମରେ ମିଛ କହି ଜ୍ଞାନେଶ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି। କ୍ଷମତାରେ ରହିବା ଲାଗି ବିଜେପିକୁ ସାହାଯ୍ୟ କରିବା ପାଇଁ ସେ ଏଭଳି ଅନୈତିକ ଓ ଅସାମ୍ବିଧାନିକ କାମ କରିଛନ୍ତି। ଏହା ହେଉଛି ଗଣତନ୍ତ୍ରର ହତ୍ୟା ଏବଂ ▶ପୃଷ୍ଠା-୭

# ଆଜି ଘେରିବ ବିରୋଧୀ ମେଣ୍ଟ

### ସଂସଦ ଭବନରୁ ନିର୍ବାଚନ କମିସନ ଅଫିସକୁ ମହାରାଲି

■ ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଇଣ୍ଡିଆ ମେଣ୍ଟ ଡାକରାରେ ମିଳିତ ବିରୋଧୀ ଦଳ ଆସନ୍ତାକାଲି ମଇଦାନକୁ ଓହ୍ଲାଇବେ। ସେମାନେ ସଂସଦ ଭବନରୁ ବାହାରି ନିର୍ବାଚନ କମିସନ ଅଫିସ ଅଭିମୁଖେ ପଦଯାତ୍ରା କରିବେ। ଏଥିରେ କଂଗ୍ରେସ ସମେତ ମମତାଙ୍କ ଟିଏମସି, ଶିବ ସେନା (ଉଦ୍ଧବ), ସିପିଏମ, ଏନସିପି (ଶରଦ), ଆରଜେଡି ଏବଂ ଜେଏମଏମ୍‌ର ନେତାମାନେ ଭାଗ ନେବେ। ତେବେ ଏହି ପ୍ରତିବାଦରେ ସାମିଲ ହେବାକୁ କେଜ୍ରିୱାଲଙ୍କ ଆପ୍ ମନା କରିଦେଇଛି। ଏହାର ନେତା ସଂଜୟ ସିଂହ କହିଛନ୍ତି ତାଙ୍କ ଦଳ ଅନ୍ୟ ସଂଗଠନ ସହ ମିଶି ଗତ କିଛି ଦିନ ଧରି ଯନ୍ତରମନ୍ତରରେ ପ୍ରତିବାଦ ଆନ୍ଦୋଳନ ଜାରି ରଖିଛି।

ବିରୋଧୀ ଦଳଗୁଡ଼ିକର ପଦଯାତ୍ରା ପରିପ୍ରେକ୍ଷୀରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆନ୍ଦୋଳନକୁ ଆହୁରି ଜୋରଦାର କରିବା ଲାଗି କଂଗ୍ରେସ ଆଜି ରଣନୀତି ପ୍ରସ୍ତୁତ କରିଛି। ଆନ୍ଦୋଳନରେ ସମସ୍ତ ପିସିସି ସଭାପତି, ରାଜ୍ୟ ପ୍ରଭାରୀ ଓ ବିଭିନ୍ନ ଦଳୀୟ ଶାଖାର ସଭାପତିଙ୍କୁ ସାମିଲ ହେବାଲାଗି କୁହାଯାଇଛି।

### ପଦଯାତ୍ରାରେ ସାମିଲ ହେବ ବିଜେଡି

■ ଭୁବନେଶ୍ୱର, ୫।୧୦ (ସମିସ): ଏସ୍‌ଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ମନମୁଖୀ କାର୍ଯ୍ୟ, ସାରା ଦେଶରୁ ୧୩ କୋଟି ଭୋଟରଙ୍କ ନାମ କଟା ପ୍ରସଙ୍ଗକୁ ନେଇ ବିରୋଧୀଦଳଗୁଡ଼ିକ ପକ୍ଷରୁ ଆସନ୍ତାକାଲିର ପଦଯାତ୍ରାରେ ସାମିଲ ହେବ ବିଜେଡି। ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ସାଂସଦମାନେ ଏହି ପଦଯାତ୍ରାରେ ଯୋଗ ଦେବେ। ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସ୍‌ଆଇଆର୍ ପ୍ରସଙ୍ଗରେ ସିଇସିଙ୍କ ବିବାଦୀୟ ଭୂମିକାକୁ ନେଇ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ପୂର୍ବରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍‌ଆଇଆର ନାମରେ ଓଡ଼ିଶାରେ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ସମେତ ସାରା ଦେଶରେ ୧୩ କୋଟିରୁ ଅଧିକ ମତଦାତାଙ୍କୁ ବାଦ୍ ଦିଆଯିବା ସନ୍ଦେହ ସୃଷ୍ଟି କରିଥିବାବେଳେ ଧାମନଗରରେ ଘଟିଥିବା ଘଟଣା ଏହାକୁ ଦୃଢ଼ୀଭୂତ କରିଛି। ବିଏଲ୍‌ଓଙ୍କ ଅଜ୍ଞାତସାରରେ ଗୋଟିଏ ଅଞ୍ଚଳରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୨୨୭ ଭୋଟରଙ୍କ ନାମ କାଟିଦିଆଯିବା ଏସ୍‌ଆଇଆର୍ ଜାଲିଆତିକୁ ସ୍ପଷ୍ଟ କରିଦେଇଛି। କେବଳ ଧାମନଗର ବିଧାନସଭା କ୍ଷେତ୍ରରୁ ହଜାର ହଜାର ଭୋଟରଙ୍କୁ ମତଦାତା ସୂଚୀରୁ ବାଦ୍ ଦିଆଯାଇଛି। ଏହି ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ ଅନେକ ଦିଗକୁ ଇଙ୍ଗିତ କରିଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍‌ରେ ଫର୍ମ-୬ ପରିବର୍ତ୍ତନ ନେଇ ନିର୍ବାଚନ କମିସନଙ୍କ ସଫେଇକୁ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ ଭାବରେ ଖଣ୍ଡନ କରି ଏପରି ଅନୁମତି ଦିଆଯାଇ ନ ଥିବା କହିବା ପରେ ସିଇସି ଜ୍ଞାନେଶ କୁମାର ଭୋଟର ତାଲିକା ଜାଲିଆତିରେ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି। ବିଜେଡି କୌଣସି ରାଜନୈତିକ ମେଣ୍ଟର ସହଯୋଗୀ ନୁହେଁ ଏବଂ ଉଭୟ ଇଣ୍ଡିଆ ମେଣ୍ଟ ଓ ଏନ୍‌ଡିଏଠାରୁ ସମଦୂରତ୍ୱ ବଜାୟ ରଖି ଆସିଛି। ତେବେ ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ବିଜେଡି ଆସନ୍ତାକାଲିର ପଦଯାତ୍ରାରେ ସାମିଲ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

# ବାଜିଲା ନିର୍ବାଚନ ବିଗୁଲ୍; ତାତିଲା କ୍ୟାମ୍ପସ୍

### ୯ ତାରିଖରେ ନାମାଙ୍କନ ପାଇଁ ମାତ୍ର ୩ ଘଣ୍ଟା

■ଭୁବନେଶ୍ୱର, ୫।୧୦ (ସମିସ): ଶେଷରେ ରାଜ୍ୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ସରକାର। ସୋମବାର ଛାତ୍ର ସଂସଦ ନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ନେଇ ଘୋଷଣା କରିଛନ୍ତି। ତେବେ ନିର୍ବାଚନ ପାଇଁ ଆସନ୍ତା ୭ ତାରିଖ ବୁଧବାର ଦିନ ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଜ୍ଞପ୍ତି ଜାରି କରିବେ। ୯ ତାରିଖ ଶୁକ୍ରବାର ଦିନ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିପାରିବେ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖ ଶନିବାର ▶ପୃଷ୍ଠା-୭

**୧୫ରେ ନିର୍ବାଚନ, ୧୬ରେ ଶପଥ ଉତ୍ସବ**




**୭୫% ଉପସ୍ଥାନ ନ ଥିଲେ ହୋଇପାରିବେନି ପ୍ରାର୍ଥୀ**
**ଭାଗ ନେଇପାରିବେନି ସେଲ୍ଫ ଫାଇନାନ୍ସ ଛାତ୍ରଛାତ୍ରୀ**

### ଖଲ୍ଲିକୋଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

■ ବ୍ରହ୍ମପୁର, ୫ ।୧୦(ସମିସ): ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ପାଇଁ ବାଟ ଫିଟିଥିବା ବେଳେ ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏବେଠାରୁ ତାତି ବଢ଼ିବା ଆରମ୍ଭ କରିଛି। ନିର୍ବାଚନୀ ମାହୋଲ ଜମିବା ପୂର୍ବରୁ କ୍ୟାମ୍ପସରେ କେ ସାଇ କୁମାର ଓ ବିକ୍ରମ ଜେନା ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଶକ୍ତି ପ୍ରଦର୍ଶନ ଓ ମୁହାଁମୁହିଁ ପରିସ୍ଥିତି ପୁଲିସ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। କ୍ୟାମ୍ପସରେ ନିଜ ନିଜ ପତିଆରା ବଜାୟ ରଖିବାକୁ ଦୁଇ ଛାତ୍ର ଗୋଷ୍ଠୀ ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ପରସ୍ପର ମୁହାଁମୁହିଁ ହୋଇଥିବା ଦେଖିବାକୁ ▶ପୃଷ୍ଠା-୭



**ଉଭୟ ପକ୍ଷର ୯ ଅଟକ; କ୍ୟାମ୍ପସରେ ପୁଲିସ ପାଟ୍ରୋଲିଂ**

### ଓଲଟ ପାଲଟ



ଛାତ୍ର ସଂସଦ ନିର୍ବାଚନ ପାଇଁ
ଗଡ଼ି ଚାଲିଥିଲା ଦିନ,
ବିଗୁଲ ବାଜିଲା କଲେଜରେ ହେବ
ଏବେ ପୁଣି ନିର୍ବାଚନ।
ପ୍ରାର୍ଥୀମାନେ ସବୁ ନିର୍ବାଚନ ପାଇଁ
ସଜବାଜ ହୋଇଲେଣି,
ଭାଷଣ ମାଡ଼ରେ କ୍ୟାମ୍ପସ୍ କମ୍ପିବ
କଳିଜା ହୋଇବ ପାଣି।
କଲେଜ ହୋଇବ ଚଳଚଞ୍ଚଳ
ସରିଗଲେ ନିର୍ବାଚନ,
ରାଜ ନେତାଙ୍କର ଛାତି ଧଡ଼ପଡ଼
ଅସ୍ଥିର ହେଉଛି ମନ ॥
- ଯାଯାବର

### ପୁନର୍ବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ' ଲୋକାର୍ପିତ

# ରାଜ୍ୟରେ ସ୍ଥାପନ ହେବ ଫିଲ୍ମ ସିଟି: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୫।୧୦ (ସମିସ): ୨୦୨୭ ମସିହା ନଭେମ୍ବର ମାସ ପୂର୍ବରୁ ରାଜ୍ୟ ସରକାର ଆଣିବେ ନୂଆ ସିନେମା ନୀତି। ଏହାସହ କଟକସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶାର ନବକଳେବର କରାଯିବା ସହ ଏହାକୁ ଆହୁରି ବିକଶିତ କରାଯାଇ ଏଠାରେ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହେବ। ଏହାଦ୍ୱାରା ସିନେମାକୁ ନେଇ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଯୁବପିଢି ଉପକୃତ ହେବେ। ସେହିପରି ରାଜ୍ୟରେ ଏକ ଫିଲ୍ମ ସିଟି କରିବାର ମଧ୍ୟ ଲକ୍ଷ୍ୟ ରଖିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ପୁନର୍ବିକଶିତ ଓ ନବୀକୃତ 'କଳିଙ୍ଗ ଷ୍ଟୁଡିଓ'କୁ ଲୋକାର୍ପଣ କରିବା ସହ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ▶ପୃଷ୍ଠା-୭

**୨୦୨୭ ନଭେମ୍ବର ପୂର୍ବରୁ ରାଜ୍ୟରେ ନୂଆ ସିନେମା ନୀତି**






## ବିଶେଷ ଟିପ୍ପଣୀ



ଜୁନ୍ ମାସରେ ସିଜେପି ପ୍ରତିବାଦ ଦେଶରେ ଲକ୍ଷ ଲକ୍ଷ ବିଦ୍ରୋହ ସୃଷ୍ଟି କରିଛି। ଜ୍ଞାନେଶ କୁମାରଙ୍କ ଭୋଟ୍ ଚୋରି ସ୍ୱାଧୀନତା ପରବର୍ତ୍ତୀ ଭାରତର ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି। ଏହା ଆମ ଗଣତନ୍ତ୍ରର ମୂଳକୁ ଆଘାତ କରିଛି। ପ୍ରତିବାଦକୁ ଦମନ କରି ସେମାନଙ୍କର କାଠ କଣ୍ଢେଇ ଜ୍ଞାନେଶଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପ୍ରୟାସ ବୁମେରାଂ ହୋଇଛି ଏବଂ କେବଳ ଜନ ଆକ୍ରୋଶ କୁହୁଳିବାରେ ଲାଗିଛି।

*-ପ୍ରଶାନ୍ତ ଭୂଷଣ (ବରିଷ୍ଠ ଆଇନଜୀବୀ)*



ଭାରତର ନିର୍ବାଚନର ଆକାର ଏବଂ ସଫଳତା ଦେଶର ଶକ୍ତିକୁ ବିଦେଶରେ ପ୍ରଦର୍ଶିତ କରିବାରେ ଏକ ପ୍ରମୁଖ ବିଷୟ ଥିଲା। ଏବେ ଏହି ଗଣତାନ୍ତ୍ରିକ ପ୍ରତିଛବି କ୍ଷୁର୍ଣ୍ଣ ହୋଇଛି।

*- ଶିବ ଶଙ୍କର ମୁଖାର୍ଜୀ (ପୂର୍ବତନ କୂଟନୀତିଜ୍ଞ)*

## ଜେନ୍ Z

ଯଦି ଜ୍ଞାନେଶ କୁମାର, ସ୍ୱରାଷ୍ଟ୍ର ମନ୍ତ୍ରୀ ଇସ୍ତଫା ଦିଅନ୍ତି, ତେବେ ଭାରତ ସ୍ୱାଧୀନତା ଅପେକ୍ଷା ଅଧିକ ଉତ୍ସବ ମୁଖର ହେବ।

- ସନ୍ନି ସନ୍ନି @Sunnysunny2232

# ମହାରାଷ୍ଟ୍ରରେ ପାଣି କଟକଣା



## ଅକ୍ଟୋବର ୧୬ ରୁ ୧୦% ଜଳକାଟ୍

ମୁମ୍ବଇ, ୫।୧୦(ଏଜେନ୍ସି): ନିଅଣ୍ଟିଆ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ସାରା ଦେଶରେ ଦେଖାଦେଇଛି। କିନ୍ତୁ ମହାରାଷ୍ଟ୍ରରେ ଏହାର ପ୍ରଭାବରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ପରିସ୍ଥିତିର ମୁକାବିଲା କରିବା ପାଇଁ ମହାରାଷ୍ଟ୍ର ସରକାର ଅକ୍ଟୋବର ୧୬ ରୁ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅତି କମ୍‌ରେ ୧୦% ଜଳକାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ଗ୍ରାମ ପଞ୍ଚାୟତକୁ ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରିବା ସହ ଜଳ ଲିକେଜ୍ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ କୁହାଯାଇଛି। ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ ଜଳର ଯୋଜନା ପ୍ରସ୍ତୁତ କରାଯାଇଛି। ସେଥିରେ ପାନୀୟ ଜଳକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ୨୦୨୬ ଖରିଫ ଋତୁରେ ବର୍ଷା ଅଭାବ ଯୋଗୁଁ ରାଜ୍ୟର ୨୬୫ଟି ତାଲୁକରେ ମରୁଡ଼ି ପରିସ୍ଥିତି ଘୋଷଣା କରାଯାଇଛି। ତେଣୁ ପ୍ରତ୍ୟେକ ଡ୍ୟାମରେ ୧୦% ଅତିରିକ୍ତ ଜଳ ଜରୁରୀକାଳୀନ ପରିସ୍ଥିତି ପାଇଁ ଗଚ୍ଛିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜଳ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ପାଇପ୍ ଲିକ୍ ରୋକିବା ସହ ପରିଶୋଧିତ ବର୍ଜ୍ୟଜଳକୁ ବଗିଚା, ନିର୍ମାଣ ଓ ଧୋଇବା କାର୍ଯ୍ୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପସଂସ୍ଥାଗୁଡ଼ିକୁ ସେମାନଙ୍କ ବ୍ୟବହୃତ ଜଳର ଅତିକମରେ ୩୦% ପୁନଃବ୍ୟବହାର (ରିସାଇକେଲ) କରିବା ବାଧ୍ୟତାମୂଳକ କରାଯାଇଛି। ପାନୀୟ ଜଳ, ଗୋପାଳନ ଆବଶ୍ୟକତା ପୂରଣ ହେବା ପରେ ହିଁ କୃଷି ଓ ଜଳସେଚନ ପାଇଁ ପାଣି ଛଡ଼ାଯିବ। ସେଥିରେ ରବି ଖାଦ୍ୟଶସ୍ୟ ଫସଲକୁ ପ୍ରାଥମିକତା ମିଳିବ। ଡ୍ୟାମ୍, ନଦୀ ଓ କେନାଲରୁ ବେଆଇନ ଜଳ ଉତ୍ତୋଳନ ରୋକିବା ପାଇଁ ମିଳିତ ପାଟ୍ରୋଲିଂ ଟିମ୍ ନିୟୋଜିତ କରାଯିବ। ମରୁଡ଼ି ପରିସ୍ଥିତି ନ ହେବାକୁ ଚେଷ୍ଟା ସ୍ୱରୂପ ସରକାର ନାଗରିକମାନଙ୍କୁ ଜଳର ସଦୁପଯୋଗ କରିବାକୁ ଅପିଲ୍ କରିଛନ୍ତି।

# ମହାତ୍ମା ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ ରିଲ୍ସ: ସୁରତରେ ମହିଳା ଗିରଫ




ସୁରତ, ୫।୧୦(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ଛବି ଥିବା ୫୦୦ ଟଙ୍କିଆ ନୋଟ୍‌କୁ ନେଇ କଥିତ ଭାବେ ଆପତ୍ତିଜନକ ରିଲ୍ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଅଭିଯୋଗରେ ସୁରତ ସାଇବର କ୍ରାଇମ୍ ପୁଲିସ ଜଣେ ୪୭ ବର୍ଷୀୟ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ନାମ ସିମରନ ପଟେଲ ବୋଲି ପୁଲିସ କହିଛି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ପ୍ରାୟ ୧୦ ଲକ୍ଷ ଅନୁସରଣକାରୀ ଥିବା ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ସିମରନ ଅକ୍ଟୋବର ୧ରେ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଖାତାରେ ଏହି ରିଲ୍ ପୋଷ୍ଟ କରିଥିଲେ। ପରେ ଜଣେ ନାଗରିକ ଏନେଇ ପୁଲିସରେ ଅଭିଯୋଗ କରିଥିଲେ। ସାଇବର କ୍ରାଇମ୍ ଶାଖାର ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ରିଲ୍‌ରେ ମହାତ୍ମା ଗାନ୍ଧୀଙ୍କ ଛବିକୁ କଥିତ ଭାବେ ଅଶ୍ଳୀଳ ଢଙ୍ଗରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆପତ୍ତିଜନକ ମନ୍ତବ୍ୟ ଓ ଯୌନ ସଂକେତ ଥିବା ମଧ୍ୟ ପୁଲିସ ଅଭିଯୋଗ କରିଛି। ଏହି ମାମଲାରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୭ ଅନୁଯାୟୀ ମାମଲା ରୁଜୁ କରି ସିମରନଙ୍କୁ ଗିରଫ କରାଯାଇଛି। ଆପତ୍ତିଜନକ କିମ୍ବା ମିଥ୍ୟା ତଥ୍ୟର ପ୍ରସାର ନ କରିବାକୁ ପୁଲିସ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ଅପିଲ କରିଛି।

# ଗିରଫ ହେବେ କକ୍ରୋଚ୍ ନେତା!

## 'ଅକ୍ଟୋବର ୧୦' ଭଣ୍ଡୁର ପାଇଁ ଚାଲିଛି ଚକ୍ରାନ୍ତ



ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ପ୍ରସ୍ତାବିତ ବିକ୍ଷୋଭ ପୂର୍ବରୁ ନିଜ ସମେତ ଦଳର ଅନ୍ୟ କିଛି ନେତାଙ୍କୁ ଗିରଫ କରାଯାଇପାରେ ବୋଲି ଦାବି କରିଛନ୍ତି କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ମୁଖପାତ୍ର ସୌରଭ ଦାସ। ତେବେ, ଏହି ଦାବି ସମ୍ପର୍କରେ ସରକାର କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ଦାସଙ୍କ ଅନୁସାରେ, ଦଳର ପ୍ରତିଷ୍ଠାତା ଅଭିଜିତ ଦିପକେ, ଆଶୁତୋଷ ରଙ୍କା ଓ ଅନ୍ୟ କିଛି ନେତାଙ୍କୁ ମଧ୍ୟ ଗିରଫ କରିବା ଯୋଜନା ଥିବା ସୂଚନା ମିଳିଛି। ରବିବାର ବିଳମ୍ବିତ ରାତିରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଦାସ କହିଛନ୍ତି ଯେ, ଏପରି ପଦକ୍ଷେପ ଆନ୍ଦୋଳନକୁ ରୋକିପାରିବ ନାହିଁ। ତାଙ୍କ ମତରେ, ଯୁବପିଢ଼ି ନିଜ ଅଧିକାର ଓ ଭବିଷ୍ୟତ ପାଇଁ ସଂଗ୍ରାମ ଜାରି ରଖିବ। ଅକ୍ଟୋବର ୧୦ର ବିକ୍ଷୋଭରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯିବ ବୋଲି ସିଜେପି ପକ୍ଷରୁ କୁହାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ଦଳ ପକ୍ଷରୁ ଅନିୟମିତତା ଅଭିଯୋଗ ଉଠାଯାଇଛି। ସିଜେପି ପ୍ରତିଷ୍ଠାତା ଦିପକେ ମଧ୍ୟ ଗିରଫ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗିରଫ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦଳକୁ ବିକ୍ଷୋଭରୁ ପଛକୁ ହଟାଇପାରିବ ନାହିଁ। ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ) କିମ୍ବା ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ମାମଲା ହେଲେ ମଧ୍ୟ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜାରି ରଖିବେ ବୋଲି ଦିପକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ରଙ୍କା ମଧ୍ୟ ଦାବି କରିଛନ୍ତି ଯେ, ତାଙ୍କ ସମେତ ଦିପକେ ଓ ସୌରଭ ଦାସଙ୍କୁ ଅକ୍ଟୋବର ୧୦ ପୂର୍ବରୁ ଏନ୍‌ଏସ୍‌ଏ କିମ୍ବା ଅନ୍ୟ ସମାନ ଆଇନ ଅଧୀନରେ ଗିରଫ କରାଯାଇପାରେ ବୋଲି ତାଙ୍କୁ ବିଭିନ୍ନ ସୂତ୍ରରୁ ସୂଚନା ମିଳିଛି। ତେବେ ସେ ଗିରଫକୁ ନେଇ ଭୟଭୀତ ନୁହେଁ ବୋଲି କହିଛନ୍ତି।

### ୟୁପି ରାଜ୍ୟସଭା ନିର୍ବାଚନ

# ବିଜେପି ତାଲିକାରୁ ବାଦ୍ ପଡ଼ିଲେ କେନ୍ଦ୍ରମନ୍ତ୍ରୀ ହର୍‌ଦୀପ୍ ପୁରୀ

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଉତ୍ତରପ୍ରଦେଶରୁ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ସୋମବାର ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏଥିରେ କୌଣସି ବର୍ତ୍ତମାନର ରାଜ୍ୟସଭା ସାଂସଦଙ୍କୁ ପୁନର୍ବାର ସୁଯୋଗ ଦିଆଯାଇନାହିଁ। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ବିଏଲ୍ ବର୍ମାଙ୍କ ସମେତ ୮ ଜଣ ବର୍ତ୍ତମାନର ସାଂସଦ ତାଲିକାରୁ



ବାଦ ପଡ଼ିଛନ୍ତି। ଦଳ ପକ୍ଷରୁ ଧର୍ମପାଳ ସିଂହ, ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀକୃଷ୍ଣ ପାଣ୍ଡେ , ପ୍ରିୟଙ୍କା ସିଂହ ରାୱତ, ରାମ ପ୍ରତାପ ସିଂହ ଚୌହାନ ଓ ଶ୍ରୁତି ଗଙ୍ଗୱାରଙ୍କୁ ପ୍ରାର୍ଥୀ କରାଯାଇଛି। ବାଦ ପଡ଼ିଥିବା ଅନ୍ୟ ନେତାଙ୍କ ମଧ୍ୟରେ ଅରୁଣ ସିଂହ, ସୀମା ଦ୍ୱିବେଦୀ, ନୀରଜ ଶେଖର, ବ୍ରିଜଲାଲ ଓ ଗୀତା ଶାକ୍ୟ ରହିଛନ୍ତି। ଦିନେଶ ଶର୍ମା ପୂର୍ବରୁ ଉତ୍ତରପ୍ରଦେଶରୁ ରାଜ୍ୟସଭା ସଦସ୍ୟ ଥିଲେ; ବର୍ତ୍ତମାନ ସେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଉପରାଜ୍ୟପାଳ ଅଛନ୍ତି। ନୂଆ ତାଲିକାରେ ତିନିଜଣ ଓବିସି, ଦୁଇଜଣ ଅନୁସୂଚିତ ଜାତି ଓ ତିନିଜଣ ସାଧାରଣ ବର୍ଗର ପ୍ରାର୍ଥୀ ଅଛନ୍ତି। ଦୁଇଜଣ ମହିଳାଙ୍କୁ ମଧ୍ୟ ଟିକେଟ୍ ମିଳିଛି। ଓବିସି ପ୍ରାର୍ଥୀମାନେ ଲୋଧି, ପାଲ ଓ କୁର୍ମି ସମ୍ପ୍ରଦାୟରୁ ଆସିଛନ୍ତି। ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ବାରାବଙ୍କି ଲୋକସଭା ସାଂସଦ ପ୍ରିୟଙ୍କା ସିଂହ ରାୱତ ଓ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ଝିଅ ଶ୍ରୁତି ଗଙ୍ଗୱାର ଅଛନ୍ତି। ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ଭୋଟ୍ ହେବ। ବିଧାନସଭାରେ ଦଳଗୁଡ଼ିକର ସଂଖ୍ୟାବଳ ଅନୁସାରେ ବିଜେପି ୮ଟି ଏବଂ ସମାଜବାଦୀ ପାର୍ଟି ୨ଟି ଆସନ ଜିତିବାର ସମ୍ଭାବନା ଥିବା ରିପୋର୍ଟରେ କୁହାଯାଇଛି। ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆ ତାଲିକାରେ ସାମାଜିକ ଓ ସାଂଗଠନିକ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦିଆଯାଇଥିବା ଦଳୀୟ ସୂତ୍ରକୁ ନେଇ ରିପୋର୍ଟରେ ଉଲ୍ଲେଖ ରହିଛି।

# ବେଆଇନ ଭୋଟ୍‌କାଟ୍ ଗଣତନ୍ତ୍ର ପାଇଁ ବିପଦ: ଜଷ୍ଟିସ ନରିମାନ୍



ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ବହୁସଂଖ୍ୟକ ନାମ ବାଦ ପଡ଼ିବାକୁ ନେଇ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରୋହିଣ୍ଟନ ଫାଲି ନରିମନ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମତଦାନର ଅଧିକାର ଗଣତନ୍ତ୍ରର ମୂଳ ଆଧାର ହୋଇଥିବାବେଳେ ଭୋଟର ତାଲିକାରୁ ଲୋକଙ୍କୁ 'ବେଆଇନ ଭାବେ' ବାଦ ଦେବା ଏହି ଅଧିକାରକୁ ବିପଦରେ ପକାଉଛି। ରବିବାର ରାଜକୋଟର ରାଜକୁମାର କଲେଜରେ 'ସମ୍ବିଧାନ ଓ ସାଧାରଣ ନାଗରିକ' ଶୀର୍ଷକ ଆଲୋଚନାରେ ଯୋଗଦେଇ ନରିମାନ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀ ଓ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ସେ ଆଶା ପ୍ରକାଶ କରିଛନ୍ତି ଯେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଆବଶ୍ୟକ ସୁଧାର ଆଣିବେ। ପଶ୍ଚିମବଙ୍ଗର ଏସ୍‌ଆଇଆର୍ ପ୍ରସଙ୍ଗ ଉଠାଇ ନରିମାନ କହିଛନ୍ତି ଯେ ପ୍ରାୟ ୯୦ ଲକ୍ଷ ମତଦାତା ଭୋଟ ଅଧିକାରରୁ ବଞ୍ଚିତ ହୋଇଥିଲେ। ତାଙ୍କ ଅନୁଯାୟୀ, ଏମାନଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଲୋକ ନାମ ବାଦ ଦିଆଯିବା ବିରୋଧରେ ଆବେଦନ କରିଥିଲେ। ପ୍ରାୟ ୧ ଲକ୍ଷ ଆବେଦନର ନିଷ୍ପତ୍ତି ହୋଇଥିବାବେଳେ ସେଥିରୁ ପ୍ରାୟ ୯୩ ପ୍ରତିଶତ ମାମଲାରେ ମତଦାତାଙ୍କ ସପକ୍ଷରେ ନିଷ୍ପତ୍ତି ହୋଇଥିବା ସେ ଦାବି କରିଛନ୍ତି। ନରିମାନଙ୍କ ମତରେ, ଯଦି ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ଭୁଲ୍ ଭାବେ ବାଦ ପଡ଼େ, ତେବେ ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇପାରେ। ଏହି କାରଣରୁ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଓ ଜବାବଦେହିତା ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେହିପରି, ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ମଧ୍ୟ ନରିମାନ ପ୍ରଶ୍ନ ଉଠାଇଛନ୍ତି।

# ସୁପ୍ରିମକୋର୍ଟରେ ଆଉ ୩ ନୂଆ ବିଚାରପତିଙ୍କୁ ନିଯୁକ୍ତି



ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ସୁପ୍ରିମକୋର୍ଟରେ ଆଉ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ସରକାର ସୋମବାର ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ଜାରି କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମ୍ ସେପ୍ଟେମ୍ବର ୨୮ ରେ କରିଥିବା ସୁପାରିସ ଆଧାରରେ ଏହି ନିଯୁକ୍ତି ଦିଆଯାଇଛି। ନୂଆ ନିଯୁକ୍ତି ପରେ ସର୍ବୋଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ସଂଖ୍ୟା ୩୭କୁ ବୃଦ୍ଧି ପାଇବ। ନୂଆ ନିଯୁକ୍ତ ବିଚାରପତିମାନେ ହେଲେ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅପରେଶ କୁମାର ସିଂହ। ସୁପ୍ରିମକୋର୍ଟର ଅନୁମୋଦିତ ବିଚାରପତି ପଦ ସଂଖ୍ୟା ୩୮। ତେଣୁ ତିନି ଜଣଙ୍କ ନିଯୁକ୍ତି ପରେ ମାତ୍ର ଗୋଟିଏ ପଦ ଖାଲି ରହିବ। ଜଷ୍ଟିସ୍ ସୁନୀତା ଅଗ୍ରୱାଲଙ୍କ ନିଯୁକ୍ତି ମଧ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି। ସେ ସୁପ୍ରିମକୋର୍ଟରେ ଯୋଗଦେଲେ ବର୍ତ୍ତମାନର ବିଚାରପତି ବି.ଭି. ନାଗରତ୍ନା ଓ ଭି. ମୋହନାଙ୍କ ସହ ସର୍ବୋଚ୍ଚ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୩ ହେବ।

# ୪ ରାଜ୍ୟରେ ଉପନିର୍ବାଚନ ଆଜି; ମମତାଙ୍କ ପାଇଁ ଅଗ୍ନିପରୀକ୍ଷା

କୋଲକାତା, ୫।୧୦(ଏଜେନ୍ସି): ପଶ୍ଚିମବଙ୍ଗ ସମେତ ଆସନ୍ତାକାଲି ୪ଟି ରାଜ୍ୟରେ ଉପନିର୍ବାଚନ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗର ୨ଟି ବିଧାନସଭା ଆସନ ସହ ତାମିଲନାଡୁର ୨ଟି, ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଏବଂ ଆସାମର ଗୋଟିଏ ଲୋକସଭା ଆସନ ପାଇଁ ମତଦାନ ହେବ। ସମସ୍ତ ଆସନର ଫଳାଫଳ ଅକ୍ଟୋବର ୯ରେ ପ୍ରକାଶ ପାଇବ। ପଶ୍ଚିମବଙ୍ଗର ନିର୍ବାଚନ ଏଥର ବିଶେଷ ଗୁରୁତ୍ୱ ବହନ କରୁଛି। ୧୫ ବର୍ଷ ପରେ ପ୍ରଥମଥର ପାଇଁ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ, ବିଧାୟକ କିମ୍ବା ପ୍ରାର୍ଥୀ ନଥିବା ସ୍ଥିତିରେ ଏହି ଉପନିର୍ବାଚନ ସାମ୍ନା କରୁଛନ୍ତି। ଚଳିତ ବର୍ଷ ମେ'ରେ ଘୋଷିତ ବିଧାନସଭା ଫଳାଫଳରେ ଟିଏମ୍‌ସି କ୍ଷମତା ହରାଇଥିବା ସହ ମମତା ମଧ୍ୟ ନିଜ ଆସନରୁ ପରାଜିତ ହୋଇଥିଲେ। ନନ୍ଦୀଗ୍ରାମରେ ଟିଏମ୍‌ସି ପ୍ରାର୍ଥୀ ସଞ୍ଜିତା ପ୍ରଧାନ ନାମାଙ୍କନ ପ୍ରତ୍ୟାହାର କରିବା ପରେ ମମତା କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ସମର୍ଥନ କରୁଛନ୍ତି। ଅନ୍ୟପକ୍ଷରେ ବିଜେପି ଚନ୍ଦ୍ରନାଥ ରଥଙ୍କ ମା'ଙ୍କୁ ପ୍ରାର୍ଥୀ କରିଛି। ରଥଙ୍କୁ ମେ' ୬ରେ ହତ୍ୟା କରାଯାଇଥିଲା। ରେଜିନଗରରେ ମଧ୍ୟ ଟିଏମ୍‌ସି, ବିଜେପି, କଂଗ୍ରେସ, ସିପିଆଇ(ଏମ୍) ସହ ଅନ୍ୟ ଦଳର ପ୍ରାର୍ଥୀ ମଇଦାନରେ ଅଛନ୍ତି। ତାମିଲନାଡୁର ମଦୁରାନ୍ତକମ୍ ଓ ଧରାପୁରମ୍, ପୁଡୁଚେରୀର ଠାଟ୍ଟାନଚାଭାଡି ଏବଂ ଆସାମର ଗୋଟିଏ ଲୋକସଭା ଆସନରେ ମଧ୍ୟ ଉପନିର୍ବାଚନ ହେବ।

# ଧରାପଡ଼ିଲେ ଡିଜିସିଏ ଅଧିକାରୀ

ଚେନ୍ନାଇ, ୫।୧୦(ଏଜେନ୍ସି): ବିମାନର ଏୟାରୱର୍ଥିନେସ୍ ସାର୍ଟିଫିକେସନ୍ ସମ୍ପର୍କିତ ମାମଲାରେ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଡିଜିସିଏର ଜଣେ ଉପନିର୍ଦ୍ଦେଶକ ଓ ଏକ ଘରୋଇ ବିମାନ କମ୍ପାନୀର ନିର୍ଦ୍ଦେଶକଙ୍କୁ ସିବିଆଇ ଗିରଫ କରିଛି। ତାମିଲନାଡୁରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି। ଗିରଫ ଡିଜିସିଏ ଅଧିକାରୀ ହେଉଛନ୍ତି ଚେନ୍ନାଇରେ ନିଯୁକ୍ତ ଉପନିର୍ଦ୍ଦେଶକ (ଏୟାରୱର୍ଥିନେସ୍) ସୁଶୀଲ କୁମାର ଗର୍ଗ। ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଧରାପଡ଼ିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ଏକ୍ସି ଏୟାର ଟ୍ରେନିଂ ଅର୍ଗାନାଇଜେସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସଚିନ କେଶବ ଭାନେଙ୍କୁ ମଧ୍ୟ ଗିରଫ କରାଯାଇଛି। ସିବିଆଇର ସୂଚନା ଅନୁଯାୟୀ, ଘରୋଇ କମ୍ପାନୀ ପକ୍ଷରୁ ପରିଚାଳିତ ବିମାନଗୁଡ଼ିକର ଏୟାରୱର୍ଥିନେସ୍ ସାର୍ଟିଫିକେସନ୍‌ରେ ଅନୁଚିତ ସୁବିଧା ଦେବା ପାଇଁ ଗର୍ଗ ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଛି।

# ଘୃଣାଭାଷଣ ଦେଇଥିବା ନେତାଙ୍କ ବିରୋଧରେ ଏଫ୍‌ଆଇଆର୍ ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ୨୦୨୦ ମସିହାର ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ସହ ଜଡ଼ିତ କଥିତ ଘୃଣାଭାଷଣ ମାମଲାରେ ରାଜନେତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ଓ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ତଦନ୍ତ ଦାବି କରି ଦାଖଲ ହୋଇଥିବା ୧୫ଟି ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି। ସୋମବାର ଜଷ୍ଟିସ୍ ବିବେକ ଚୌଧୁରୀ ଓ ଜଷ୍ଟିସ୍ ମନୋଜ ଜୈନଙ୍କ ଖଣ୍ଡପୀଠ ଏହି ଆବେଦନଗୁଡ଼ିକର ଶୁଣାଣି କରିଥିଲେ। ୨୦୨୦ରେ ଦଙ୍ଗା ପରେ ଦାଖଲ ହୋଇଥିବା ଏହି ଆବେଦନଗୁଡ଼ିକରେ ନାଗରିକତା ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜି (ଏନ୍‌ଆର୍‌ସି) ବିରୋଧୀ ଆନ୍ଦୋଳନ ସମୟରେ କେତେକ ରାଜନେତାଙ୍କ ଭାଷଣ ହିଂସାକୁ ଉସୁକାଇଥିବା ଅଭିଯୋଗ କରାଯାଇଥିଲା। ଏଥିସହ ଦଙ୍ଗା ସମୟରେ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗ ଥିବା କିଛି ପୁଲିସ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ଶେଖ ମୁଜତବାଙ୍କ ପକ୍ଷରୁ ଦାଖଲ ଏକ ଆବେଦନରେ ବିଜେପି ନେତା କପିଳ ମିଶ୍ର, ଅନୁରାଗ ଠାକୁର, ପରବେଶ ବର୍ମା ଓ ଅଭୟ ବର୍ମାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦାବି ହୋଇଥିଲା। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ, ଏହି ନେତାମାନଙ୍କ କେତେକ ଭାଷଣ ଦଙ୍ଗା ପୂର୍ବରୁ ଉତ୍ତେଜନା ସୃଷ୍ଟି କରିଥିଲା। ଦଙ୍ଗା ପୂର୍ବରୁ ଏକ ସଭାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିରୋଧୀ ପ୍ରଦର୍ଶନକାରୀଙ୍କୁ ନେଇ ଏକ ଆପତ୍ତିଜନକ ସ୍ଲୋଗାନ୍ ଦେବାକୁ ଲୋକଙ୍କୁ ଉତ୍ସାହିତ କରିଥିବା ଅଭିଯୋଗ ଆବେଦନରେ ଉଲ୍ଲେଖ ହୋଇଥିଲା। ସେହିପରି ପରବେଶ ବର୍ମାଙ୍କ ଏକ ବକ୍ତବ୍ୟକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା।

# ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ରୋକିବାକୁ କଠୋର ପଦକ୍ଷେପ ନେଉ ପୁଲିସ

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ନାବାଳିକାଙ୍କ ସହ ସମ୍ପ୍ରତି ଘଟିଥିବା ୩ଟି ଗଣଦୁଷ୍କର୍ମ ଘଟଣାକୁ ନେଇ ସୁପ୍ରିମକୋର୍ଟ କଠୋର ମନୋଭାବ ପ୍ରକାଶ କରିଛନ୍ତି। କେବଳ କାଗଜପତ୍ରରେ ପଦକ୍ଷେପ ଦର୍ଶାଇଲେ ହେବନାହିଁ, ପୁଲିସକୁ ଆବଶ୍ୟକ ହେଲେ କଠୋର ପଦକ୍ଷେପ ନେବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଏହି ୩ ଘଟଣା ସମ୍ପର୍କରେ କୋର୍ଟ ନିଜଆଡ଼ୁ ମାମଲା ଗ୍ରହଣ କରି ଦିଲ୍ଲୀ ପୁଲିସ ଓ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଛନ୍ତି। ଅଗଷ୍ଟ ୪ରେ ଗ୍ରେଟର ନୋଏଡାରୁ ଦିଲ୍ଲୀ ଆସୁଥିବା ବସ୍‌ରେ ୧୬ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗ ହୋଇଥିଲା। ସେହିପରି ସେପ୍ଟେମ୍ବର ୧୨ରେ ସ୍ୱରୂପ ନଗରରେ ୧୬ ବର୍ଷୀୟାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଆସିଥିଲା। ସେପ୍ଟେମ୍ବର ୨୧ରେ ଆସ୍ଥା କୁଞ୍ଜ ପାର୍କରେ ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ନକଲି ପୁଲିସ ସାଜିଥିବା ୩ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସାର୍ବଜନୀନ ସ୍ଥାନଗୁଡ଼ିକୁ ଅନ୍ଧାର, ନିରୀକ୍ଷଣ ଅଭାବ ଓ ପାଟ୍ରୋଲିଂର ଅଭାବ ଯୋଗୁଁ 'ବିପଦପ୍ରବଣ ଅଞ୍ଚଳ'ରେ ପରିଣତ ହେବାକୁ ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଅପରାଧ ରୋକିବାରେ ବିଫଳ ଅଧିକାରୀଙ୍କ ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି କୋର୍ଟ ମତ ଦେଇଛନ୍ତି।

# ରୁଷିଆରେ ବ୍ୟାପୁଛି 'ପ୍ଲେଗ୍': ଲାବ୍ ଗବେଷକଙ୍କ ମୃତ୍ୟୁ ପରେ ସଂଗରୋଧରେ ୨୦୦



ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ସାଇବେରିଆର ଏକ ଆଣ୍ଟି-ପ୍ଲେଗ୍ ଗବେଷଣା ପ୍ରତିଷ୍ଠାନର ୨୮ ବର୍ଷୀୟ ମହିଳା ଗବେଷକଙ୍କ ଗୁରୁତର ନିମୋନିଆରେ ମୃତ୍ୟୁ ପରେ ରୁଷିଆରେ ପ୍ରାୟ ୨୦୦ ଜଣଙ୍କୁ ଚିକିତ୍ସା ନିରୀକ୍ଷଣରେ ରଖାଯାଇଛି। ତେବେ ଏହା ପ୍ଲେଗ୍ ଯୋଗୁ ହୋଇଥିବା କିମ୍ବା ଦେଶରେ କୌଣସି ବ୍ୟାପକ ପ୍ଲେଗ୍ ସଂକ୍ରମଣ ହୋଇଥିବା ନେଇ ଅଧିକାରୀମାନେ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାନ୍ତି। ରିପୋର୍ଟ ଅନୁସାରେ ମୃତ ଗବେଷକଙ୍କ ନାମ ଦାର୍ୟା ସିପିଲୋଭା। ସେ ଇରକୁତ୍‌ସ୍କ ଆଣ୍ଟି-ପ୍ଲେଗ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଥିଲେ। ସେପ୍ଟେମ୍ବର ୨୯ରେ ଗୁରୁତର ନିମୋନିଆ ନେଇ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭେଣ୍ଟିଲେଟରରେ ରଖାଯାଇଥିଲେ ମଧ୍ୟ ଦୁଇ ଦିନ ପରେ ତାଙ୍କ ମୃତ୍ୟୁ ହୋଇଥିଲା। ରୁଷିଆର ଜନସ୍ୱାସ୍ଥ୍ୟ ନିରୀକ୍ଷଣ ସଂସ୍ଥା ରୋସପୋଟ୍ରେବନାଡଜୋର କହିଛି, ରୋଗର କାରଣ ଏପର୍ଯ୍ୟନ୍ତ ଅଜଣା ଏବଂ ତାଙ୍କ ଶରୀରରେ ଗବେଷଣା କାର୍ଯ୍ୟ ସହ ଜଡ଼ିତ କୌଣସି ଜୀବାଣୁ ମିଳିନାହିଁ। ତେବେ ରିପୋର୍ଟ ଅନୁସାରେ, ଗବେଷକ ଜଣକ ଏକ କ୍ଷେତ୍ର ଅଭିଯାନ ସମୟରେ ଜୀବନ୍ତ ଜୀବାଣୁ ଥିବା ଏକ ଟେଷ୍ଟ ଟ୍ୟୁବ୍ ଦୁର୍ଘଟଣାବଶତଃ ଭାଙ୍ଗିଯାଇଥିବା କଥା ଚିକିତ୍ସକଙ୍କୁ କହିଥିଲେ। ଏହି ଘଟଣା ଯୋଗୁ ଲାବରେଟୋରିରେ ସମ୍ଭାବ୍ୟ ସଂକ୍ରମଣ ନେଇ ପ୍ରଶ୍ନ ଉଠିଛି। ତେବେ ଏହି ଦାବିର ସ୍ୱାଧୀନ ପୁଷ୍ଟି ହୋଇନାହିଁ। ଗବେଷକଙ୍କ ସହ ସମ୍ପର୍କରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ପ୍ରାୟ ୨୦୦ ଜଣଙ୍କୁ ନିରୀକ୍ଷଣରେ ରଖାଯାଇଛି। ଅଧିକାରୀଙ୍କ ଅନୁସାରେ, ଏପର୍ଯ୍ୟନ୍ତ କାହାଠାରେ ଲକ୍ଷଣ ଦେଖାଯାଇନାହିଁ ଏବଂ ପରୀକ୍ଷା ଫଳାଫଳ ମଧ୍ୟ ନେଗେଟିଭ୍ ରହିଛି। ଅଞ୍ଚଳର ଏକ ଆଲୁମିନିୟମ କାରଖାନା କର୍ମଚାରୀଙ୍କୁ ସତର୍କତାମୂଳକ ଭାବେ ମାସ୍କ ପିନ୍ଧିବାକୁ କହିଛି। ଏହି ଘଟଣାକୁ ନେଇ ପ୍ଲେଗ୍ ଆଶଙ୍କା ଉଠିଥିଲେ ମଧ୍ୟ ରୁଷିଆ ସରକାର ଏପର୍ଯ୍ୟନ୍ତ ଏହାକୁ ପ୍ଲେଗ୍ ମାମଲା ବୋଲି ନିଶ୍ଚିତ କରିନାହାନ୍ତି। ବୁରିଆତିଆ ଅଞ୍ଚଳର ମୁଖ୍ୟ ଆଲେକ୍‌ସେଇ ସିଡେନୋଭ୍ କହିଛନ୍ତି, ମହିଳାଙ୍କ ମୃତ୍ୟୁ ସମ୍ଭବତଃ ପ୍ଲେଗ୍ ଯୋଗୁ ହୋଇଥାଇପାରେ। କିନ୍ତୁ ସେହି ଅଞ୍ଚଳରେ ପ୍ଲେଗ୍‌ର କୌଣସି ବ୍ୟାପକ ସଂକ୍ରମଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଘଟଣା ପରେ ରୁଷିଆର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଆନ୍ନା ପୋପୋଭା ସାଇବେରିଆ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ଭରସା କରିବାକୁ ଅପିଲ୍ କରିଛି। ବିଶେଷଜ୍ଞଙ୍କ ଅନୁସାରେ, ନିମୋନିକ୍ ପ୍ଲେଗ୍ ହେଉଛି ୟର୍ସିନିଆ ପେଷ୍ଟିସ୍ ଜୀବାଣୁ ଦ୍ୱାରା ହେଉଥିବା ପ୍ଲେଗ୍‌ର ଏକ ରୂପ। ଏହା ଫୁସଫୁସକୁ ପ୍ରଭାବିତ କରେ ଏବଂ ଶ୍ୱାସଜନିତ ତରଳ କଣିକା ମାଧ୍ୟମରେ ମଣିଷଠାରୁ ମଣିଷକୁ ସଂକ୍ରମଣ ହୋଇପାରେ। ଶୀଘ୍ର ଚିହ୍ନଟ ହେଲେ ଆଣ୍ଟିବାୟୋଟିକ୍ ଦ୍ୱାରା ଏହାର ଚିକିତ୍ସା ସମ୍ଭବ।

### ସୁପ୍ରିମକୋର୍ଟଙ୍କ ସ୍ପଷ୍ଟୀକରଣ ପରେ ବିଜେଡିର ଦାବି

# ମୁଖ୍ୟ ନିର୍ବାଚନ କମିସନର ତୁରନ୍ତ ଇସ୍ତଫା ଦିଅନ୍ତୁ



■ ସାମ୍ବିଧାନିକ ପଦବୀରେ ରହି ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି ସିଇସି
■ ଅଧିକ ଭୋଟ ପାଇ ବିଜେଡି ହାରିବା ପଛରେ ଇଭିଏମ୍ ଟ୍ୟାମ୍ପରିଂ

ଭୁବନେଶ୍ୱର,୫।୧୦(ସମିସ): ଏସ୍ଆଇଆର ପ୍ରକ୍ରିୟାରେ ଫର୍ମ-୬ରେ ସଂଶୋଧନ କରିବାର କ୍ଷମତା ନିର୍ବାଚନ ଆୟୋଗଙ୍କ ପରିସରଭୁକ୍ତ ନୁହେଁ ବୋଲି ସୋମବାର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ଆୟୋଗ ଏକ ବିଜ୍ଞପ୍ତି ଜରିଆରେ ସୁପ୍ରିମକୋର୍ଟଙ୍କ ଅନୁମତିରେ ଫର୍ମ ୬ରେ ପରିବର୍ତ୍ତନ ହୋଇଛି ବୋଲି ଯେଉଁ ସଫେଇ ଦେଇଥିଲେ ସୁପ୍ରିମକୋର୍ଟ ଆଜି ତାକୁ ଖଣ୍ଡନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିଶନ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରିଛି ।

ସୋମବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ମୁଖ୍ୟ ନିର୍ବାଚନ ଆୟୋଗ ଓ ବିଜେପି ସରକାର ଉପରେ ବର୍ଷିଛନ୍ତି। ଡ. ସାମନ୍ତସିଂହାର କହିଛନ୍ତି ଯେ ଏସ୍ଆଇଆର ପ୍ରକ୍ରିୟାରେ ପୂରା ଭାରତବର୍ଷରେ ୧୩ କୋଟି ଭୋଟରଙ୍କୁ ବାଦ୍ ଦିଆଗଲା ।ସେହିପରି ଓଡ଼ିଶାରେ ପ୍ରାୟ ୨୭ ଲକ୍ଷ ୫୦ ହଜାର ଭୋଟରଙ୍କ ନାମକୁ ମନମୁଖୀ ଭାବେ ବାଦ୍ ଦିଆଗଲା । ଭାରତୀୟ ଜନତା ପାର୍ଟିକୁ ଆଗାମୀ ନିର୍ବାଚନରେ ଜିତାଇବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ବିଜେପିର ଏଜେଣ୍ଟ ଭଳି କାମ କରୁଛନ୍ତି। ଭାରତୀୟ ନିର୍ବାଚନ ଆୟୋଗଙ୍କ ଆଇଟି ବିଭାଗର ମୁଖ୍ୟ ସୀମା ଖାନ୍ନା ଇସିଆଇ ନେଟ୍ ଜରିଆରେ ଭୋଟର ମାନଙ୍କ ନାମକୁ ଅନୈତିକ ଭାବେ ତାଲିକାରୁ କାଟିଛନ୍ତି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଇସିଆଇ ନେଟ୍ ଓ ଫର୍ମ ୬ରେ ଯେଉଁ ପରିବର୍ତ୍ତନ କରାଯାଇଛି, ସେଥିରେ ସୁପ୍ରିମକୋର୍ଟଙ୍କ ଅନୁମତି ରହିଛି ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ ମୁଖ୍ୟ ନିର୍ବାଚନ କମିଶନର ଦେଇଥିବା ସ୍ପଷ୍ଟୀକରଣକୁ ଆଜି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଖଣ୍ଡନ କରିଛନ୍ତି। ଏଥିସହିତ ଭାରତ ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନର ସାମ୍ବିଧାନିକ ପଦବୀରେ ରହି ଭାରତୀୟ ଜନତା ପାର୍ଟିକୁ ନିର୍ବାଚନରେ ଜିତାଇବା ପାଇଁ ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି। ଡ. ଲେନିନ ମହାନ୍ତି କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥା ଭାରତୀୟ ନିର୍ବାଚନ କମିଶନଙ୍କ ଦମ୍ଭୋକ୍ତି ଉପରେ ଆଜି ସୁପ୍ରିମକୋର୍ଟ ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ଏହା ପ୍ରମାଣ କରୁଛି ଯେ ଗତ ୨୬ ତାରିଖରେ ନିର୍ବାଚନ କମିଶନର ଯେଉଁ ପ୍ରେସ ବିଜ୍ଞପ୍ତି ଦେଇଥିଲେ, ତାହା ସତ୍ୟ ଓ ତଥ୍ୟ ଉପରେ ଆଧାରିତ ନୁହେଁ। ୨୦୨୪ ନିର୍ବାଚନରେ ମୁଖ୍ୟ ନିର୍ବାଚନ କମିଶନର ଇଭିଏମ୍ ଟ୍ୟାମ୍ପରିଂ କରି ଏକପାଖିଆ ଭାବେ ବିଜେପିକୁ ଜିତାଇଛନ୍ତି । ରାଜ୍ୟରେ ଚାଲିଥିବା ସରକାର ଏକ ଭୋଟ ଚୋରି ସରକାର। ଇସିଆଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ବାରମ୍ବାର ଦାବି କରିଥିଲେ। ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନଙ୍କ ଉପରୁ ଲୋକଙ୍କ ଭରସା ତୁଟିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ପିଏମଏୱାଇ-ସହରୀ | ସର୍ବାଧିକ ସଂସ୍କାର ପାଇଁ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୫।୧୦(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ବା 'ପିଏମ୍ଏୱାଇ-ୟୁ' ଯୋଜନାରେ ଆବାସ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ପାଇଁ ଓଡ଼ିଶାକୁ ଜାତୀୟସ୍ତରରେ ବିଶେଷ ସ୍ୱୀକୃତି ମିଳିଛି। ଭାରତ ସରକାରଙ୍କ ଗୃହନିର୍ମାଣ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପିଏମ୍ଏୱାଇ-ସହରୀ ପୁରସ୍କାର ୨୦୨୬ ଅଧୀନରେ ପିଏମ୍ଏୱାଇ-ୟୁ ୨.୦ରେ ସର୍ବାଧିକ ସଂସ୍କାର ସାଧନ କରିଥିବା ରାଜ୍ୟ ଭାବେ ଓଡ଼ିଶାକୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ନିର୍ମାଣ ଓ ନଗର ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

ସହରୀ ଆବାସ ସମ୍ପର୍କିତ ପ୍ରକ୍ରିୟାକୁ ସରଳ କରିବା, କାର୍ଯ୍ୟକାରିତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଆବାସ ସୁବିଧାର ସୁବ୍ୟବସ୍ଥିତ ପହଞ୍ଚ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଏହି ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଇଛି। ପ୍ରଶାସନିକ ଦକ୍ଷତା ବୃଦ୍ଧି, ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ଦକ୍ଷ କାର୍ଯ୍ୟକାରିତା ପାଇଁ ପ୍ରଯୁକ୍ତିର ଉପଯୋଗ ଭଳି ବିଭିନ୍ନ ପଦକ୍ଷେପ ଏଥିରେ ସାମିଲ ରହିଛି। ଏହି ପଦକ୍ଷେପଗୁଡ଼ିକର ସୁବିଧା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଅଧିକ ସରଳ, ସୁବ୍ୟବସ୍ଥିତ ଓ ନାଗରିକକୈନ୍ଦ୍ରିକ ବ୍ୟବସ୍ଥା ଗଠନରେ ସହାୟକ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ସ୍ୱୀକୃତି ଓଡ଼ିଶା ପାଇଁ ଗର୍ବର ବିଷୟ। ଅଧିକାରୀ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକର ସମିଳିତ ପ୍ରୟାସର ଏହା ପ୍ରତିଫଳନ। ଆମର ଲକ୍ଷ୍ୟ କେବଳ ଘର ନିର୍ମାଣ କରିବା ନୁହେଁ; ବରଂ ପ୍ରତ୍ୟେକ ଯୋଗ୍ୟ ସହରୀ ପରିବାରକୁ ସ୍ୱଚ୍ଛ, ସୁରକ୍ଷିତ ଓ ସମ୍ମାନଜନକ ଆବାସ ଯୋଗାଇବା ସହ ଏକ ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କ ନିକଟରେ ଏହି ସୁବିଧା ପହଞ୍ଚାଇବା। ଡା. ମହାପାତ୍ର କହିଛନ୍ତି ଯେ, ପିଏମ୍ଏୱାଇ-ୟୁ୨.୦ ଅଧୀନରେ ସଂସ୍କାର, ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ସୁବିଧା ପହଞ୍ଚାଇବା ଉପରେ ଓଡ଼ିଶା ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ମନ୍ତ୍ରୀ କହିଛନ୍ତି। ପିଏମ୍ଏୱାଇ-ୟୁ ୨.୦ ଅଧୀନରେ ରାଜ୍ୟରେ ୨୪,୬୨୫ଟି ଘରକୁ ମଞ୍ଜୁରୀ ମିଳିଛି। ଏଥିସହିତ ମାର୍ଚ୍ଚ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ଘର ନିର୍ମାଣ ସମାପ୍ତ କରିବା କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ଏବଂ ଓଡ଼ିଶା ସହରାଞ୍ଚଳ ଆବାସ ମିଶନର ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର ଏହି ସମ୍ମାନ ଗ୍ରହଣ କରିଥିଲେ।

## ୩ ଦିନ ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର,୫।୧୦(ସମିସ): ଓଡ଼ିଶା ଉପରେ ଏବେ ୨ଟି ଟ୍ରଫ୍ ଲାଇନର ପ୍ରଭାବ ରହିଛି। ଏଥିପାଇଁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଦେଶରୁ ମୌସୁମୀ ଅପସାରଣ ଜାରି ରହିବା ସହ ଏବେ ଆକାଶ ନିର୍ମଳ ରହୁଛି। ପ୍ରବଳ ଖରା ଯୋଗୁଁ ତାପମାତ୍ରା ମଧ୍ୟ ବଢ଼ିଛି। ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟକୁ ପୂର୍ବାଳୀ ବାୟୁ ପ୍ରବାହ ରହୁଥିବାରୁ ବର୍ଷା ଆଶଙ୍କା ବଢ଼ିଛି। ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ପକ୍ଷରୁ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି କ୍ରମରେ ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ଚାମେଲି ଓଝା ମାମଲା | କେନ୍ଦ୍ରାପଡ଼ାରେ ଏନ୍ଏଚ୍ଆର୍ସି ଟିମ୍

କେନ୍ଦ୍ରାପଡ଼ା,୫।୧୦(ସମିସ): ତିଖିରି ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝା ଓ ମହାକାଳପଡ଼ା ବ୍ଲକ୍ ପ୍ରଶାସନ ମଧ୍ୟରେ ବିବାଦ ଏବେ ଜାତୀୟ ସ୍ତରର ତଦନ୍ତ ପରିସରକୁ ଆସିଛି। ଘଟଣାର ସରଜମିନ୍ ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ତିନିଜଣିଆ ତଦନ୍ତକାରୀ ଦଳ ସୋମବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲା ସର୍କିଟ୍ ହାଉସରେ ପହଞ୍ଚିଛନ୍ତି। କମିଶନଙ୍କ ନିର୍ଦ୍ଦେଶରେ ବରିଷ୍ଠ ଏସ୍ପି ଇସାମ ସିଂହଙ୍କ ନେତୃତ୍ୱରେ ଗୁଗନ ରାମ ଓ ଶଶୀବାଲା ଶର୍ମାଙ୍କୁ ନେଇ ଏହି ଦଳ ଗଠିତ ହୋଇଥିବା ସୂଚନା ମିଳିଛି। ଦଳ ୯ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାରେ ରହି ଘଟଣା ସମ୍ପର୍କିତ ବିଭିନ୍ନ ପକ୍ଷଙ୍କୁ ଭେଟିବା ସହ ଘଟଣାସ୍ଥଳ ଓ ସମ୍ପୃକ୍ତ ସରକାରୀ କାର୍ଯ୍ୟାଳୟ ଯାଞ୍ଚ କରିବେ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

ଆସନ୍ତାକାଲି ଏନଏଚଆରସି ଦଳ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟ ଓ ମହାକାଳପଡ଼ା ଥାନାକୁ ଯାଇ ଘଟଣା ସମ୍ପର୍କିତ ତଥ୍ୟ ଓ ଦସ୍ତାବିଜ ଯାଞ୍ଚ କରିପାରେ। ପରେ ଅଭିଯୋଗକାରିଣୀ ସରପଞ୍ଚ ଚାମେଲି ଓଝାଙ୍କ ସମେତ ଘଟଣାରେ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ବୟାନ ରେକର୍ଡ କରାଯିବ। ଗତ ଜୁନ୍ ୧୧ ତାରିଖରେ ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ଚାମେଲି ଓଝାଙ୍କ ସହ ମାରପିଟ୍ ଓ ଦୁର୍ବ୍ୟବହାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାକୁ କେନ୍ଦ୍ର କରି ପରବର୍ତ୍ତୀ ସମୟରେ



ପୁଲିସ ମାମଲା ରୁଜୁ କରିଥିଲା। ଘଟଣାକୁ ନେଇ ଚାମେଲି ଓଝାଙ୍କ ପକ୍ଷରୁ ମଧ୍ୟ ପୁଲିସ ଉପରେ ଅଭିଯୋଗ ଆସିଥିଲା। ଅନ୍ୟପକ୍ଷରେ ବିଡିଓ ରବିନାରାୟଣ ଆଚାର୍ଯ୍ୟ ପରେ ନିଜ ପକ୍ଷ ରଖି କହିଥିଲେ ଯେ, ମନା କରାଯାଇଥିଲେ ମଧ୍ୟ ସରପଞ୍ଚଙ୍କ ପକ୍ଷରୁ ଭିଡିଓ ରେକର୍ଡିଂ କରାଯାଇଥିଲା ଓ ବିନା ଅନୁମତିରେ କିଛି ବ୍ୟକ୍ତି ତାଙ୍କ ଚାମ୍ବରକୁ ପ୍ରବେଶ କରିଥିଲେ। ଏହାକୁ ନେଇ ଚାମ୍ବର ଭିତରେ ଦୁଇପକ୍ଷ ମଧ୍ୟରେ ବଚସା ହୋଇଥିବା ସେ କହିଥିଲେ। ଏବେ ଏନଏଚଆରସିର ତଦନ୍ତ ଏହି ବିବାଦକୁ ନୂଆ ମୋଡ଼ ଦେଇଛି।

■ ବିଡିଓଙ୍କ ଚାମ୍ବରରୁ ଥାନା ଯାଏଁ ତଦନ୍ତର ପରିସର
■ ୩ଟି ମାମଲାର ରେକର୍ଡ ଯାଞ୍ଚ ସମ୍ଭାବନା

ପ୍ରକାଶିତ ସୂଚନା ଅନୁସାରେ ମହାକାଳପଡ଼ା ଥାନାରେ ଘଟଣା ସମ୍ପର୍କିତ ତିନୋଟି ମାମଲା କେସ୍ ନମ୍ବର ୧୭୦, ୧୭୧ ଓ ୧୭୨ର ଏତଲା, କେସ୍ ଡାଏରି, ଗିରଫଦାରୀ ସମ୍ପର୍କିତ ଦସ୍ତାବିଜ, ଥାନା ଦୈନିକ ରେକର୍ଡ, ଡାକ୍ତରୀ ରିପୋର୍ଟ ଯାଞ୍ଚ କରାଯାଇପାରେ। କେବଳ କାଗଜପତ୍ର ନୁହେଁ, ବିଡିଓ କାର୍ଯ୍ୟାଳୟ ଓ ଥାନାର ସେହି ଦିନର ସିସିଟିଭି ଦୃଶ୍ୟ, ଘଟଣା ସମୟରେ ରେକର୍ଡ ହୋଇଥିବା ମୋବାଇଲ୍ ଭିଡିଓ, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଦୃଶ୍ୟ ମଧ୍ୟ ତଦନ୍ତ ପରିସରକୁ ଆସିପାରେ। ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀ, ସମ୍ପୃକ୍ତ ପୁଲିସ ଅଧିକାରୀ, ତଦନ୍ତକାରୀ ଅଧିକାରୀ, ଡାକ୍ତର ଓ ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀଙ୍କ ବୟାନ ମଧ୍ୟ ଗୁରୁତ୍ୱ ପାଇବ। ଏହି ତଦନ୍ତରେ ପ୍ରଶ୍ନ ଉଠିବ। ବିଡିଓଙ୍କ ଚାମ୍ବର ଭିତରେ ପ୍ରକୃତରେ କ'ଣ ଘଟିଥିଲା? ବିବାଦ କିପରି ଆରମ୍ଭ ହୋଇଥିଲା? କାହାର ଭୂମିକା କ'ଣ ଥିଲା? ପୁଲିସର କାର୍ଯ୍ୟାନୁଷ୍ଠାନ ନିୟମାନୁସାରେ ହୋଇଥିଲା କି? ଅଭିଯୋଗକାରୀ ସରପଞ୍ଚଙ୍କ ଅଧିକାର କ୍ଷୁଣ୍ଣ ହୋଇଥିଲା କି ନାହିଁ? ଘଟଣା ପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନରେ କୌଣସି ମାନବାଧିକାର ଉଲ୍ଲଙ୍ଘନ ଘଟିଥିଲା କି? ଏହି ସମସ୍ତ ପ୍ରଶ୍ନର ଉତ୍ତର ଖୋଜିବ ଏନଏଚଆରସିର ତଦନ୍ତକାରୀ ଦଳ। ଅଭିଯୋଗ ଓ ପ୍ରତିଅଭିଯୋଗ ମଧ୍ୟରେ ଚାମେଲି ଓଝା ମାମଲାର ପ୍ରକୃତ ଘଟଣା ସାମ୍ନାକୁ ଆସିବ କି, ନା ପୁଣି ରାଜନୈତିକ ଓ ପ୍ରଶାସନିକ ବିବାଦରେ ମାମଲା ଅଟକି ରହିବ, ଏବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନଏଚଆରସି ଟିମ୍ର ତଦନ୍ତ ଫଳାଫଳ ହିଁ ଏହି ବହୁଚର୍ଚ୍ଚିତ ବିବାଦର ପରବର୍ତ୍ତୀ ଦିଗ ନିର୍ଣ୍ଣୟ କରିବ ବୋଲି ଆଲୋଚନା ହେଉଛି।

### ସରକାରୀ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାକୁ ଅସମ୍ମାନ ଅଭିଯୋଗ

## 'କଳିଙ୍ଗ'ରେ ବାଜିଲାନି 'ବନ୍ଦେ ଉତ୍କଳ ଜନନୀ'

ଭୁବନେଶ୍ୱର,୫।୧୦(ସମିସ): ସୋମବାର ପୁନର୍ବିକଶିତ ଓ ନବୀକୃତ 'କଳିଙ୍ଗ ଷ୍ଟୁଡିଓ'ର ଉଦ୍ଘାଟନୀ ଉତ୍ସବରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ନ ହେବାକୁ ନେଇ କ୍ଷୋଭ ବ୍ୟକ୍ତ କରିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି । ଏହା ରାଜ୍ୟ ଏବଂ ପ୍ରତିଟି ଓଡ଼ିଆଙ୍କ ଅସମ୍ମାନ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ ମାନେ ଯୋଗ ଦେଇଥିଲେ, ମାତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିବା ବିଭାଗ ଆରମ୍ଭ ବା ଶେଷରେ ରାଜ୍ୟ ସଂଗୀତ ପରିବେଷଣ କରିବାକୁ ପୁରାପୁରି ଭୂଲିଗଲେ।

**କ୍ଷୋଭ ପ୍ରକାଶ କଲେ ବିଶିଷ୍ଟ ବ୍ୟକ୍ତି ବିଶେଷ**

ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ବିଧାନସଭା ଅଧିବେଶନ ଏବଂ ସ୍ୱତନ୍ତ୍ର ଭାବେ ଆୟୋଜିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ବିନା ବାଦ୍ୟରେ ପ୍ରସ୍ତୁତ ସଂସ୍କରଣ ପରିବେଷଣ ବା ଗାନ କରାଯିବାର ନିୟମ ରହିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ଅନ୍ୟାନ୍ୟ ସଭାସମିତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୃଷ୍ଠ ସଙ୍ଗୀତ କିମ୍ବା ବାଦ୍ୟଯନ୍ତ୍ର ସହ ଏହାକୁ ପରିବେଷଣ କରାଯିବ। ଉଦ୍ଘାଟନୀ, ଉଦଯାପନୀ ଓ ଉଦ୍ବୋଧନୀ ସଙ୍ଗୀତ ଭାବରେ ଏହାକୁ ଗାନ କରାଯିବା ସମୟରେ ସମ୍ମାନ ପ୍ରଦର୍ଶନ ପୂର୍ବକ ଉପସ୍ଥିତ ଜନତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦଣ୍ଡାୟମାନ ରହିବାର ନିୟମ ରହିଛି। ମାତ୍ର ଆଜି ଅନୁଷ୍ଠିତ କଳିଙ୍ଗ ଷ୍ଟୁଡ଼ିଓ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଏହାକୁ ପରିବେଷଣ ନ କରିବା ପଛରେ କେଉଁ ରହସ୍ୟ ରହିଛି ତାହାକୁ ଦର୍ଶକମାନେ ବୁଝିପାରି ନାହାନ୍ତି।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ୧୯୧୨ ମସିହାରୁ ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଗାନ କରାଯାଇଥିଲା। ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ସମୟରୁ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟସ ଙ୍ଗୀତ ଭାବେ ପ୍ରତିଟି ଓଡ଼ିଆ ହୃଦୟରେ ଓ ଭାବନାରେ ରହି ଆସିଛି। ୧୯୯୪ ମସିହା ନଭେମ୍ବର ୭ ତାରିଖରେ ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ତଥା ବିଧାନସଭା ତତ୍କାଳୀନ ବାଚସ୍ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ସଙ୍ଗୀତକୁ ବିଧାନସଭାର ପ୍ରତି ଅଧିବେସନର ଶେଷ ଦିବସରେ ଉଦଯାପନୀ ସଙ୍ଗୀତ ଭାବେ ଗାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୦ ମସିହା ଜୁନ୍ ୭ତାରିଖରେ ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ବୈଠକରେ ଏହି ଗୀତକୁ ରାଜ୍ୟ ସଙ୍ଗୀତ ଭାବରେ ମାନ୍ୟତା ଦିଆଯାଇଥିଲା। ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ଏହାକୁ ଗାନ କରାଯିବାର ପରମ୍ପରା ରହିଥିଲେ ହେଁ ଆଜି ଏଥିରେ ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଛି ।

## ନୟାପଲ୍ଲୀ ଦୁଷ୍କର୍ମ ମାମଲା | ଏନ୍କାଉଣ୍ଟର ଦ୍ୱନ୍ଦ୍ୱ: ଏନ୍ଏଚ୍ଆର୍ସିରେ ୨ଜଣଙ୍କ ଅଭିଯୋଗ

ଭୁବନେଶ୍ୱର,୫ ।୧୦(ସମିସ): ନୟାପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଜଘନ୍ୟ ଦୁଷ୍କର୍ମ ମାମଲାରେ ଏନ୍କାଉଣ୍ଟରକୁ ନେଇ ଏବେ ଦ୍ୱନ୍ଦ ବଢିବାରେ ଲାଗିଛି। ଗୋଡ଼ରେ ଗୁଳି ବାଜିଥିବା ପୁଲିସ ଦାବି କରୁଥିଲା ବେଳେ ଅଭିଯୁକ୍ତ ଶ୍ରୀଧର ପଣ୍ଡାର ରକ୍ତ ଠୋପେ ବାହାରିବା କେହି ଦେଖିପାରିଲେନି। ସେ ବନ୍ଧୁକ ସଦୃଶ ଗ୍ୟାସ୍ ଲାଇଟର ଦେଖାଇ କୁଆଡେ ଦୁଷ୍କର୍ମ କଲା। କିନ୍ତୁ ପୁଲିସ ତାଠାରୁ ଏୟାରଗନ୍ ଜବତ କଲା। ପେଟକସ୍ରେ ଭୂଷିବାକୁ ଉଦ୍ୟମ କଲା ବେଳେ ପୁଲିସ ଦୁଇ ରାଉଣ୍ଡ ଗୁଳିଚାଳନା କଲା। ଏଣୁ ପୁଲିସ ଏନ୍କାଉଣ୍ଟରକୁ ମାନବାଧିକାର କର୍ମୀମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏହି ବ୍ଲଡ୍ଲେସ୍ ପୁଲିସ ଏନ୍କାଉଣ୍ଟରର ନିରପେକ୍ଷ ତଦନ୍ତ ଦାବି କରି ଦୁଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାଏକ ଏବଂ ଜୟନ୍ତ ଦାସ ସୋମବାର ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। କମିସନ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି।

ହିମାଂଶୁଙ୍କ ଅଭିଯୋଗ ଅନୁଯାୟୀ, ଯୁବକ ବିରୋଧରେ ଯଦି କୌଣସି ଅଭିଯୋଗ ଥାଏ, ତେବେ ତାହାର ତଦନ୍ତ ଆଇନ ଅନୁଯାୟୀ କଡାକଡି ଭାବେ ହେବା ଆବଶ୍ୟକ। ତେବେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଆପରାଧୀକ ଅଭିଯୋଗ ଥିବା ମାତ୍ରେ ପୁଲିସ କର୍ମଚାରୀଙ୍କୁ ବେଆଇନ, ଅତ୍ୟଧିକ କିମ୍ବା ଅନୁପାତହୀନ ବଳ ପ୍ରୟୋଗ କରିବାର ଅଧିକାର ମିଳି ନ ଥାଏ। ଏନ୍କାଉଣ୍ଟରକୁ ମନଗଢ଼ା କାହାଣୀ କରିବା ଠିକ୍ ନୁହେଁ। ଅଭିଯୁକ୍ତକୁ ଗୁଳିଚାଳନାକୁ ନେଇ ପରିସ୍ଥିତି ବିଶେଷ ଭାବେ ଚିନ୍ତାଜନକ। କାରଣ ଗୁଳିଚାଳନା କିପରି ଘଟିଲା ସେ ନେଇ ପୁଲିସର ବିବୃତ୍ତି ଏବଂ ଗଣମାଧ୍ୟମ ରିପୋର୍ଟରୁ ପରସ୍ପର ବିରୋଧୀ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟରେ ବାମ ପାଦ, ଡାହାଣ ଗୋଡ଼ ଏବଂ ନିମ୍ନ ଶରୀରର ଅନ୍ୟାନ୍ୟ ଅଂଶରେ ଆଘାତ ଲାଗିଥିବା ଉଲ୍ଲେଖ କରାଯାଇଛି। ଏଗୁଡ଼ିକର ଯାଞ୍ଚ ହେବା ଆବଶ୍ୟକ। ମୂଳ ମେଡିକୋ-ଲିଗାଲ ପରୀକ୍ଷା, କ୍ଷତ ପ୍ରମାଣପତ୍ର, ଏକ୍ସ-ରେ/ସ୍କାନ, ଚିକିତ୍ସା ରେକର୍ଡ ଏବଂ ଡିସ୍ଚାର୍ଜ ସାରାଂଶକୁ ତଦନ୍ତ କରାଯିବା ଆବଶ୍ୟକ। ମୂଳ ଏଫଆଇଆର, ଜେନେରାଲ ଡାଏରୀ ଏଣ୍ଟ୍ରି, ଷ୍ଟେସନ ଡାଏରୀ, ଗିରଫ ମେମୋ, ଜବତ ତାଲିକା, ଅସ୍ତ୍ରଶସ୍ତ୍ର ଗୁଳିଗୋଳା ପ୍ରଦାନ ରେଜିଷ୍ଟର, ବାଲିଷ୍ଟିକ ରିପୋର୍ଟ, ମେଡିକୋ-ଲିଗାଲ ରିପୋର୍ଟ, କ୍ଷତ ପ୍ରମାଣପତ୍ର, ସିସିଟିଭି ଫୁଟେଜ, ବଡି-କ୍ୟାମେରା ଫୁଟେଜ ପ୍ରଭୃତି ପ୍ରମାଣକୁ ସୁରକ୍ଷିତ କରିବାକୁ ଆୟୋଗ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

**କିଏ ଫୁଟାଇଥିଲା ଗୁଳି, ନାଁ କହିବାକୁ ପୁଲିସ କାହିଁକି ଅମଙ୍ଗ**

ଅନ୍ୟପକ୍ଷରେ ଏହି ଏନ୍କାଉଣ୍ଟର ସମୟରେ କେତେ ଜଣ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ, କେଉଁ ପୁଲିସ କର୍ମଚାରୀମାନେ ସାମିଲ ରହିଛନ୍ତି, ସେମାନଙ୍କ ନାଁ କ'ଣ, କମିସନରେଟ୍ ପୁଲିସର କେଉଁ ଏସ୍ଆଇଙ୍କୁ ଶ୍ରୀଧର ପେଟକସ୍ ଭୁସିବାକୁ ଉଦ୍ୟମ କରୁଥିଲ. ସେ ଗୁଳି ଚାଳନା କଲେ ନାଆଁ ସେଠାରେ ଉପସ୍ଥିତ ଥିବା ଅନ୍ୟ କେହି ଗୁଳିଚାଳନା କଲେ, ସେମାନଙ୍କ ନାଁକୁ କେଉଁ କାରଣରୁ ପୁଲିସ ଗଣମାଧ୍ୟମକୁ ଲୁଚାଇବାକୁ ଚେଷ୍ଟା କରୁଛି, ଯଦି ଚାର୍ଜସିଟ୍ରେ ଏସବୁକୁ ଉଲ୍ଲେଖ କରାଯିବ, ତେବେ ଗଣମାଧ୍ୟମକୁ କ'ଣ ପାଇଁ ଲୁଚାଯାଉଛି, ଏମିତି ଅନେକ ପ୍ରଶ୍ନ ଉଠିବାରେ ଲାଗିଛି।

ଅନ୍ୟପକ୍ଷରେ ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ଗୁପ୍ତ ରଖିବାକୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଛି। ହେଲେ ପୁଲିସର କ୍ରାଇମ୍ସିନ୍ ରିକ୍ରିଏସନ୍ ନିଶା ପୀଡିତାଙ୍କ ଠିକଣା ସ୍ପଷ୍ଟ ଭାବେ ଜଣାଇ ଦେଉଛି। ସେ କେଉଁ ଘରେ ରହୁଥିଲେ ଅଭିଯୁକ୍ତକୁ ସେଠାକୁ ନିଆଯାଇଥିଲା। ପରେ ସେଠାରେ କ୍ରାଇମ୍ସିନ୍ର ରିକ୍ରିଏସନ୍ ହୋଇଥିଲା। ଯାହା ଗଣମାଧ୍ୟମର କ୍ୟାମେରାରେ କଏଦ ହୋଇଛି। ହେଲେ ଅପରପକ୍ଷେ ଟିଆଇ ପରେଡ୍ ଆଳରେ ଅଭିଯୁକ୍ତର ମୁହଁକୁ ଗଣମାଧ୍ୟମ କ୍ୟାମେରାରୁ ଦୂରେଇ ରଖାଯାଇଛି। ପୁଲିସର ଏଭଳି ବିଚିତ୍ର ନୀତି ଏବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଏଭଳି ହେଲେ ପୀଡିତା ଆଉ ସେ ଘରେ ରହି ପାରିବେ ତ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ, ଆର୍ଆଇ, ପ୍ରଧାନଶିକ୍ଷକ

## ନିର୍ବାହୀ ଯନ୍ତ୍ରୀଙ୍କ ୨ ବିଶାଳ କୋଠା, ୫ ଏକରର ଫାର୍ମ, ୨୦ ଦାମୀ ପ୍ଲଟ୍

ବାରିପଦା/ବେତନଟୀ/ବାଲେଶ୍ୱର, ୫।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଡିଭିଜନ ଅଧୀନ ବେତନଟୀ ରାସ୍ତା ଓ ଗୃହ ନିର୍ମାଣ (ଆର ଆଣ୍ଡ ବି) ଉପଖଣ୍ଡର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ବିଭିନ୍ନ ଠିକଣା ଉପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ବାରିପଦା ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୩ ଜଣ ଏସପି, ୫ ଜଣ ଡିଏସପି ଓ ୮ ଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ମୋଟ ୧୦ଟି ସ୍ଥାନରେ ଏହି ଖାନତଲାସ ଚାଲିଛି। ଚଢ଼ଉ ବେଳେ ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥ ୩ ମହଲା କୋଠା, ଖୋର୍ଦ୍ଧା ବାଲିଅନ୍ତାରେ ୨ ମହଲା କୋଠା, ବେତନଟୀସ୍ଥ କାର୍ଯ୍ୟାଳୟ ଓ ସରକାରୀ ବାସଭବନ, ବାଲେଶ୍ୱର ଜଳେଶ୍ୱର ରାୟଁ-ରାମଚନ୍ଦ୍ରପୁରର ପୈତୃକ ଘର, ବସନ୍ତପୁରସ୍ଥ ଫାର୍ମହାଉସ, ବାମପଦାସ୍ଥ ଘର ସମେତ ତାଙ୍କର ୩ ଜଣ ଘନିଷ୍ଠ ସହଯୋଗୀଙ୍କ ବାସଭବନରେ ଯାଞ୍ଚ ଜାରି ରହିଛି। ତଲାସି କାଳରେ ଶ୍ରୀ ମହାନ୍ତି ଓ ତାଙ୍କ ପରିବାର ନାମରେ ବାଲେଶ୍ୱର ଅଙ୍ଗାରଗଡ଼ିଆରେ ପ୍ରାୟ ୩୫୦୦ ବର୍ଗଫୁଟର ଏକ ଆଲିସାନ ୩ ମହଲା ପ୍ରାସାଦ, ବାଲିଅନ୍ତାରେ ୧୮୦୦ ବର୍ଗଫୁଟର ୨ ମହଲା କୋଠା, ବସନ୍ତପୁରରେ ୨ଟି ପୋଖରୀ ଓ କୁକୁଡ଼ା ଫାର୍ମ ଥିବା ୫ ଏକରର ଏକ ବିରାଟ ଫାର୍ମହାଉସ, ବାଲେଶ୍ୱର ଓ ଏହା ଆଖପାଖ ଅଞ୍ଚଳରେ ୨୦ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଏଥିସହ ବାସଭବନରୁ ନଗଦ ୨ ଲକ୍ଷ ୭୭ ହଜାର ଟଙ୍କା ଓ ବାଲେଶ୍ୱରର ଆକ୍ସିସ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲକରରୁ ୫ ଲକ୍ଷ ୩୦ ହଜାର ୫୦୦ ଟଙ୍କା ମିଶି ସର୍ବମୋଟ ୮ ଲକ୍ଷ ୭ ହଜାର ୫୦୦ ଟଙ୍କା ଜବତ ହୋଇଛି।



■ ୩୦୦ ଗ୍ରାମ ସୁନା ଓ ୮ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ
■ ୩ ଜିଲ୍ଲାର ୧୦ଟି ସ୍ଥାନରେ ଚଢ଼ଉ

ଅନ୍ୟପକ୍ଷରେ ପ୍ରାୟ ୩୦୦ ଗ୍ରାମ ସୁନା ଗହଣା, ଗୋଟିଏ ବ୍ରେଜା କାର୍ ଓ ୨ଟି ବାଇକ୍ ଜବତ କରାଯାଇଛି। ଠାବ ହୋଇଥିବା ସ୍ଥାବର ସମ୍ପତ୍ତିର ଆକଳନ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ଦ୍ୱାରା ଜାରି ରହିଛି। ସେବା ରେକର୍ଡ ମୁତାବକ, ଶ୍ରୀ ମହାନ୍ତି ୧୯୯୭ ଅଗଷ୍ଟ ୪ରେ ମାତ୍ର ୫ ହଜାର ଟଙ୍କା ମାସିକ ଦରମାରେ ବେତନଟୀ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ନବରଙ୍ଗପୁର ଇଡ୍କୋ, ବାହାନଗା, ସୋର, ବୈଶିଙ୍ଗା, ମହିଧରପୁର ଓ ପାଣିକୋଇଲିରେ କାର୍ଯ୍ୟ କରିବା ପରେ ଗତ ସେପ୍ଟେମ୍ବର ୨୯ରେ ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ସ୍ୱଳ୍ପ ଦରମାରୁ ଚାକିରି ଆରମ୍ଭ କରି ଏତେ ପରିମାଣର କୋଟି କୋଟି ଟଙ୍କାର ସମ୍ପତ୍ତି ସେ କିଭଳି ଠୁଳ କଲେ, ସେ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

## ଲାଞ୍ଚ ନେଇ ଧରାପଡ଼ିଲେ ଆର୍ଆଇ

ଭୁବନେଶ୍ୱର, ୫।୧୦(ସମିସ): ଲିଗାଲ୍ ହେୟାର ସାର୍ଟିଫିକେଟ୍ ତଦନ୍ତ ରିପୋର୍ଟ ପାଇଁ ଲାଞ୍ଚ ନେବା ମହଙ୍ଗା ପଡ଼ିଛି। ଲାଞ୍ଚ ନେବାବେଳେ ଭୁବନେଶ୍ୱର ତହସିଲ କେଶରୀ ନଗର ଆର୍ଆଇ ସର୍କଲ୍ର ରାଜସ୍ୱ ନିରୀକ୍ଷକ ନିରଞ୍ଜନ ସିଂହଙ୍କୁ ଧରିଛି ଭିଜିଲାନ୍ସ। ଭିଜିଲାନ୍ସ ଦ୍ୱାରା ଧରାପଡ଼ିବା ପରେ ନିରଞ୍ଜନଙ୍କ ସହ ସଂପୃକ୍ତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ଦିଗରୁ ଚଢ଼ଉ ଜାରି ରହିଛି।



ସୂଚନା ଅନୁସାରେ, ଅଭିଯୋଗକାରୀ ତାଙ୍କ ମାଆ ଓ ସାନଭାଇଙ୍କ ମୃତ୍ୟୁ ପରେ ଲିଗାଲ୍ ହେୟାର ସାର୍ଟିଫିକେଟ୍ ପାଇଁ ଗତ ୯ ସେପ୍ଟେମ୍ବରରେ ଅନ୍ଲାଇନ୍ରେ ଆବେଦନ କରିଥିଲେ। ଆବେଦନ ସହ ଆବଶ୍ୟକ ସମସ୍ତ କାଗଜପତ୍ର ମଧ୍ୟ ଦାଖଲ କରିଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକ (ଆର୍ଆଇ) ନିରଞ୍ଜନଙ୍କୁ ୩/୪ ଥର ଭେଟି ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଅନ୍ଲାଇନ୍ରେ ଦାଖଲ କରିବାକୁ ଅନୁରୋଧ କରିଥିଲେ। ହେଲେ ଆର୍ଆଇ ଜଣକ କୌଣସି କାରଣ ନ ଥାଇ ପ୍ରକ୍ରିୟାକୁ ବିଳମ୍ବ କରିବା ସହ ରିପୋର୍ଟ ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଜାଲ ବିଛାଇଥିଲା। ସୋମବାର ମଧ୍ୟାହ୍ନରେ ଅଭିଯୋଗକାରୀଙ୍କଠାରୁ ନିରଞ୍ଜନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର,୫।୧୦(ସମିସ): ମଧ୍ୟାହ୍ନଭୋଜନ (ଏମ୍ଡିଏମ୍) ଯୋଜନାରେ ଖର୍ଚ୍ଚ ହୋଇଥିବା ଟଙ୍କା ଛାଡ଼ିବା ପାଇଁ ଲାଞ୍ଚ ନେଇ ଧରାପଡ଼ିଛନ୍ତି ପ୍ରଧାନଶିକ୍ଷକ। ଆଉ କାହାରି ଠାରୁ ନୁହେଁ; ଖୋଦ୍ ସେହି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିପାଟଣା ବ୍ଲକ୍ ଅଧୀନ ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ୍ ରିୟାଜ ଅଲ୍ଲୀ। ତାଙ୍କଠାରୁ ସମ୍ପୂର୍ଣ୍ଣ ୧୫ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି।



ଭିଜିଲାନ୍ସ ସୂଚନାନୁସାରେ, ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ନିଜ ଖର୍ଚ୍ଚରେ ଚାରି ମାସ ଧରି ଏମ୍ଡିଏମ୍ ଯୋଜନାରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇଥିଲେ। ଏହି ବାବଦ ଟଙ୍କା ପାଇଁ ଅନୁଦାନ ଆସିବା ପୂର୍ବରୁ ତାଙ୍କର ବଦଳି ହୋଇ ଯାଇଥିଲା। ପରେ ସରକାରୀ ନିୟମ ଅନୁସାରେ ତାଙ୍କ ଖର୍ଚ୍ଚ ଟଙ୍କା ଚେକ୍ ମାଧ୍ୟମରେ ଦେବାକୁ ସେ ବର୍ତ୍ତମାନର ପ୍ରଧାନଶିକ୍ଷକ ରିୟାଜ ଅଲ୍ଲୀଙ୍କୁ ଅନୁରୋଧ କରିଥିଲେ। ହେଲେ ଚେକ୍ ଜାରି କରି ଟଙ୍କା ଦେବା ପାଇଁ ରିୟାଜ୍ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ଦେବାକୁ ଅନିଚ୍ଛୁକ ପୂର୍ବତନ ପ୍ରଧାନଶିକ୍ଷକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଆଜି ଅଭିଯୋଗକାରୀଙ୍କଠାରୁ ରିୟାଜ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଘଟଣା ପରେ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ଦିଗରୁ ପ୍ରଧାନଶିକ୍ଷକ ରିୟାଜ ଅଲ୍ଲୀଙ୍କ ସହ ସଂପୃକ୍ତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

● ମୁକୁଳା ପଡ଼ିଛି କସ୍ତୁରୀବାହାଲ ଉଠାଜଳସେଚନ ପଏଣ୍ଟ

# ପାଣି ଅଭାବରୁ ବିଲ ଫାଟି ଆଁ କଲାଣି

କିଶୋରନଗର, ୫ ।୧୦(ସମିସ): ଚାଷୀଙ୍କ କ୍ଷେତଗୁଡ଼ିକ ମରୁଡ଼ି ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟକରି ଉଠାଜଳସେଚନ ପଏଣ୍ଟ ନିର୍ମାଣ କରୁଛନ୍ତି। ହେଲେ କିଶୋରନଗର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗ୍ରାମ ନିକଟ ନଦୀରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଉଠାଜଳସେଚନ ବିଭାଗ ପକ୍ଷରୁ ୨ଟି ଉଠାଜଳସେଚନ ପଏଣ୍ଟ ନିର୍ମାଣ କରାଯାଉଛି। ତେବେ ଠିକାଦାର ନିମ୍ନମାନର କାମ କରିବା ସହ ବିଳମ୍ବ କରୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ୧୦୦ ଏକର ଚାଷଜମିକୁ ପାଣି ମାଡ଼ିବା ପାଇଁ ଏହି ୨ ପଏଣ୍ଟ ନିର୍ମାଣ ହୋଇଥିଲେ ମଧ ତାହା ଚାଷୀଙ୍କ କାମରେ ଆସିପାରୁନାହିଁ। ପାଣି ଅଭାବରୁ ବିଲ ଏବେ ଫାଟି ଆଁ କରିଥିବା ବେଳେ ଧାନ



ଗଛଗୁଡ଼ିକ ମରିବାକୁ ବସିଲାଣି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁ ନ ଥିବା ମଧ ଅଭିଯୋଗ ହୋଇଛି। ତୁରନ୍ତ ଉଠାଜଳସେଚନ ପଏଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ କରି ଚାଷଜମିକୁ ଜଳସେଚନ ସୁବିଧା କରିବାକୁ ଗ୍ରାମର ହରିହର ସାହୁ, ପିଣ୍ଟୁ ସାହୁ, ଜିତେନ୍ଦ୍ର ସାହୁ, ମୁନା ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସଡିଓ ଲିଟନ୍ ଟୁଡୁଙ୍କୁ ପଚାରିବାରୁ କହିଲେ, ମୁଁ

**● ଚାଷୀ ମହଲରେ ବଢୁଛି ଅସନ୍ତୋଷ**
**● କ୍ଷେତ୍ର ପରିଦର୍ଶନ କରୁନାହାନ୍ତି ଯନ୍ତ୍ରୀ**

ଏବେ ୩/୪ ମାସ ହେଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଦାୟିତ୍ୱ ପାଇଛି। ତଦାରଖ କରି ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ଅନୁଗୋଳରୁ ଅପହୃତା ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର

ଅନୁଗୋଳ, ୫ ।୧୦(ସମିସ):

ସେପ୍ଟେମ୍ବର ୨୮ ତାରିଖ ଅନୁଗୋଳ ପୁରୁଣା ବସଷ୍ଟାଣ୍ଡରୁ ଅପହୃତା ଯୁବତୀଙ୍କୁ ଜିଲ୍ଲା ଓ ମଧ୍ୟପ୍ରଦେଶ ପୁଲିସ ଉଦ୍ଧାର କରିଛନ୍ତି। ୨୮ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ଯୁବତୀ ଜଣକ ବର୍ଷା ଯୋଗୁଁ ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଟକି ରହିଥିଲେ। ଏହି ସମୟରେ ତାଙ୍କୁ କେହି ଅପହରଣ କରି ନେଇଥିବା ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଲା ଯେ ସୌଭାଗ୍ୟନଗରରେ ରହୁଥିବା ଟୁନା ମୁଖୀ ଓ ତାଙ୍କ ସ୍ତ୍ରୀ ଯୁବତୀଙ୍କୁ ଅପହରଣ କରି ଟ୍ରେନ୍



ଯୋଗେ ମଧ୍ୟପ୍ରଦେଶର ସାଗର ଅଞ୍ଚଳକୁ ନେଇ ସେଠାରେ ସନ୍ଧ୍ୟା ସେନ ନାମକ ଜଣେ ମହିଳାଙ୍କ ଘରେ ରଖିଛନ୍ତି। ସମ୍ପୃକ୍ତ ମହିଳା ଯୁବତୀଙ୍କୁ ମାରପିଟ କରିବା ସହ ସୁରେଶ ଅରିହାର ନାମକ ଜଣେ ବ୍ୟକ୍ତିଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶ ଏବଂ ଡିଏସପି ଯୋଗେଶ୍ୱରୀ ବେହେରାଙ୍କ ସହଯୋଗରେ ଏସଆଇ ଆଦିତ୍ୟ ପଟ୍ଟନାୟକ ଟିମ୍ ସହ ସାଗର ଯାଇ ସେଠାକାର ପୁଲିସ ସହାୟତାରେ ଯୁବତୀଙ୍କୁ

**୧.୨ ଲକ୍ଷରେ ବିକିଦେଇଥିଲେ ଦୁର୍ବୃତ୍ତ; ୪ ଗିରଫ**

ଉଦ୍ଧାର କରିବା ସହ ସନ୍ଧ୍ୟା ସେନ ଓ ସୁରେଶ ଆରିହାରଙ୍କୁ ଗିରଫ କରିଥିଲେ। ଅନ୍ୟପଟେ ପୁଲିସର ଆଉ ଏକ ଟିମ୍ ସୌଭାଗ୍ୟନଗର ଯାଇ ଟୁନା ମୁଖୀ ଓ ତାଙ୍କ ସ୍ତ୍ରୀ ଟୁନିଙ୍କୁ ଧରିଥିଲେ। ଅପହରଣର ୭୨ ଘଣ୍ଟା ମଧ୍ୟରେ ସମସ୍ତ ଆସାମୀଙ୍କୁ ଗିରଫ କରାଯିବା ସହ ଯୁବତୀଙ୍କୁ ଉଦ୍ଧାର କରାଯାଇ ପାରିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

# ନିର୍ମାଣ ସରିଲା, କାର୍ଯ୍ୟକ୍ଷମ ହେଉନି ବଏଜା ଉପସ୍ୱାସ୍ଥ୍ୟକେନ୍ଦ୍ର



କିଶୋରନଗର, ୫ ।୧୦(ସମିସ): ଗ୍ରାମାଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଦୁର୍ଗମ ଗ୍ରାମଗୁଡ଼ିକରେ ସରକାର ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଧଉରାପାଲ୍ଲୀ ପଞ୍ଚାୟତ ବଏଜା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ୨୦୨୪ରେ ବଏଜା ଗ୍ରାମରେ ୪୬ ଲକ୍ଷ ଟଙ୍କା ବ୍ୟୟରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଚି। ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନଏମ୍) ଓ ପବ୍ଲିକ ହେଲ୍‌ଥ୍ ଅଫିସର ରହି ରୋଗୀଙ୍କୁ ସେବା ଯୋଗାଇ ଦେବା ବ୍ୟବସ୍ଥା ଥିଲେ ମଧ କାର୍ଯ୍ୟକ୍ଷମ ନ ହେବାରୁ ଲୋକେ ଏହାର ସୁଫଳ ପାଉ ନ ଥିବା ପୂର୍ବତନ ଧଉରାପାଲ୍ଲୀ ସମିତି ସଭ୍ୟ ସଞ୍ଜୟ ପ୍ରଧାନ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗର ବିପିଏମ୍ ଅଜିତ ସାହୁଙ୍କୁ ପଚାରିବାରୁ କହିଲେ, ନିର୍ମାଣ ହୋଇଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ ଏବେ ୭ ଦିନ ହେବ ସମ୍ପୃକ୍ତ ଠିକାଦାର ଆମକୁ ହସ୍ତାନ୍ତର କରିଛନ୍ତି। ଖୁବଶୀଘ୍ର ଜଣେ ଏଏନଏମ୍ ଓ ପିଏଚଓ ରହି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରା ବଣ୍ଟନ

ଅନୁଗୋଳ, ୫ ।୧୦(ସମିସ): ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ବିକାଶ ପାଇଁ ଖଣି ଓ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବ୍ୟାପକ ଜଙ୍ଗଲ ନଷ୍ଟ ଏହାର ମୁଖ୍ୟ କାରଣ। ଏ ନେଇ ସମସ୍ତେ ଚିନ୍ତାରେ ଥିବା ବେଳେ ଭୁବନେଶ୍ୱରସ୍ଥିତ ସାହା ଚାରିଟେବୁଲ ଟ୍ରଷ୍ଟ ସବୁଜ ବଳୟ ସୃଷ୍ଟି କରିବାକୁ ଅଣ୍ଟା ଭିଡ଼ିଛି। ସାରା ରାଜ୍ୟରେ ଲୋକଙ୍କୁ ସଚେତନ କରି ମାଗଣାରେ ବିଭିନ୍ନ ଚାରା ବଣ୍ଟନ କରୁଛି। ଗଛ ଲଗାଇବାକୁ ସଚେତନ କରାଉଛି। ଅନୁଗୋଳ ଜିଲ୍ଲାରେ ଏହି ସଂସ୍ଥା ଗତ କିଛିଦିନ ମଧ୍ୟରେ ପ୍ରାୟ ୩ହଜାର ଚାରା ବଣ୍ଟନ କରିସାରିଛି। ସବୁଠାରୁ ବଡ଼ କଥା ହେଉଛି ଏହି ସଂସ୍ଥା ପିଜୁଳି, ସପେଟା, ବରକୋଳି ଓ ଲେମ୍ବୁ ଭଳି କେବଳ ଫଳ ଚାରା ବଣ୍ଟନ କରି ଗଛ ଲଗାଇବା ଉପରେ ଗୁରୁତ୍ୱ ଦେଉଛି। ଅନୁଗୋଳ ଜିଲ୍ଲାରେ ୩୦ ଏକରରୁ ଅଧିକ ଜମିରେ ୨୦ରୁ ଅଧିକ ଚାଷୀ ମାଗଣାରେ ଚାରା ପାଇ ଲଗାଇ ସାରିଛନ୍ତି। ଆଗକୁ ଆହୁରି ଅଧିକ ଫଳ ଚାରା ବଣ୍ଟନ କରିବାକୁ ସଂସ୍ଥା ଲକ୍ଷ୍ୟ ରଖିଛି। ଚାଷୀମାନେ ମଧ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ଯେଉଁ ଜମିରେ କୌଣସି ପନିପରିବା ହେଉ ନ ଥିଲା ଏବଂ ପଡ଼ିଆ ପଡୁଥିଲା ସେହି ଜମିରେ ଫଳ ଗଛ ହେଇପାରୁଛି। ଏହାଛଡ଼ା ସଂସ୍ଥା ତରଫରୁ ଉନ୍ନତ ମାନର ଚାରା ମାଗଣାରେ ମିଳିଯାଉଛି। ଏହାଦ୍ୱାରା ଚାରିଆଡ଼େ ସବୁଜିମା ହେବା ସହ ଗଛ ଲଗାଉଥିବା ଚାଷୀମାନେ ଲକ୍ଷାଧିକ ଟଙ୍କା ରୋଜଗାର କରିପାରିବେ। ଏହି ସଂସ୍ଥା ପରିବେଶକୁ ସବୁଜିମାମୟ କରିବା ସହ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେଉଥିବାରୁ ସବୁ ସ୍ତରରେ ସ୍ୱାଗତ କରାଯାଉଛି।



 କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାକୁ ପ୍ରୟାସ

# ଏଡିସିସିଆଇ ପ୍ରତିନିଧି ଓ ଜିନ୍ଦଲ ଅଧ୍ୟକ୍ଷଙ୍କ ମଧ୍ୟରେ ଆଲୋଚନା

ଅନୁଗୋଳ, ୫ ।୧୦(ସମିସ): ଅନୁଗୋଳ ଜିଲ୍ଲାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଅଧିକ ସୁଯୋଗ ଓ ପ୍ରୋତ୍ସାହନ ଦେବାନେଇ ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ (ଏଡିସିସିଆଇ) ପ୍ରତିନିଧି ଦଳ ଓ



ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଡିସିସିଆଇର ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳଙ୍କ ସଂଯୋଜନାରେ ପ୍ରତିନିଧି ଦଳ ଜିନ୍ଦଲ ଷ୍ଟିଲର ଅନୁଗୋଳସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ନବୀନଙ୍କୁ ଭେଟିଥିଲେ। ଆଲୋଚନାରେ ଅନୁଗୋଳରେ ଡାଉନଷ୍ଟ୍ରିମ୍ ଶିଳ୍ପର ବିକାଶ, ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇକୁ ଅଧିକ ସୁଯୋଗ, ସ୍ଥାନୀୟ ବ୍ୟବସାୟୀ ଓ ଶିଳ୍ପସଂସ୍ଥା ସହ ସହବୃହତ୍ ଶିଳ୍ପାନୁଷ୍ଠାନର ସମନ୍ୱୟ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ନେଇ ମତବିନିମୟ ହୋଇଥିଲା। ବୃହତ ଶିଳ୍ପସଂସ୍ଥା ସହ ସ୍ଥାନୀୟ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରର ଅଧିକ ସମନ୍ୱୟ ରହିଲେ ଅନୁଗୋଳରେ ଶିଳ୍ପଭିତ୍ତିକ ଉଦ୍ୟୋଗ ଓ ଆର୍ଥିକ କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଏଡିସିସିଆଇ ପକ୍ଷରୁ କୁହାଯାଇଥିଲା। ଏହି ପ୍ରୟାସକୁ ନବୀନ ଜିନ୍ଦଲ ସ୍ୱାଗତ କରିବା ସହ ସକାରାତ୍ମକ ଓ ସମୟୋପଯୋଗୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବ୍ୟବସାୟୀ ଓ ଶିଳ୍ପସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ମାଧ୍ୟମରେ ଅନୁଗୋଳର ସାମଗ୍ରିକ ବିକାଶ ଓ ସ୍ଥାନୀୟ ଅଞ୍ଚଳର କଲ୍ୟାଣ ପାଇଁ ଆଗାମୀ ଦିନରେ ସେ ଅଧିକ ସହଯୋଗମୂଳକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଡିସିସିଆଇ ଅଧ୍ୟକ୍ଷ ଅଶୋକ କୁମାର ଜୈନଙ୍କ ନେତୃତ୍ୱରେ ପ୍ରତିନିଧିଦଳ ନବୀନ ଜିନ୍ଦଲଙ୍କୁ ସ୍ଥାନୀୟ ବାଣିଜ୍ୟ ଓ ଶିଳ୍ପ ସମୁଦାୟ ପକ୍ଷରୁ ସମ୍ଭାବ୍ୟ ସହଯୋଗର ଆଶ୍ୱାସନା ଦେଇଥିଲେ। ସରକାର, ବୃହତ୍ ଶିଳ୍ପସଂସ୍ଥା ଓ ସ୍ଥାନୀୟ ଶିଳ୍ପ-ବାଣିଜ୍ୟ ସମୁଦାୟ ମଧ୍ୟରେ ଅଧିକ ସମନ୍ୱୟ ଗଢ଼ି ତୋଳିବା ଏଡିସିସିଆଇର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରତିନିଧିମାନେ କହିଥିଲେ। ଆଲୋଚନାରେ ଏଡିସିସିଆଇ ସଭାପତି ଦୀପକ କୁମାର ବର୍ମା, ସମ୍ପାଦକ ଅଶୋକ କୁମାର ମୋଦୀ, କାର୍ଯ୍ୟନିର୍ବାହୀ ସମ୍ପାଦକ ଶେଖ ରଫିକ, ଉପସଭାପତି ରାଜକୁମାର ଅଗ୍ରୱାଲ, ବିପିନ ଅଗ୍ରୱାଲ, ଓମ୍‌ପ୍ରକାଶ ଅଗ୍ରୱାଲ, ହରଜିତ ସିଂହ ବଂଶଲ ଓ ସୂରଜ ତୁଲିସ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ।

● କଲଣ୍ଡା ଫୁଟବଲ ପ୍ରତିଯୋଗିତା

# ନୁଥୁରିପଶିକୁ ୨-୦ ଗୋଲରେ ହରାଇ ବ୍ରଜନାଥପୁର ଚାମ୍ପିଅନ



ଖମାର, ୫ ।୧୦(ସମିସ): କଲଣ୍ଡା ଯୁଗଜ୍ୟୋତି ଯୁବକ ସଂଘ ପକ୍ଷରୁ ଆୟୋଜିତ ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବ୍ରଜନାଥପୁର ଓ ନୁଥୁରିପଶି ଦଳ ମଧ୍ୟରେ ଖେଳାଯାଇଥିଲା। ବ୍ରଜନାଥପୁର ଦଳ ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଦ୍ୱାରା ଅନେକ ପ୍ରତିଭାବାନ ଖେଳାଳି ଲୋକଲୋଚନକୁ ଆସିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଖେଳ ସମୟରେ ଆହତ ହୋଇଥିବା ଜଣେ ଖେଳାଳିଙ୍କୁ ମୁଖ୍ୟଅତିଥି ମହାନ୍ତି ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରାଛାଟ ସରପଞ୍ଚ ବବିତା ଘଟୁଆରି, ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ସରୋଜ ସାହୁ, ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟଚନ୍ଦନ ପ୍ରଧାନ, ଡିଳେଶ୍ୱର ବେହେରା, ଦିଲୀପ ସାହୁ, ମନୋଜ ସାହୁ ଓ ଶୁଭସ୍ମିତା ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁଗଜ୍ୟୋତି ଯୁବକ ସଂଘ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ସଞ୍ଜୟକୁମାର ମାଝୀ ଓ କୋଷାଧ୍ୟକ୍ଷ କାଳନ୍ଦୀ ଚରଣ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

● 'ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ' ପାଳିତ

# ବଧିର ବ୍ୟକ୍ତିଙ୍କ ଅଧିକ ଅନ୍ତର୍ଭୁକ୍ତୀକରଣ ପାଇଁ ଆହ୍ୱାନ




ଅନୁଗୋଳ, ୫ ।୧୦(ସମିସ): ବଧିର ବ୍ୟକ୍ତିଙ୍କ ଅଧିକ ଅନ୍ତର୍ଭୁକ୍ତୀକରଣ, ସୁଗମତା ଏବଂ ସମାନ ସୁଯୋଗର ବାର୍ତ୍ତା ବହନ କରି ଅନୁଗୋଳରେ 'ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ' ପାଳନ କରାଯାଇଛି। ସାଙ୍କେତିକ ଭାଷାର ଗୁରୁତ୍ୱ ତଥା ସମାଜରେ ବଧିର ବ୍ୟକ୍ତିଙ୍କ ଅଧିକାର ଓ ଅଂଶଗ୍ରହଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଅନୁଗୋଳ ବଧିର ସଂଘ ପକ୍ଷରୁ ସୋମବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନୁଗୋଳ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦୀବେଶ ଦଳବେହେରା ସବୁଜ ପତାକା ଦେଖାଇ ଏହାକୁ ଉଦଘାଟନ୍ କରିଥିଲେ। ପରେ ଟାଉନ୍ ହଲ୍‌ରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା ଅନ୍ତର୍ଭୁକ୍ତୀକରଣ ଶିକ୍ଷା ମୁଖ୍ୟ ବିଜୟ ମହାପାତ୍ର ବିଶିଷ୍ଟ ଅତିଥି, ଅନୁଗୋଳ ବଧିର ସଂଘ ସଭାପତି ପର୍ଶୁରାମ ଦାଶ ଏବଂ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ହୋତା, ବଧିର ସଂଘ ରାଜ୍ୟ ଉପସଭାପତି ମନୋରଞ୍ଜନ ସାମଲ ଓ ମୁକ୍ତିରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଙ୍କେତିକ ଭାଷା ଅନୁବାଦକ ସମୀର ନାୟକ ଅନୁବାଦ ମାଧ୍ୟମରେ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ବଧିର ଅଂଶଗ୍ରହଣକାରୀ ଏବଂ ଅନ୍ୟ ଅତିଥିଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନରେ ସହାୟତା କରିଥିଲେ। ସାଙ୍କେତିକ ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଏହା ବଧିର ବ୍ୟକ୍ତିଙ୍କ ପରିଚୟ। ଶିକ୍ଷା ଏବଂ ସାମାଜିକ ଅଂଶଗ୍ରହଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ବଧିର ବ୍ୟକ୍ତିଙ୍କ ଅବଦାନ ଓ ସଫଳତାକୁ ସ୍ୱୀକୃତି ଓ ଉତ୍ସାହିତ କରିବା ସହ ବ୍ୟାପକ ସମ୍ପ୍ରଦାୟ ମଧ୍ୟରେ 'ଭାରତୀୟ ସାଙ୍କେତିକ ଭାଷା' ବିଷୟରେ ଅଧିକ ବୁଝାମଣା ସୃଷ୍ଟି କରିବାକୁ ପ୍ରୟାସ କରିଥିଲା। ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ନିଯୁକ୍ତିଦାତା ଏବଂ ସାଧାରଣ ଜନତାଙ୍କୁ ଏକ ବାଧାମୁକ୍ତ ଓ ଅନ୍ତର୍ଭୁକ୍ତିକର ସମାଜ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲ।

● କଣିହାଁରେ ସେବା ସେତୁ ଶିବିର

# ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସେବା, ସହାୟତା ପ୍ରଦାନ



କଣିହାଁ, ୫ ।୧୦(ସମିସ): କଣିହାଁ ପଞ୍ଚାୟତ ସମିତି ପ୍ରାଙ୍ଗଣରେ ସୋମବାର ପୂର୍ବାହ୍ନ ୧୦ଟାରେ ସେବାସେତୁ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସାମାଜିକ ସୁରକ୍ଷା, ଖାଦ୍ୟ ଯୋଗାଣ, ଗ୍ରାମୀଣ ଗୃହ, ରାଜସ୍ୱ, ସ୍ୱାସ୍ଥ୍ୟ, କୃଷି, ମହିଳା ଓ ଶିଶୁ ବିକାଶ, ଶିକ୍ଷା ଏବଂ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଯୋଜନାଗୁଡ଼ିକର ସୂଚନା ଓ ସେବା ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ମଞ୍ଜୁର ହୋଇଥିବା ୭୦ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁରପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୧୦ ହିତାଧିକାରୀଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି। ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ୧୦ ବିଦ୍ୟାଳୟକୁ ଜମିପଟ୍ଟା, ୪ ହିତାଧିକାରୀଙ୍କୁ ନୂତନ ଶ୍ରମିକ କାର୍ଡ ଏବଂ ୨ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକଲ ପ୍ରଦାନ କରାଯାଇଛି। ଶିବିରରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ତ୍ରିପୁରାରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ଜେନା, ବିଇଓ ପ୍ରିୟରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର ଓ ଏବିଡିଓ ସୁତିକ୍ଷ୍ଣା ମହାପାତ୍ରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ନିର୍ବାଚିତ ପ୍ରତିନିଧି ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ ଉପସ୍ଥିତ ଥିଲେ।

# 'ଇଣ୍ଡିଆ ମେଣ୍ଟ ପକ୍ଷରୁ ଅକ୍ଟୋବର ୮ ଓଡ଼ିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ ହେବ'

ଅନୁଗୋଳ, ୫ ।୧୦(ସମିସ):

ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଅକ୍ଟୋବର ୮ ତାରିଖ ଓଡ଼ିଶା ବନ୍ଦ ଅନୁଗୋଳ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଇଣ୍ଡିଆ ମେଣ୍ଟ ପକ୍ଷରୁ ସମସ୍ତ ନେତୃବୃନ୍ଦ ୭ ଦିନିଆ କାର୍ଯ୍ୟକ୍ରମ ଘୋଷଣା କରି ସମସ୍ତ ଜିଲ୍ଲା ନେତୃତ୍ୱକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ "ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଓ ଗଣତନ୍ତ୍ର ବଞ୍ଚାଅ' ପାଇଁ ଦିଆଯାଇଥିବା ସ୍ଲୋଗାନକୁ ସଫଳ କରିବା ସହ ସାଧାରଣ ଜନତାଙ୍କୁ ହଜାର ହଜାର ସଂଖ୍ୟାରେ ସାମିଲ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଏମଏମଡିଆର ସଂଶୋଧନ ଅଧିନିୟମ ପ୍ରତ୍ୟାହାର, ଭୋଟ ଚୋରିର ମୁଖ୍ୟ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ, କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରିବା ପାଇଁ ପାଠ୍ୟପୁସ୍ତକରେ ସହସ୍ରାଧିକ ଭୁଲ ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବଣ୍ଡଁରପାଳଠାରୁ ତାଳଚେର ରାଜରାସ୍ତାର ମରାମତି ଆଦି ଦାବିରେ ହେବାକୁ ଥିବା ବନ୍ଦକୁ ଅନୁଗୋଳବାସୀ କଷ୍ଟ ହେଲେ ବି ସହଯୋଗ କରିବେ, କାରଣ ଭୋଟ



ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଓ ଗଣତନ୍ତ୍ର ବଞ୍ଚିଲେ ହିଁ ଦେଶ ବଞ୍ଚିବ। ଏଣୁ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ରହିଛି ଦେଶ ଓ ଗଣତନ୍ତ୍ରକୁ ବଞ୍ଚାଇବା। ଏହି ବନ୍ଦ ଆମ ସମସ୍ତଙ୍କୁ ବାଧୁଛି। କିନ୍ତୁ ସରକାର ସମସ୍ତ ପ୍ରକାର ଅବ୍ୟବସ୍ଥାକୁ ନେଇ କୌଣସି ପ୍ରକାର ସମାଧାନର ରାସ୍ତା ବାହାର କରିବା ପରିବର୍ତ୍ତେ ବିରୋଧୀ ଦଳମାନଙ୍କ କଥାକୁ ଏଡ଼ାଇ ଚାଲିଛି। ଯାହାକି ସାରା ଭାରତବର୍ଷର ବିଭିନ୍ନ ବିରୋଧୀ ଦଳ ବାଧ ହୋଇ ବନ୍ଦ ଭଳି ରାସ୍ତାରେ ଯାଉଛି। ବନ୍ଦ ଦିନ ରୋଗୀ, ଡାକ୍ତର, କ୍ଷୀରଗାଡ଼ି ଭଳି ଅତ୍ୟାବଶ୍ୟକ ସେବା ଓ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ବନ୍ଦରୁ ନିବୃତ୍ତ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ।

ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା ଯୋଗଦେଇ ବନ୍ଦକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜନତା ଜନାର୍ଦ୍ଦନଙ୍କ ସହଯୋଗରେ ବନ୍ଦ ନିଶ୍ଚିତ ଭାବେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହେବ। କାରଣ ପ୍ରତ୍ୟେକ ଜନତାଙ୍କୁ ହିଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ବାଧିଛି। ଦରବୃଦ୍ଧି, ବେକାରୀ ସମସ୍ୟା ସାଙ୍ଗକୁ କଳକାରଖାନାଗୁଡ଼ିକର ମନମାନି ବେଶୀ ବାଧିଛି। ଅନୁଗୋଳବାସୀ ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣର ଶିକାର ହୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ କାରଖାନା କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ଗ୍ରାମର ପ୍ରଜାଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଲୋକମାନେ ଏଥିରେ ଅତିଷ୍ଠ ହୋଇ ପଡ଼ିଲେଣି। ସେମାନଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଆନ୍ଦୋଳନ କଲେ ପୁଲିସ ଲଗାଇ ମିଛ କେସ୍ ଦେଇ ଜେଲ୍ ପଠାଇ ଦେଉଛନ୍ତି। ଏଠି ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଫଳରେ ଜନସାଧାରଣ ଏକଜୁଟ ହୋଇ ବନ୍ଦକୁ ସଫଳ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଉଚିତ ଜବାବ ଦେବାର ସମୟ ଆସିଛି ବୋଲି ସେ ଆହ୍ୱାନ ଦେଇଥିଲେ। ସେପ୍ଟେମ୍ବର ୩୦ ତାରିଖ ହେବାକୁ ଥିବା ଜିନ୍ଦଲ ଷ୍ଟିଲ କାରଖାନା ବିରୋଧରେ ଅର୍ଥନୈତିକ ଅବରୋଧକୁ ଅନିବାର୍ଯ୍ୟ କାରଣରୁ ସ୍ଥଗିତ ରଖାଯାଇଥିଲା। ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ ପାଇଁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପଛୁଆ ବର୍ଗ ସେଲ ଅଧ୍ୟକ୍ଷ ସରୋଜ ପ୍ରଧାନ, ପ୍ରଦେଶ କୃଷକ କଂଗ୍ରେସ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ସମ୍ପାଦକ ଦାଶରଥି ସାହୁ, ପ୍ରଦେଶ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଜିଲ୍ଲା କଂଗ୍ରେସ ଉପସଭାପତି କେଶବ ଚନ୍ଦ୍ର ଭୁତିଆ, ଅମୂଲ୍ୟ ବେହେରା, ବଣ୍ଡଁରପାଳ ବ୍ଲକ ସଭାପତି ବିନୋଦ ମାଝୀ, ଅନୁଗୋଳ ବ୍ଲକ ସଭାପତି ରାକେଶ ମିଶ୍ର, ନଗର ସଭାପତି ରଶ୍ମିରଞ୍ଜନ ସାହୁ, ସଂଗ୍ରାମ ବେହେରା, ଅଲେଖ ବେହେରା, ମାନିନୀ ପ୍ରଧାନ, ହେମନ୍ତ ମହାଳିକ, ଦୀନେଶ ତ୍ରିପାଠୀ, ଅନୁକୂଳ ଦାସ, ମନୋଜ ସାହୁ, ଅଭୟ ସାହୁ, ଭିକାରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲଭିଡ଼ା ସଂଘର୍ଷ ନେଇ କୋଇଲା ଠିକାଶ୍ରମିକ କଂଗ୍ରେସର ବୈଠକ

ତାଳଚେର, ୫ ।୧୦(ସମିସ): କୋଇଲା ପରିବହନ କରୁଥିବା ରେଳ ୱାଗନରେ ପାଲଭିଡ଼ା ସଂଘର୍ଷ ନେଇ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ପକ୍ଷରୁ ଅନନ୍ତବିହାରସ୍ଥିତ ଚିଲିକା



କଳାକେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ଆଇନଜୀବୀ ରମେଶ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡ଼ନାୟକ, ଆଇନଜୀବୀ ସୁରେଶ୍ୱର ମିଶ୍ର, ବିମ୍ବାଧର ନାଏକ, ନଖିଆ ସାହୁ, ଉପଦେଷ୍ଟା ଜଗନ ପ୍ରଧାନ, ପିସିସି ଉପଭୋକ୍ତା ଜଗଦାନନ୍ଦ ପ୍ରଧାନ, ପ୍ରମୋଦ ସାହୁ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପାଲଭିଡ଼ା ସମସ୍ୟାର ଦୀର୍ଘ ୭ବର୍ଷ ସଂଘର୍ଷର ସଫଳତା ନେଇ ମତବ୍ୟକ୍ତି କରିଥିଲେ। ଅନୁଷ୍ଠାନକୁ ସହଯୋଗ କରୁଥିବା ବ୍ୟକ୍ତିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଗତି ଅନୁଷ୍ଠାନର ସମ୍ପାଦକ ପ୍ରଭାତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀ

# ଶ୍ରେଷ୍ଠ ମେଢ଼କୁ ପୁରସ୍କାର; ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଓ ସୁରକ୍ଷା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୫।୧୦(ସମିସ)



ଶତବର୍ଷର ଐତିହ୍ୟକୁ ସାଙ୍ଗରେ ନେଇ ଚଳିତବର୍ଷ ଧୂମଧାମରେ ପାଳିତ ହେବ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ଶତବାର୍ଷିକୀ ପାଳନକୁ ସ୍ମରଣୀୟ କରିବା ସହ ପୂଜାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ନେଇ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରାକ୍ ପ୍ରସ୍ତୁତି। ଏନେଇ ସୋମବାର ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା ପରିଚାଳନାଠାରୁ ଆରମ୍ଭ କରି ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଯାତାୟାତ, ପରିମଳ ଓ ଜରୁରିକାଳୀନ ସେବା ପର୍ଯ୍ୟନ୍ତ ବିଭିନ୍ନ ଦିଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

ଚଳିତବର୍ଷ ପୂଜା ଶତବର୍ଷ ପୂରଣ କରୁଥିବାରୁ ଏହାକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶତବାର୍ଷିକୀର ସ୍ମାରକ ଭାବେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ କରାଯିବା ସହିତ ପୂଜା ମେଢ଼ର ସୌନ୍ଦର୍ଯ୍ୟ, ଆକର୍ଷଣ ଓ ଶୃଙ୍ଖଳାକୁ ନେଇ ମଧ୍ୟ ପୁରସ୍କାର ବ୍ୟବସ୍ଥା କରିବା ପ୍ରସ୍ତାବ ଆସିଥିଲା। ବିଶେଷକରି ଶ୍ରେଷ୍ଠ ମେଢ଼କୁ ପୁରସ୍କୃତ କରିବା ସହ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ହାସଲ କରୁଥିବା ପୂଜା କମିଟିକୁ ପୁରସ୍କାର ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ମେଢ଼ର ସାଜସଜ୍ଜା, ଆଲୋକୀକରଣ, ପରିମଳ, ଶୃଙ୍ଖଳା, ପରିବେଶ ସୁରକ୍ଷା ଭଳି ବିଭିନ୍ନ ବର୍ଗକୁ ନେଇ ପୁରସ୍କାର ଦିଆଯିବା ନେଇ ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ପୂଜା ସମୟରେ ବ୍ୟାପକ ଜନସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ପାର୍କିଂ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜରୁରିକାଳୀନ ସମୟରେ ଅଗ୍ନିଶମ ସେବା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀ ସେବା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ମଧ୍ୟ ଜୋର ଦିଆଯାଇଥିଲା। ଏଥିସହ ପୂଜା କମିଟିକୁ ଅନୁମତିପତ୍ର ପ୍ରଦାନ, ସମନ୍ୱୟ କମିଟି ଗଠନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକ ଓ ପାନୀୟଜଳ ଯୋଗାଣ, ଅଗ୍ନି ନିରାପତ୍ତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପୂଜା ସମୟରେ ବେଆଇନ ଚାନ୍ଦା ଆଦାୟ ଓ ନିଶା କାରବାରକୁ ରୋକିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ

### ଜରୁରିକାଳୀନ ସେବା ପାଇଁ ରହିବ ଆମ୍ବୁଲାନ୍ସ କରିଡର

ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ବଜାରରେ ଗୋଟିଏ ରାତିରେ ୩ ଚୋରି

ପଟ୍ଟାମୁଣ୍ଡାଇ, ୫।୧୦(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଟିଏ ରାତିରେ ୩ଟି ଚୋରି ଘଟଣା ଘଟିଯାଇଛି। ଚୋରି କରି ଚୋରମାନେ ଖସି ଯାଇ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ପଟ୍ଟାମୁଣ୍ଡାଇ ବଜାରର ଗୋଟିଏ ମୋବାଇଲ ଦୋକାନ ଓ ଗୋଟିଏ ଗାଡ଼ି ସିଟ କଭର ଦୋକାନରୁ ଚୋରି ହୋଇଥିବାବେଳେ ପୋହଳ ଛକ ନିକଟ ବର୍ତ୍ତି ଲେଦ ଦୋକାନରୁ ମଧ୍ୟ ଚୋରି ହୋଇଛି। ଇଲେକ୍ଟ୍ରି ଅଫିସ ନିକଟରେ ଥିବା ମୋବାଇଲ ଦୋକାନ କବାଟ ତାଡି ଚୋରମାନେ ୧୫/୨୦ଟି ମୋବାଇଲ ଓ ମୋବାଇଲ ପାର୍ଟ ଚୋରି କରିଥିବାବେଳେ ଏହି ଦୋକାନକୁ ଲାଗି ଗାଡ଼ି ସିଟ କଭର ଦୋକାନ କବାଟ ତାଡି ଦୋକାନରେ ଥିବା ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ପୋହଳ ଛକ ନିକଟରେ ଥିବା ଏକ ଲେଦ ଦୋକାନରୁ ମଧ୍ୟ ଚୋରି ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ମାତ୍ର ଏ ସମ୍ପର୍କରେ କାହାରିକୁ ଗିରଫ କରାଯାଇ ନ ଥିବାବେଳେ ଚୋରି ଜିନିଷ ଉଦ୍ଧାର ହୋଇନାହିଁ।

## ୮ ବର୍ଷ ପରେ କଲେଜରେ ଛାତ୍ର ରାଜନୀତିର ତାତି

# ନିର୍ବାଚନ ଘୋଷଣା ପରେ କେନ୍ଦ୍ରାପଡ଼ାରେ ଛାତ୍ର ସଂଗଠନ ସକ୍ରିୟ

କେନ୍ଦ୍ରାପଡ଼ା,୫।୧୦(ସମିସ): ଦୀର୍ଘ ୮ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ପୁଣି କଲେଜ ପରିସରରେ ଶୁଭିବ ନିର୍ବାଚନୀ ନାରା, ଚାଲିବ ପ୍ରଚାର ଓ ଛାତ୍ର ନେତୃତ୍ୱ ବାଛିବେ ଛାତ୍ରଛାତ୍ରୀ। ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଏବେ ଛାତ୍ର ରାଜନୀତିର ତାତି ଆରମ୍ଭ ହୋଇଛି।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏହି ରାଜନୈତିକ ଚଳଚଞ୍ଚଳତାର କେନ୍ଦ୍ରବିନ୍ଦୁ ପାଲଟିଛି। ନିର୍ବାଚନ ତାରିଖ ଘୋଷଣା ହେଉ ହେଉ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ିଛି ଉତ୍ସାହ। ଚା' ଦୋକାନଠାରୁ କଲେଜ କ୍ୟାମ୍ପସ୍ ସବୁଠି ଏବେ ଗୋଟିଏ ଚର୍ଚ୍ଚା, କିଏ ହେବ ଆଗାମୀ ଛାତ୍ର ନେତା? ଦୀର୍ଘ ୮ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବାରୁ ଛାତ୍ର ରାଜନୀତିରେ ଏକ ପ୍ରକାର ଶୂନ୍ୟତା ସୃଷ୍ଟି ହୋଇଥିଲା। ଏବେ ନିର୍ବାଚନ ଘୋଷଣା ସେହି ଶୂନ୍ୟତାକୁ ଦୂର କରିବା ସହ ବିଭିନ୍ନ ଛାତ୍ର ସଂଗଠନକୁ ପୁଣି ମଇଦାନକୁ ଆଣିଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ବିଜୁ ଛାତ୍ର ଜନତା ଦଳ

### ଆରମ୍ଭ ହେଲା ଶକ୍ତି ପରୀକ୍ଷା

ମଧ୍ୟରେ ଆଗାମୀ ଦିନରେ ରୋଚକ ଲଢ଼େଇ ଦେଖିବାକୁ ମିଳିବା ସମ୍ଭାବନା ରହିଛି। ଉଭୟ ପକ୍ଷ ନିଜ ନିଜ ସଂଗଠନର ଶକ୍ତି ଓ ଛାତ୍ର ସମର୍ଥନକୁ ନେଇ ଆଶାବାଦୀ। ଫଳରେ ନିର୍ବାଚନ ତାରିଖ ଘୋଷଣା ସହ କ୍ୟାମ୍ପସ୍ ରାଜନୀତି ଧୀରେ ଧୀରେ ଗରମ ହେବାରେ ଲାଗିଛି। ବିଶେଷକରି ଦୀର୍ଘ ୮ ବର୍ଷର ସଂଘର୍ଷ ପରେ ନିର୍ବାଚନ ହେଉଥିବାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ରଛାତ୍ରୀ ବେଶ୍ ଉତ୍ସାହିତ ଅଛନ୍ତି। ନିର୍ବାଚନ ଫେରିବାକୁ ସେମାନେ ଗଣତାନ୍ତ୍ରିକ ଅଧିକାରର ପୁନଃସ୍ଥାପନ ବୋଲି କହିଥିବାବେଳେ ନୂଆ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଅନ୍ୟପକ୍ଷରେ ବିଜୁ ଛାତ୍ର ଜନତା ଦଳ ମଧ୍ୟ ନିର୍ବାଚନ ପାଇଁ ନିଜ ସଂଗଠନକୁ ସଜାଡ଼ିବାରେ ଲାଗିଛି। ଛାତ୍ରଙ୍କ ସମସ୍ୟା, କଲେଜର ମୌଳିକ ସୁବିଧା, ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଙ୍କ ଅଧିକାରକୁ ପ୍ରସଙ୍ଗ କରି ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ତେବେ ଏଥର ଲଢ଼େଇ କେବଳ କଲେଜର ଛାତ୍ର ସଂସଦ ଦଖଲ ପାଇଁ ସୀମିତ ରହିବ ନାହିଁ। ଆଗାମୀ ଦିନର ଛାତ୍ର ରାଜନୀତିରେ କେଉଁ ସଂଗଠନର ପ୍ରଭାବ ବଢ଼ୁଛି, କାହାର ଅଧିକ ମଜଭୁତ ଓ କାହା ପଛରେ ଛାତ୍ର ସମର୍ଥନ ଅଧିକ ନିର୍ବାଚନ ଫଳାଫଳରେ ତାହାର ଏକ ସଙ୍କେତ ମିଳିପାରେ। କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ମହାବିଦ୍ୟାଳୟରେ ମଧ୍ୟ ସମାନ ଚିତ୍ର। ଛାତ୍ର ସଂଗଠନ ବୈଠକ, ଆଲୋଚନା ଓ ସାଙ୍ଗଠନିକ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ମଧ୍ୟ ଅଙ୍କକଷା ଆରମ୍ଭ ହୋଇଛି। ଏବେ କିଏ ଜିତିବ, କିଏ ହାରିବ ତାହାଠାରୁ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି।

## ● ଜନଶୁଣାଣି ଶିବିରରେ ମୋବାଇଲରେ ଗେମ୍ ଖେଳୁଛନ୍ତି ଅଧିକାରୀ

# ଭିଡିଓ ଭାଇରାଲ ପରେ ସରକାରୀ କାର୍ଯ୍ୟକ୍ରମର ଗମ୍ଭୀରତା ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା/ଡେରାବିଶ, ୫।୧୦(ସମସ): ସାଧାରଣ ଲୋକଙ୍କ ସମସ୍ୟା ଶୁଣି ତାହାର ତ୍ୱରିତ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ନିୟମିତ ଭାବେ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ ସହ ସେଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହୁଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିର ସମୟରେ ଜଣେ ବରିଷ୍ଠ ଅଧିକାରୀ ମୋବାଇଲରେ ଗେମ୍ ଖେଳୁଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି।

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଶିବିର ଚାଲିଥିବାବେଳେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଅତିରିକ୍ତ ଅଧିକାରୀ ଅରବିନ୍ଦ ରାଏ ନିଜ ମୋବାଇଲ ଫୋନରେ ଗେମ୍ ଖେଳୁଥିବା ଦୃଶ୍ୟ କେତେକ ଲୋକ ରେକର୍ଡ କରିଥିଲେ। ପରେ ସମ୍ପୃକ୍ତ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ସହ ଏହା ଭାଇରାଲ ହୋଇଥିଲା। ଜନଶୁଣାଣି ଶିବିରରେ ଲୋକମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଉପସ୍ଥିତ ଥିବାବେଳେ ଜଣେ ଦାୟିତ୍ୱପୂର୍ଣ୍ଣ ଅଧିକାରୀଙ୍କ ଏଭଳି ଆଚରଣକୁ ନେଇ ସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଓ



ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବାବେଳେ ଏଭଳି ଘଟଣା କାର୍ଯ୍ୟକ୍ରମର ଗମ୍ଭୀରତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଥିବା ଆଲୋଚନା ହେଉଛି। ଡେରାବିଶରେ ସାମ୍ନାକୁ ଆସିଥିବା ଏହି ଘଟଣାକୁ ନେଇ ପ୍ରଶାସନିକ ମହଲରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଅତିରିକ୍ତ ଅଧିକାରୀ ଅରବିନ୍ଦ ରାଏଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଛନ୍ତି, ଜନଶୁଣାଣି ଶିବିରରେ ଲୋକଙ୍କ ଅଭିଯୋଗ ଗ୍ରହଣ କାର୍ଯ୍ୟ ଚାଲିଥିବାବେଳେ କିଛି ସମୟ ପାଇଁ ଅବସର ମିଳିଥିଲା। ସେ ସମୟରେ

### ● ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ କହିଲେ ଜିଲ୍ଲାପାଳ
### ● ଟାଇମ୍ ପାସ୍ ପାଇଁ ଗେମ୍ ଖେଳୁଥିଲି: ଅରବିନ୍ଦ

ଟାଇମ୍ ପାସ୍ ପାଇଁ ମୁଁ ମୋବାଇଲରେ ଗେମ୍ ଖେଳୁଥିଲି। ତେବେ ଏହି ଘଟଣାକୁ ନେଇ ସାଧାରଣ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ଜନଶୁଣାଣି ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ସମୟରେ ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ଏଭଳି ଆଚରଣ କେତେ ଯୁକ୍ତିସଙ୍ଗତ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରିବାରୁ ମୁଁ ଭିଡିଓ ଦେଖିବା ପରେ ଘଟଣାର ତଦନ୍ତ କରି ଖୁବଶୀଘ୍ର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।

## ● ଖରାପ ଛାଡ଼ି ଭଲ ରାସ୍ତାରେ କଂକ୍ରିଟ୍ ଢଳେଇ

# ଅନିୟମିତତା ଅଭିଯୋଗ, ଆନ୍ଦୋଳନ ପାଇଁ ଚେତାବନୀ

ପଟ୍ଟାମୁଣ୍ଡାଇ,୫।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଣିଆ ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଆରଆଣ୍ଡବି ରାସ୍ତାଠାରୁ ହରିଜନ ସାହି ଦେଇ କୋଇଁଆ ପଲ୍ଲା ମାଇନର ପର୍ଯ୍ୟନ୍ତ ୩ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ପକ୍କା ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଯେଉଁଠି ରାସ୍ତା ଖରାପ ଅଛି ଓ ନିର୍ମାଣ ନିହାତି ଆବଶ୍ୟକ, ସେଠାରେ ନିର୍ମାଣ ନ କରି ଯେଉଁଠି ଭଲ ଢଳେଇ ରାସ୍ତା ଅଛି, ତାହା ଉପରେ ଏଷ୍ଟିମେଟଠାରୁ କମ ଉଚ୍ଚତାରେ କେବଳ ଚିପ୍ସ ଢଳେଇ କରି ସରକାରୀ ଅନୁଦାନ ହଡପ କରିବାକୁ ଯୋଜନା କରାଯାଇଛି। କାର୍ଯ୍ୟ ଆରମ୍ଭ ପରେ ନିମ୍ନମାନର କାମ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ଅଭିଯୋଗ କରିଥିଲେ। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରି ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏଷ୍ଟିମେଟ ଅନୁଯାୟୀ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଧିକାରୀ ଯିବାର କିଛି ସମୟ ପରେ କିଛି ଲୋକ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ ଜୋର ଜବରଦସ୍ତ ପୁନର୍ବାର



କାମ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। କାହା ସାହସରେ ଅଧିକାରୀଙ୍କ ଅନୁପସ୍ଥିତିରେ କାମ ହେଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ନିମ୍ନମାନର କାମ କରି ବିଲ ପ୍ରସ୍ତୁତ କରି ସରକାରୀ ଅର୍ଥ ହଡପ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅଜିତ ରାଉତ, ଶଙ୍କର୍ଷଣ ମଳିକ, ବାନାମ୍ବର ଦାସ, ଉମ୍ବରୁଧର ଦାସ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ୧୪ ଫୁଟର ବଉଳା କୁମ୍ଭୀର ମୃତ



ରାଜନଗର, ୫।୧୦(ସମିସ): ଆଜି ସନ୍ଧ୍ୟାରେ ଏକ ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ରାଜନଗର ବ୍ଲକର ଓସ୍ତିଆ ପଞ୍ଚାୟତ ନଗଡ ଗାଁ ନିକଟରେ ବ୍ରାହ୍ମଣୀ ନଦୀରେ ମୃତ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ବିଭୂତି ଭୂଷଣ ତରେଇଙ୍କ ନେତୃତ୍ୱରେ ରାକେଶ ମହାନ୍ତି, ଦେବାଶିଷ ରଥଙ୍କ ସହିତ ବନ କର୍ମଚାରୀ ନଗଡ ଗାଁ ନିକଟରେ ପହଞ୍ଚି ବୋଟ ଯୋଗେ ମୃତ କୁମ୍ଭୀରକୁ ଉଦ୍ଧାର କରି ରାଜନଗର ଆଣିଥିଲେ। କୁମ୍ଭୀରକୁ ସଂସାରଫଳସ୍ଥ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ସଂସାରଫଳଠାରେ କୁମ୍ଭୀରର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏହି ଅଣ୍ଡିରା କୁମ୍ଭୀରର ଲମ୍ବ ୧୪ ଫୁଟ ୨ ଇଞ୍ଚ। କୁମ୍ଭୀରଟି ନଗଡ ଗାଁ ନିକଟରେ ଦୀର୍ଘଦିନ ହେବ ଦେଖିବାକୁ ମିଳୁଥିଲା। ଆଜି କୁମ୍ଭୀର ମରି ଭାସୁଥିବା ଦେଖିବାକୁ ମିଳିଥିଲା। କୁମ୍ଭୀରଟି କିପରି ମଲା, ତାହା ବ୍ୟବଚ୍ଛେଦ ପରେ ସ୍ପଷ୍ଟ ହେବ।

## ତାଳଚୁଆ ସାମୁଦ୍ରିକ ଥାନାକୁ ଆସିଲା ଟ୍ରଲର

# ଗଭୀର ସମୁଦ୍ରରେ ପୁଲିସ କରିବ ପାଟ୍ରୋଲିଂ

ରାଜନଗର, ୫।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବାଂଲା ଅନୁପ୍ରବେଶକାରୀଙ୍କ ଆବାସସ୍ଥଳୀ ସ୍ଥଳୀ ପାଲଟିଛି। ତେଣୁ କେନ୍ଦ୍ରାପଡ଼ା ଉପକୂଳ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ରହିଛି। ତାଳଚୁଆ ସାମୁଦ୍ରିକ ଥାନାରେ ସ୍ପିଡ୍ ବୋଟ ଥିଲେ ମଧ୍ୟ ଏହା ଗଭୀର ସମୁଦ୍ରକୁ ଯାଇପାରୁ ନ ଥିଲା। କେନ୍ଦ୍ରାପଡ଼ା ଉପକୂଳକୁ ବାଂଲାଦେଶୀ ଜଳପଥରେ ଅନୁପ୍ରବେଶ ଆଶଙ୍କା ଥିବାବେଳେ ସାମୁଦ୍ରିକ ଥାନା ପୁଲିସ ଗଭୀର ସମୁଦ୍ରକୁ ଯାଇ ପାରୁ ନ ଥିବାରୁ ଅନୁପ୍ରବେଶକାରୀ ଅନାୟାସରେ ଏରିଆ ମଧ୍ୟକୁ ପ୍ରବେଶ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏପରିକି ଶତାଧିକ ଟ୍ରଲର ବେଆଇନ ଭାବେ ନିଷିଦ୍ଧାଞ୍ଚଳ ଭିତରେ ପଶି ମାଛ ମାରୁଥିଲେ ମଧ୍ୟ ସାମୁଦ୍ରିକ ଥାନା ପୁଲିସ ବୋଟ ନିକଟକୁ ଯାଇପାରୁନଥିଲା। ପୁଲିସ ଯେପରି ଅନାୟାସରେ ଗଭୀର ସମୁଦ୍ରକୁ ଯାଇ ଅପରାଧିକ ଗତିବିଧି ଉପରେ ନଜର ରଖିପାରିବ, ସେ ନେଇ



ତାଳଚୁଆ ସାମୁଦ୍ରିକ ଥାନାକୁ ଆଜି ଏକ ଟ୍ରଲର ଯୋଗାଇ ଦିଆଯାଇଛି। ଭଡ଼ାରେ ଆସିଥିବା ଶ୍ରୀମହାବୀର ଟ୍ରଲରରେ ଡ୍ରାଇଭର ସମେତ ୫ ଜଣ ସଦସ୍ୟ ଥିବା ଆଇଆଇସି ବିଶ୍ୱଭୂଷଣ ସାହାଣୀ ସୂଚନା ଦେଇଛନ୍ତି।

ଜଳପଥରେ ଘଟୁଥିବା ଅଘଟଣ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ସହିତ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ପାଟ୍ରୋଲିଂ ନିମନ୍ତେ ତାଳଚୁଆ ସାମୁଦ୍ରିକ ଥାନାକୁ ଆସିଥିଲା ସ୍ପିଡ ବୋଟ୍। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୧ ଏପ୍ରିଲ ପ୍ରଥମ ସପ୍ତାହରେ ଆଡିସନାଲ ଡିଜି ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ପାରାଦୀପ ମେରାଇନ ବେସରୁ ଆସିଥିଲା ସ୍ପିଡ ବୋଟ। ଏହି ସ୍ପିଡ ବୋଟ ଜଳପଥରେ ଗଭୀର ସମୁଦ୍ରକୁ ଯାଇପାରୁ ନ ଥିଲା। ଏପରିକି ଟ୍ରଲର ମାଫିଆ ବନବିଭାଗ ଉପରେ ଆକ୍ରମଣ କରୁଥିଲେ ମଧ୍ୟ ପୁଲିସ ଗଭୀର ସମୁଦ୍ରକୁ ଯାଇ ତଦନ୍ତ କରିପାରୁନଥିଲା। ଏପରିକି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ, ସାମୁଦ୍ରିକ ଥାନା ପୁଲିସ ଓ ମତ୍ସ୍ୟ ବିଭାଗ, କୋଷ୍ଟଗାର୍ଡ ମିଳିତ ପାଟ୍ରୋଲିଂ କରୁଥିବା କାଗଜପତ୍ରରେ କୁହାଯାଉଥିଲେ ମଧ୍ୟ ସାମୁଦ୍ରିକ ଥାନା ପୁଲିସ ସ୍ପିଡ ବୋଟରେ ଗଭୀର ସମୁଦ୍ରକୁ ଯାଇପାରୁ ନ ଥିଲା।

## ବନ୍ୟା ପରେ ଷ୍ଟ୍ରିଟ୍‌ଲାଇଟ ଅଚଳ, ଅନ୍ଧାରରେ କନପୁର ଗାଁ



ରାଜକନିକା,୫।୧୦(ସମିସ): ରାଜକନିକା ବ୍ଲକର ବନ୍ୟା ପୀଡ଼ିତ ଗାଁ ଭାବେ ପରିଚିତ ଥିବା ସୀମାନ୍ତ ଗାଁ କନପୁରରେ ଏବେ ରାତିରେ ଅନ୍ଧାରର ରାଜୁତି। ଦୀର୍ଘ ୩୮ ଦିନ ବନ୍ୟାରେ ବୁଡି ରହିଥିବା ଏହି ଗାଁର ଗାଁ ଦାଣ୍ଡ, ବାଡ଼ି, ଚଳପ୍ରଚଳ ଜାଗା, ଘର ବାଡ଼ି ସବୁଠି ସରୀସୃପଙ୍କ ଆତଙ୍କ ଥିବାବେଳେ ରାତି ଅନ୍ଧାରରେ ଗାଁରେ ଆତଙ୍କ ଆସୁଛି। ପ୍ରତି ଲାଇଟ ପୋଷ୍ଟରେ ଲାଗିଥିବା ଷ୍ଟ୍ରିଟଲାଇଟ ଖରାପ ହୋଇ ଅଚଳଥିବାରୁ ସାରା ଗାଁରେ ଅନ୍ଧାର କଳବଳ କରୁଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ଗାଁକୁ ପଞ୍ଚାୟତ ଦାୟିତ୍ୱରେ ଷ୍ଟ୍ରିଟଲାଇଟ ଲଗାଇବାକୁ ଦାବି ହୋଇଛି।

## ● ଛାତ୍ର ସଂସଦ ନିର୍ବାଚନ ଘୋଷଣ

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଉଷ୍ମତା

ରାଜନଗର, ୫।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ରାଜ୍ୟ ସରକାର ଘୋଷଣା କରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଷ୍ମତା ପ୍ରକାଶ ପାଇଛି। ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ନିର୍ବାଚନ ନେଇ ଘୋଷଣା ହେଉ ହେଉ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏବିଭିପି, ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଆଜି ନିର୍ବାଚନ ନେଇ ଘୋଷଣା ହେବା ପରେ ଛାତ୍ରଛାତ୍ରୀଙ୍କୁ ଭେଟି ନିଜ ସପକ୍ଷରେ କହୁଥିବା ଦେଖିବାକୁ ମିଳିଛି। ନିର୍ବାଚନ ଘୋଷଣା ହେବା ପରେ ୩ ଛାତ୍ର ସଂଗଠନ ପକ୍ଷରୁ କାହାକୁ ପ୍ରାର୍ଥୀ କରିବେ, କିଏ ପ୍ରାର୍ଥୀ ପାଇଁ ଉପଯୁକ୍ତ; ସେନେଇ ପ୍ରାର୍ଥୀ ବାଛିବା ଆରମ୍ଭ କରି ଦେଇଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୦୨ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ଡେରାବିଶ, ୫।୧୦(ସମିସ)

ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ ସଭାକକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର ଓ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ୧୦୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରେ ୮୪ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାଡର୍‌ରେ ନାମ ପଞ୍ଜିକୃତ କରିବା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀ, ବିଭିନ୍ନ ଭତ୍ତା ଯୋଜନାରୁ ବଞ୍ଚିତ ହିତାଧିକାରୀ, ଜମିଜମା ସଂକ୍ରାନ୍ତୀୟ ମାମଲା, ଅର୍ଥ ଠକେଇ ମାମଲା ଆଦି ରହିଥିଲା।



ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ପାନୀୟଜଳ ଯୋଗାଣ, ଡ୍ରେନେଜ୍ କଟ୍‌ରେ ଜମି ରହିଥିବା ଦଳ ପାଇଁ ଚାଷଜମିରୁ ଜଳନିଷ୍କାସନ ନ ହେବା, ମରଣଯନ୍ତା ପାଲଟିଥିବା ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ଆଦି ଅଭିଯୋଗ ଥିଲା। ଏଥିମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଡେରାବିଶ ବ୍ଲକ ଅଧୀନସ୍ଥ ନୂଆହାଟ ପାଟରେ ଦୀର୍ଘଦିନ ଧରି ବର୍ଷାଜଳ ଜମି ରହିବା ଫଳରେ ୫୦ ହେକ୍ଟର ଚାଷଜମିରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର, ରଘୁଦେଇପୁର ପଞ୍ଚାୟତର ବେଲାରପୁର ଓ ଭୁଜବଳ ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଆଜି ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତୁରନ୍ତ କ୍ଷେତ୍ର ପରିଦର୍ଶନ ପାଇଁ ତହସିଲଦାର ଓ ବ୍ଲକ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତେବେ ଅନ୍ୟ ଅଭିଯୋଗ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯାଇଥିବାବେଳେ ଅନ୍ୟଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ହରପ୍ରିୟା ଦେବୀ, ଏବିଡିଓ ମୃଣ୍ମୟ ରାଉତ, ଏବିଇଓ ଦେବଦତ୍ତ ଶତପଥି, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜୟ ଦାସ, ବିପିଏମ୍ ବୈଜୟନ୍ତୀ ମହାନ୍ତି, ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।
-ଭର୍ଗିଜ୍ କୁରିଏନ୍

## ସ୍ୱର୍ଣ୍ଣିମ ଗୌରବର ଆହ୍ୱାନ

ଓଡ଼ିଶା ସରକାର ପ୍ରାୟୋଜିତ ଭାରତୀୟ ହକି ଦଳ ପାଇଁ ୨୦୨୬ ଏସିଆନ୍ ଗେମ୍ସ ଦୁଇଦୁଇଟି ସ୍ୱର୍ଣ୍ଣିମ ଗୌରବର ମୁହୂର୍ତ୍ତ ଆଣିଛି। ପ୍ରଥମେ ଭାରତୀୟ ମହିଳା ହକି ଦଳ ଚୀନ୍‌କୁ ୧-୦ ଗୋଲରେ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କରିଥିବା ବେଳେ ଭାରତୀୟ ପୁରୁଷ ହକି ଦଳ ମାଲେସିଆକୁ ୫-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଉପରୋକ୍ତ ସ୍ୱର୍ଣ୍ଣିମ ସଫଳତା ଭାରତୀୟ ହକିରେ ଦେଖାଦେଇଥିବା ନିରାଶା ଭାବକୁ ଦୂର କରିବା ସହିତ ନୂଆ ଆଶା ସଞ୍ଚାର କରିଛି ଏବଂ ଅପାର ସମ୍ଭାବନା ଦିଗକୁ ବଢ଼ିବାର ଅଦମ୍ୟ ପ୍ରେରଣା ଦେଇଛି। ଏହି ଦ୍ୱୈତ ସଫଳତା ଭାରତୀୟ ହକିର ଅତୀତ ଗୌରବକୁ ପୁଣି ଥରେ ସ୍ମରଣ କରିଛି।

୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ଏହି ସଫଳତାର ସବୁଠାରୁ ଉଲ୍ଲେଖନୀୟ। ଭାରତୀୟ ମହିଳା ହକି ଦଳ ୧୯୮୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣର୍ ପଦକ ଜିତିଥିବା ବେଳେ ୧୯୯୮ ଓ ୨୦୧୮ରେ ରୌପ୍ୟ ଏବଂ ୨୦୨୩ରେ କାଂସ୍ୟ ପଦକ ଜିତିଥିଲା। ଏଥର କିନ୍ତୁ ଭାରତୀୟ ଖେଳାଳିମାନେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଆଧିପତ୍ୟ ବିସ୍ତାର କରିଥିଲେ। ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ୨-୦ରେ ହରାଇ ଫାଇନାଲ୍‌ରେ ପହଞ୍ଚିବା ପରେ ଚୀନ୍ ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ବଡ଼ ଆହ୍ୱାନ ଥିଲା। ପ୍ରତୀକ୍ଷା, ବିଫଳତାରୁ ଶିକ୍ଷା ଏବଂ ଲକ୍ଷ୍ୟ ପ୍ରତି ଅଟଳ ରହିବାର ଫଳ ଶେଷରେ ମିଳିଛି। ଚୀନ୍‌ର ଆକ୍ରମଣକୁ ଶେଷ ପର୍ଯ୍ୟନ୍ତ ପ୍ରତିହତ କରିବାରେ ଦଳୀୟ ଏକତା ଓ ମାନସିକ ଦୃଢ଼ତା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ବିଜୟର ମୂଲ୍ୟ ତେଣୁ କେବଳ ଏକ ସ୍ୱର୍ଣ୍ଣ ପଦକରେ ସୀମିତ ନ ରଖି ଦୀର୍ଘ ସମୟର ନିରାଶା, ବିଫଳତା ଓ ଦଳୀୟ ଅସ୍ଥିରତାକୁ ପଛରେ ପକାଇ ବିଶ୍ୱାସ ଫେରିପାଇବାର ସଫଳ କାହାଣୀ ଭାବେ ବର୍ଣ୍ଣନା କରାଯାଇପାରେ।

ସେହିପରି ଏହାକୁ ମିଶାଇ ପୁରୁଷ ହକି ଦଳ ଏସିଆନ୍ ଗେମ୍ସରେ ପଞ୍ଚମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅଧିନାୟକ ହରମନପ୍ରୀତ ସିଂହଙ୍କ ନେତୃତ୍ୱ ଓ ଦଳର ସମନ୍ୱିତ ପ୍ରଦର୍ଶନ ଏହି ବିଜୟର ପ୍ରମୁଖ ଆଧାର। ଏହି ସଫଳତାର ଆଉ ଏକ ବିଶେଷତ୍ୱ ହେଉଛି ପୁରୁଷ ଓ ମହିଳା ଦଳ ପ୍ରଥମ ଥର ଏକାସାଙ୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏବଂ ୨୦୨୮ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏବେ ଏହି ସଫଳତାକୁ ଅଲିମ୍ପିକ୍ସରେ ଦୋହରାଇବା ମୁଖ୍ୟ ଆହ୍ୱାନ। ଏସିଆନ୍ ଗେମ୍ସଠାରୁ ଅଲିମ୍ପିକ୍‌ରେ ପ୍ରତିଦ୍ୱନ୍ଦ୍ୱିତା ଓ ଆହ୍ୱାନ ଅଧିକ କଡ଼ା ଥିବାରୁ ଆଗାମୀ ଦୁଇ ବର୍ଷ ଖେଳାଳିମାନେ କଠିନ ପ୍ରସ୍ତୁତି କରିବା ଆବଶ୍ୟକ।

ଧ୍ୟାନଚାନ୍ଦଙ୍କ ଯୁଗରୁ ଆରମ୍ଭ କରି ଅଲିମ୍ପିକ୍ସର ସ୍ୱର୍ଣ୍ଣିମ ଅଧ୍ୟାୟ ପର୍ଯ୍ୟନ୍ତ ହକି ଭାରତୀୟ କ୍ରୀଡ଼ାର ପରିଚୟ ଥିଲା। ମଝିରେ ଏହି କ୍ରୀଡ଼ାର ଲୋକପ୍ରିୟତା ଓ ପ୍ରଭାବ କିଛିଟା ହ୍ରାସ ପାଇଥିଲା। ଭାରତୀୟ ହକି ଦଳର ପ୍ରାୟୋଜନ ପାଇଁ କୌଣସି ସଂସ୍ଥା ରାଜି ହେଉ ନ ଥିବା ବେଳେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟୋଜନ ପାଇଁ ଆଗେଇ ଆସିଥିଲେ। ତାଙ୍କର ସେହିସମୟର ଦୂରଦୃଷ୍ଟି ଓ ସାହସିକ ପଦକ୍ଷେପ ଏବେ ଫଳ ଦେଇଛି। ତେବେ ଏହି ସଫଳତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ତୃଣମୂଳ ସ୍ତରରେ ହକିକୁ ଅଧିକ ମଜବୁତ କରିବା ବର୍ତ୍ତମାନ ସରକାରଙ୍କ ଦାୟିତ୍ୱ। ଶିକ୍ଷାନୁଷ୍ଠାନ ସ୍ତରରେ ଏହି ଜାତୀୟ କ୍ରୀଡ଼ାର ପ୍ରଶିକ୍ଷଣ, ଗ୍ରାମାଞ୍ଚଳରେ ଖେଳ ଭିତ୍ତିଭୂମିର ବିକାଶ, ଉନ୍ନତ ଟର୍ଫ ନିର୍ମାଣ, ପ୍ରଶିକ୍ଷକ ଓ ଯୁବ ଖେଳାଳିଙ୍କ ପାଇଁ ଆର୍ଥିକ ସହାୟତା ଆଦିକୁ ପ୍ରାଥମିକତା ଦେବା ଆବଶ୍ୟକ। ବିଶେଷକରି ମହିଳା ହକିରେ ଏହି ସଫଳତାକୁ ଆଧାର କରି ନୂଆ ପ୍ରତିଭା ଖୋଜିବା ଦରକାର। ଭାରତୀୟ ହକିରେ ପ୍ରତିଭାର ଅଭାବ ନାହିଁ। ଆବଶ୍ୟକ ହେଉଛି ନିରନ୍ତର ପ୍ରଶିକ୍ଷଣ, ଆଧୁନିକ ଭିତ୍ତିଭୂମି, ଉନ୍ନତ ତାଲିମ୍, ଫିଟନେସ୍ ବ୍ୟବସ୍ଥା ଏବଂ ଛୋଟ ସହର ଓ ଗ୍ରାମାଞ୍ଚଳରୁ ପ୍ରତିଭା ଚିହ୍ନଟ। ବିଶେଷକରି ଝିଅମାନଙ୍କ ଖେଳ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇବାରେ ଏପରି ବିଜୟ ନିର୍ଣ୍ଣାୟକ ହୋଇପାରେ। ଗୋଟିଏ ସ୍ୱର୍ଣ୍ଣ ପଦକ ଅନେକ ପରିବାରକୁ ନିଜ ଝିଅକୁ ଖେଳ ପାଇଁ ଉତ୍ସାହିତ କରିବାର ସାହସ ଦେଇପାରେ। ଆଜିର ଚାମ୍ପିଅନ୍‌ମାନେ ଆସନ୍ତାକାଲିର ହଜାର ହଜାର ଝିଅଙ୍କ ପାଇଁ ଆଦର୍ଶ ହୋଇପାରନ୍ତି।

ବିଶ୍ୱର ଯୁବଶକ୍ତି ଭାରତକୁ ବିଶ୍ୱ କ୍ରୀଡ଼ାଶକ୍ତିର ପରିଚୟ ସୃଷ୍ଟି କରିବାକୁ ହେଲେ ହକି ସମେତ ଦୌଡ଼କୁଦ ଓ ଅନ୍ୟାନ୍ୟ କ୍ରୀଡ଼ାର ଭିତ୍ତିକୁ ମଧ୍ୟ ସଜାଡ଼ିବାକୁ ପଡ଼ିବ। ଅଲିମ୍ପିକ୍ସର ବିଭିନ୍ନ ବିଭାଗରେ ଅନେକ ପଦକ ଜିତିବାର ସମ୍ଭାବନା ରହିଛି। କିନ୍ତୁ ଭାରତର ପ୍ରଦର୍ଶନ ଏଯାବତ୍ ଆମର ଜନସଂଖ୍ୟା ଆଧାରରେ ଆଶାଜନକ ନୁହେଁ। କ୍ରିକେଟ୍‌ର ଏକଚାଟିଆ ଆଧିପତ୍ୟରୁ ଦୃଷ୍ଟି ହଟାଇ ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା ଓ ବିଶ୍ୱ ଚାମ୍ପିଅନ୍‌ସିପ୍ ପରି ବିଶ୍ୱସ୍ତରୀୟ ଦୌଡ଼କୁଦ ଓ ଅନ୍ୟାନ୍ୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିଜସ୍ୱ ପରିଚୟ ସୃଷ୍ଟି ସହିତ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ହେଲେ ଆହୁରି ଉନ୍ନତ ପ୍ରଦର୍ଶନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିବା ଉଚିତ। ଦେଶର ଅନେକ ସ୍ଥାନରେ ଗୁଣାତ୍ମକ ଭିତ୍ତିଭୂମି, ଫିଜିଓଥେରାପି ଓ ଆଧୁନିକ ପ୍ରଶିକ୍ଷଣ କେନ୍ଦ୍ରର ଅଭାବ ରହିଛି। ମହାନଗରଗୁଡ଼ିକରେ କିଛିଟା ସୁବିଧା ଥିଲେ ମଧ୍ୟ ଛୋଟ ସହର, ଗ୍ରାମାଞ୍ଚଳରେ ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ଆବଶ୍ୟକ ପରିବେଶ ନାହିଁ। ଫଳରେ ଅନେକ ପ୍ରତିଭା ଆରମ୍ଭରୁ ହିଁ ହଜିଯାଉଛନ୍ତି। ଆଧୁନିକ କ୍ରୀଡ଼ା କଠିନ ପରିଶ୍ରମ ସହିତ ବିଜ୍ଞାନର ସମନ୍ୱିତ ପ୍ରକ୍ରିୟା। ପ୍ରଶିକ୍ଷଣ ପଦ୍ଧତି, ପୋଷଣ, ମାନସିକ ପ୍ରସ୍ତୁତି ଆଦି ଏଥିରେ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ କ୍ରୀଡ଼ା ଏକ୍ଷେତ୍ରରେ କେତେକ ଉନ୍ନତି କରିଥିଲେ ମଧ୍ୟ ବିଶ୍ୱସ୍ତରୀୟ ହୋଇପାରିନାହିଁ। ଏଥିପ୍ରତି ସରକାର ପ୍ରାଥମିକତା ଦେବାକୁ ପଡ଼ିବ। ଏଥିସହିତ ପ୍ରଶିକ୍ଷଣ ସମୟରେ ଛାତ୍ରବୃତ୍ତି, ପୋଷଣ ଭତ୍ତା, ଚିକିତ୍ସା ସୁବିଧା ଓ ଚାକିରିର ସୁଯୋଗ ନିଶ୍ଚିତ କରିବା ଦରକାର। ପଦକ ଜିତିବା ପରେ ପୁରସ୍କାର ଦେବା ଯେତିକି ଆବଶ୍ୟକ, ପଦକ ଜିତିବା ପୂର୍ବରୁ ଏହାର ଘୋଷଣା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

## ରାଜୀବ କୁମାରଙ୍କଠାରୁ ଜ୍ଞାନେଶ କୁମାର ପର୍ଯ୍ୟନ୍ତ

ମହମ୍ମଦ ହିଫ୍‌ଜୁର ରହେମାନ୍

ଗତ କିଛିବର୍ଷ ଧରି ନିର୍ବାଚନ କମିସନଙ୍କ ଭୂମିକାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଲାଣି। ବିଶେଷକରି ଗତ ସାଧାରଣ ନିର୍ବାଚନ (୨୦୨୪)ଠାରୁ ଆଜିପର୍ଯ୍ୟନ୍ତ ବିରୋଧୀ ଦଳ ଓ କେତେକ ସଂଗଠନ ଯେଉଁସବୁ ଅଭିଯୋଗ ଉଠାଇଛନ୍ତି, ତାହା କମିସନଙ୍କ ଭିତିରି କାରନାମାକୁ ପଦାରେ ପକାଇବା ଆରମ୍ଭ କରିଛି। ୨୦୨୪ ସାଧାରଣ ନିର୍ବାଚନ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ୨୦୨୫ରୁ ଚାଲିଛି ଜ୍ଞାନେଶ କୁମାରଙ୍କ ରାଜ। ରାଜୀବଙ୍କ ସମୟର କାରନାମାଠାରୁ ଭୟଙ୍କର ଭାବେ ବଢ଼ିଯାଇଛି ଜ୍ଞାନେଶଙ୍କ କାରନାମା, ଯାହାକୁ ନେଇ ସମଗ୍ର ଦେଶରେ ହଲଚଲ ସୃଷ୍ଟି ହୋଇଛି।

'ବିନାଶ କାଳେ ବିପରୀତ ବୁଦ୍ଧି' ନ୍ୟାୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବେ ଯେମିତି ୟୁଟର୍ଣ୍ଣ ମାରୁଛନ୍ତି, ତାହା ସମଗ୍ର ନିର୍ବାଚନ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଦେଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆରର ଯେଉଁ ବିବାଦୀୟ ସର୍ତ୍ତ ଯୋଗୁଁ ଭୋଟର ତାଲିକାରୁ ୧୩ କୋଟି ଭୋଟର କଟିଗଲେ, ସେହି ବ୍ୟବସ୍ଥାରେ ପରିବର୍ତ୍ତନ କରି ବାଦ୍ ପଡ଼ିଯାଇଥିବା ଭୋଟରମାନଙ୍କୁ ସାମିଲ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚିତ। କିନ୍ତୁ ଯେଉଁ ବିବାଦୀୟ ଏସ୍‌ଆଇଆର୍ ଆଧାରରେ ରାଜ୍ୟ ବିଧାନସଭା ନିର୍ବାଚନ କରାଯାଇଛି, ତାହା ବୈଧ କି? ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ ଏବଂ ବିରୋଧୀ ଦଳ ମଧ୍ୟ ଏହି ପ୍ରଶ୍ନ କରିବା ଆରମ୍ଭ କଲେଣି।

ଜ୍ଞାନେଶଙ୍କ ଅମଳରେ ସବୁଠାରୁ ବିବାଦୀୟ ପଦକ୍ଷେପଟି ହେଉଛି ଏସ୍‌ଆଇଆର୍। ନୂଆ ଭୋଟରଙ୍କୁ ଯୋଡ଼ିବା ଲାଗି ଏସ୍‌ଆଇଆର୍ ଉଦ୍ଦିଷ୍ଟ ଥିବା ବେଳେ ଜ୍ଞାନେଶ ଏହାକୁ ବିପରୀତ ଦିଗକୁ ନେଇ ଭୋଟରଙ୍କୁ କାଟିବା ହିଁ ମୂଳ ଲକ୍ଷ୍ୟ କରିଦେଲେ। ତାଙ୍କର ଏହି କାରନାମା ଏବେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ଦୁଇଜଣ ନିର୍ବାଚନ କମିସନର ଏହି ମାମଲାରେ ତାଙ୍କ ସହ ଅସହମତ ହେବା ରିପୋର୍ଟ ପ୍ରକାଶ ପାଇବା ପରେ ଜ୍ଞାନେଶଙ୍କ ପାଇଁ କାଉଣ୍ଟଡାଉନ୍ ବା ଓଲଟା ଗଣତି ଆରମ୍ଭ ହୋଇଯାଇଛି। ଯେଉଁଥିପାଇଁ ବ୍ୟସ୍ତବିବ୍ରତ ହୋଇ ସେ ପୂର୍ବ ନିଷ୍ପତ୍ତି ବଦଳାଇବାକୁ ଲାଗିଛନ୍ତି। ଏସଆଇଆରରେ ବିଶେଷକରି ୪ଟି ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଛି।

ପ୍ରଥମଟି ହେଲା ଫର୍ମ-୬। ଏହି ଫର୍ମ ଜରିଆରେ ନୂଆ ଭୋଟର ସାମିଲ ହୁଅନ୍ତି। କିନ୍ତୁ ଏହି ଫର୍ମରେ ଅନଲାଇନ ଆବେଦନ ବେଳେ ଏମିତି ସର୍ତ୍ତ ଯୋଡ଼ାଗଲା ଯେ ଲକ୍ଷାଧିକ ଯୋଗ୍ୟ ଯୁବ ଭୋଟର ତାଲିକାରେ ସ୍ଥାନ ପାଇପାରିଲେ ନାହିଁ। ୨୦୦୨ରେ ହୋଇଥିବା ଏସ୍‌ଆଇଆର୍ ବେଳେ ସେମାନଙ୍କର ପିତାମାତାଙ୍କ ତଥ୍ୟ ସହ ମେଳ କରିବାକୁ ଏଥିରେ ସର୍ତ୍ତ ରଖାଯାଇଥିଲା। ଏହାର ବିରୋଧ କରିଥିଲେ ଦୁଇ ଜଣ କମିସନର। କିନ୍ତୁ ଜ୍ଞାନେଶ ସେମାନଙ୍କ କଥା ଶୁଣିନଥିଲେ। ଏହି ଖବର ପ୍ରଘଟ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଫର୍ମ-୬ରୁ ଏହି ସର୍ତ୍ତଗୁଡ଼ିକୁ ହଟାଇ ଦିଆଯାଇଛି।

ଦ୍ୱିତୀୟଟି ହେଲା ଫର୍ମ-୭। ମୃତ ଓ ଅଯୋଗ୍ୟ ଭୋଟରଙ୍କ ନାମ କାଟିବା ଲାଗି ଏହି ଫର୍ମ ବ୍ୟବହୃତ ହୁଏ। ଜଣେ ବ୍ୟକ୍ତି ଅନ୍ୟବ୍ୟକ୍ତିର ନାମ ଭୋଟର ତାଲିକାରୁ କାଟିବା ଲାଗି ଏହି ଫର୍ମ ଜରିଆରେ ଆବେଦନ କରିପାରିବ। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ନିର୍ବାଚନ ଅଧିକାରୀ ଯାଞ୍ଚ କରିବେ। କିନ୍ତୁ ଏଥିରେ ବଡ଼ ଧରଣର ଜାଲିଆତି କରାଯାଇଛି। ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭୋଟର କାଟିବା ଲାଗି କେତେକ ଦଳର କର୍ମୀ ଏଭଳି ଫର୍ମରେ ଆବେଦନ କରିଛନ୍ତି। ବୁଥସ୍ତରୀୟ ଅଧିକାରୀ ବା ବିଏଲ୍‌ଓମାନଙ୍କ ଆଇଡି ଓ ପାସୱାର୍ଡ ହ୍ୟାକ୍ କରି ହଜାର ହଜାର ଭୋଟରଙ୍କ ନାମ କଟାଯାଇଛି। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, କର୍ଣ୍ଣାଟକରୁ ଆରମ୍ଭ କରି ଓଡ଼ିଶାର ଧାମନଗର ପର୍ଯ୍ୟନ୍ତ ଏଭଳି ଜାଲିଆତି ହୋଇଥିବା ଧରାପଡ଼ିଛି। କେବଳ ପଶ୍ଚିମବଙ୍ଗରେ ଏହି ଫର୍ମ ଜରିଆରେ ୩୮ ଲକ୍ଷ ଆବେଦନ କରାଯାଇଛି ଏବଂ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ୧୬ ଲକ୍ଷ ଏଭଳି ଲୋକ ଆବେଦନ କରିଛନ୍ତି, ଯେଉଁମାନଙ୍କର କୌଣସି ପତ୍ତା ନାହିଁ।

ତୃତୀୟଟି ହେଉଛି ନିର୍ବାଚନ କମିସନଙ୍କ ପୋର୍ଟାଲ ଇସିଆଇନେଟ୍। ଆଇନ ଅନୁଯାୟୀ ଭୋଟର ତାଲିକାରେ ନାମ ଯୋଡ଼ିବା, କାଟିବା ବା ସଂଶୋଧନ କରିବା ଦାୟିତ୍ୱ ହେଉଛି ରାଜ୍ୟରେ ଥିବା ନିର୍ବାଚନ ଅଧିକାରୀମାନଙ୍କର। ପୂରା ଯାଞ୍ଚ କରିବା ପରେ ସେମାନେ ସଠିକ୍ ତଥ୍ୟ ଏଥିରେ ଅପଲୋଡ୍ କରନ୍ତି। କିନ୍ତୁ ଏହି ପୋର୍ଟାଲ ଡାଟାବେସ୍‌ର କେନ୍ଦ୍ରୀକରଣ କରି କମିସନ ରାଜ୍ୟ ଅଧିକାରୀମାନଙ୍କଠାରୁ ଏହି କ୍ଷମତା ଛଡ଼ାଇନେଲେ। ଏହି କ୍ଷମତା ଦିଲ୍ଲୀରେ ସୀମିତ କରିଦିଆଗଲା। ତେଣୁ କାହାର ନାମ କଟିବ କି ଯୋଡ଼ାହେବ, ସେ ନିଷ୍ପତ୍ତି ଦିଲ୍ଲୀରେ ନିଆଗଲା। ଦୁଇ ଜଣ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଏହାର ବିରୋଧ କରିଥିଲେ। କିନ୍ତୁ ଜ୍ଞାନେଶ କୁମାର ସେମାନଙ୍କ କଥା ଶୁଣିଲେ ନାହିଁ। ପୁଣି ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ଏଭଳି କେନ୍ଦ୍ରୀକରଣକୁ ନେଇ ଆପତ୍ତି ଉଠାଇଲେ। ଏହିସବୁ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମିସନର ଇସିଆଇନେଟ୍‌ର ବିକେନ୍ଦ୍ରୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

ସବୁଠାରୁ ଭୟାନକ ଓ ବିପଜ୍ଜନକ ପ୍ରସଙ୍ଗଟି ହେଉଛି ଲଜିକାଲ ଡିସକ୍ରେପାନ୍ସି ବା ସରଳ ଭାଷାରେ କହିବାକୁ ଗଲେ ସନ୍ଦିଗ୍ଧ ତାଲିକା। ଅର୍ଥାତ ଜଣେ ଭୋଟର ପାଖରେ ସବୁ ତଥ୍ୟ ପ୍ରମାଣ ଥିଲେ ମଧ୍ୟ ନିର୍ବାଚନ ଅଧିକାରୀଙ୍କର ସନ୍ଦେହ ହେଲେ ତାଙ୍କୁ ମତଦାନରୁ ବଞ୍ଚିତ କରିପାରିବେ। ପଶ୍ଚିମବଙ୍ଗରେ ପ୍ରଥମେ ୧ କୋଟି ୩୦ ଲକ୍ଷ ଭୋଟରଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଥିଲା। ପରବର୍ତ୍ତୀ ସମୟରେ ଏହା ୯୫ ଲକ୍ଷକୁ ଖସି ଆସିଥିଲେ ମଧ୍ୟ ଏବେ ବି ୬୦ ଲକ୍ଷ ଭୋଟରଙ୍କ ନାମ ଏହି ତାଲିକାରେ ଯୋଡ଼ି ହୋଇଛି। ଏଭଳି ଭୋଟରଙ୍କ ଆବେଦନର ବିଚାର ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ ହୋଇଥିଲେ ମଧ୍ୟ ଏହି ବିଚାର ପ୍ରକ୍ରିୟା କେବେ ସଂପନ୍ନ ହେବ, ତାହା କେହି କହିପାରିବେ ନାହିଁ। କାରଣ ଏଥିପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ।

ଭୋଟର କାଟ୍ ନେଇ ନିର୍ବାଚନ କମିସନଙ୍କର ଏଭଳି ଆଭିମୁଖ୍ୟ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ସେ କହିଛନ୍ତି ଯେ ଲକ୍ଷ ଲକ୍ଷ ନାଗରିକଙ୍କୁ ସେମାନଙ୍କର ମତାଧିକାରରୁ ବଞ୍ଚିତ କରୁଥିବା କୌଣସି ବି ପ୍ରକ୍ରିୟା ସମ୍ବିଧାନ ସମ୍ମତ ନୁହେଁ। ଏହା ସମ୍ବିଧାନର ଧାରା ୩୨୬ ଏବଂ ୧୪ର ଉଲ୍ଲଂଘନ କରୁଛି। ଦୁଇପ୍ରକାର ନାଗରିକ ପାଇଁ ଭାରତୀୟ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ, ଯେଉଁଠି ଗୋଟିଏ ଶ୍ରେଣୀର ନାଗରିକଙ୍କ ପାଖରେ ମତଦାନ ଅଧିକାର ରହିବ ଏବଂ ଆଉ ଗୋଟିଏ ପ୍ରକାର ନାଗରିକ ପାଖରେ ଭୋଟିଂ ଅଧିକାର ରହିବ ନାହିଁ। ମତାଧିକାରରୁ ବଞ୍ଚିତ କରି ନାଗରିକଙ୍କୁ ନିଜ ଦେଶରେ ଦ୍ୱିତୀୟ ଶ୍ରେଣୀର ନାଗରିକ କରାଯାଇପାରିବ ନାହିଁ।

ଏହାପୂର୍ବରୁ ରାଜୀବ କୁମାରଙ୍କ କାର୍ଯ୍ୟକାଳରେ ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ପ୍ରଥମ ଅଭିଯୋଗ ଥିଲା ଯେ ଇଭିଏମ୍‌ରେ ଯେତେସଂଖ୍ୟକ ଭୋଟ୍ ପଡ଼ିଥିଲା, ଗଣତି ବେଳେ ସେହି ସଂଖ୍ୟା ଢେର ଅଧିକ ଥିଲା। ଦ୍ୱିତୀୟ ଅଭିଯୋଗ ହେଉଛି ଯେ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିବା ବେଳେ ପ୍ରତି ପର୍ଯ୍ୟାୟରେ ଭୋଟିଂ ହାର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇଥିଲା। ପୁଣି ମତଦାନ ସରିବା ପରେ ଭୋଟର ସଂଖ୍ୟା ସଂପର୍କରେ କମିସନ ଯେଉଁ ପ୍ରାଥମିକ ରିପୋର୍ଟ ଦେଉଥିଲେ, ଚୂଡ଼ାନ୍ତ ରିପୋର୍ଟ ପ୍ରକାଶନ ବେଳେ ଏହି ସଂଖ୍ୟା ଢେର ଅଧିକ ଦେଖାଉଥିଲେ। ପ୍ରାଥମିକ ସଂଖ୍ୟା ଏବଂ ଚୂଡ଼ାନ୍ତ ସଂଖ୍ୟା ମଧ୍ୟରେ ୫ କୋଟି ଭୋଟ୍ ବ୍ୟବଧାନ ରହିଥିଲା। ସେଥିରେ ଓଡ଼ିଶାର ୧୮ଟି ଆସନ ରହିଥିଲା। ଏହି ସଂସଦୀୟ କ୍ଷେତ୍ରଗୁଡ଼ିକରେ ୧୨.୪୮% ସନ୍ଦିଗ୍ଧ ଭୋଟ ଓଡ଼ିଶାର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଥିଲା। ଏଭଳି ଭୋଟ୍ ବ୍ୟବଧାନ ଯୋଗୁଁ ଶାସକ ମେଣ୍ଟକୁ ୭୬ଟି ଆସନର ଫାଇଦା ମିଳିଥିଲା। ଯଦିଓ ନିର୍ବାଚନ କମିସନ ଏହି ଅଭିଯୋଗକୁ ଅସତ୍ୟ, ଅମୂଳକ ଓ ଦାୟିତ୍ୱହୀନ ବୋଲି ଉଲ୍ଲେଖ କରିଛନ୍ତି; ତଥାପି ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ପାର୍ଥକ୍ୟ ସଂକ୍ରାନ୍ତରେ 'ଏଡିଆର' ଓ 'ଭୋଟ ଫର ଡେମୋକ୍ରାସି' ରିପୋର୍ଟ ସଂକ୍ରାନ୍ତରେ ଆଜିପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଉତ୍ତର ମିଳିନାହିଁ। ପୁଣି ପ୍ରାଥମିକ ସଂଖ୍ୟା ଦେବା ପରେ ଚୂଡ଼ାନ୍ତ ଭୋଟ୍ ହାର ପ୍ରକାଶ କରିବାକୁ ୧୧ ଦିନ କାହିଁକି ଲାଗୁଥିଲା ସେ ସମ୍ପର୍କରେ 'ଭୋଟ୍ ଫର ଡେମୋକ୍ରାସି' ନିର୍ବାଚନ କମିସନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

କମିସନ୍ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି କହିଥିଲେ ଯେ ଭୋଟିଂ ହାର ସଂପର୍କରେ ତଥ୍ୟ ପ୍ରକାଶ କରିବାକୁ ଆଇନତଃ ବାଧ୍ୟ ନୁହନ୍ତି। ଏହି ତଥ୍ୟ କେବଳ ପ୍ରାର୍ଥୀଙ୍କୁ ଦିଆଯାଇପାରିବ; ସାଧାରଣରେ ତଥ୍ୟ ପ୍ରକାଶ କରାଗଲେ ବିଭ୍ରାନ୍ତି ସୃଷ୍ଟି କରିବ। କିଛି ଅଭିଯୋଗକୁ କମିସନ ଏଡ଼ାଇ ଯାଇଥିବା ବେଳେ ଅନ୍ୟ କିଛି ଅଭିଯୋଗ ଉପରେ ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। ନିର୍ବାଚନ କମିସନଙ୍କର ଏଭଳି ଆଭିମୁଖ୍ୟ କେବଳ ଇଭିଏମ୍ ଓ କମିସନଙ୍କର ବିଶ୍ୱସନୀୟତାକୁ ସନ୍ଦେହରେ ପକାଇ ନାହିଁ, କେନ୍ଦ୍ରରେ କ୍ଷମତାସୀନ ମେଣ୍ଟକୁ ମଧ୍ୟ ଅଡୁଆରେ ପକାଇଛି।

rahamanzee@gmail.com

## ଜୀବନଚର୍ଯ୍ୟାରେ ଆତ୍ମାନୁଶାସନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିର ମଣିଷ ସୁଖ-ସୁବିଧାରେ ସମ୍ପନ୍ନ, କିନ୍ତୁ ସ୍ୱାସ୍ଥ୍ୟ ବିଷୟରେ ନିହାତି ଗରିବ ହୋଇଚାଲିଛି। ସ୍ୱାସ୍ଥ୍ୟ କୌଣସି ଔଷଧ ଶିଶିରେ ବନ୍ଦ ଥିବା ଜିନିଷ ନୁହେଁ। ଏହା ଆମ ଦିନଚର୍ଯ୍ୟାରେ, ଥାଳିରେ, ଶ୍ରମରେ ଏବଂ ଆତ୍ମସଂଯମରେ ଅଛି। ଆମେ ଜାଣିଛନ୍ତି ସୁସ୍ଥ ଶରୀର ପାଇଁ ଶ୍ରମ, ସଂଯମ, ସନ୍ତୁଳିତ ଆହାର ଏବଂ ନିୟମିତ ଦିନଚର୍ଯ୍ୟା ଆବଶ୍ୟକ।

ପୂର୍ବରୁ ଚାଲି ଚାଲି ଯିବା ଜୀବନର ସ୍ୱାଭାବିକ ଅଂଶ ଥିଲା। ଆଜି ଅଳ୍ପଦୂରତା ପାଇଁ ମଧ୍ୟ ଗାଡ଼ି ଏବଂ ଦୁଇ ମହଲା ଚଢ଼ିବା ପାଇଁ ଲିଫ୍ଟ ଦରକାର। ସାଇକେଲ, ଯାହା କେବେ ଗମନ ଓ ବ୍ୟାୟାମର ସାଧନ ଥିଲା, ଆଜି ଅନେକ ଘର କୋଣରେ ପଡ଼ି ଧୂଳି ଖାଉଛି କିମ୍ବା ଆଦୌ ନାହିଁ। ବିଲରେ ଲଙ୍ଗଳ ନଚାଲିଲେ ଜମି ପତିତ ହୋଇଯାଏ, ସେହିପରି ଦେହକୁ ଗତି ନମିଳିଲେ, ତାହା ଜଡ଼ତାର ଶିକାର ହୋଇଥାଏ। ଦିନସାରା ଚୌକିରେ ବସିରହିବା, ଘରକୁ ଫେରି ସୋଫାରେ ଗଡ଼ିବା ଏବଂ ମୋବାଇଲରେ ବୁଡ଼ିରହିବା ସାଧାରଣ କଥା ହୋଇଗଲାଣି। ବ୍ୟାୟାମ ପାଇଁ ସମୟ ନାହିଁ, କିନ୍ତୁ ଘଣ୍ଟା ଘଣ୍ଟା ଧରି ସ୍କ୍ରିନ୍ ପାଇଁ ସମୟ ହିଁ ସମୟ। ଯୋଗ, ପ୍ରାଣାୟାମ ଓ ଧ୍ୟାନ ମଧ୍ୟ କେତେକ ସ୍ଥାନରେ ସାଧନା କମ୍, ପ୍ରଦର୍ଶନ ଅଧିକ ହେବାକୁ ଲାଗିଛି। ନିଦ ସହିତ ଆମେ ଖେଳିବା ଆରମ୍ଭ କରିଦେଇଛନ୍ତି। ଅଧରାତି ଯାଏଁ ମୋବାଇଲ୍ ଏବଂ ସକାଳେ ଡେରି ଯାଏଁ ବିଛଣା ଆଧୁନିକ ଦିନଚର୍ଯ୍ୟାର ଅଂଶ ପାଲଟିଯାଇଛି। ରାତିରେ ଆଖି ମୋବାଇଲରେ ଲାଗି ରହେ ଏବଂ ସକାଳୁ ଉଠୁ ଉଠୁ ହାତ ମୋବାଇଲ୍ ଖୋଜେ। ଶରୀର ବିଶ୍ରାମ ମାଗେ ଏବଂ ମଣିଷ ତା'କୁ ମନୋରଞ୍ଜନ ଦେଉଥାଏ। ତା'ପରେ ଦିନସାରା କ୍ଲାନ୍ତି ଏବଂ ଅମନୋଯୋଗୀ ଭାବ ରହିଲେ ଆମେ ଆଶ୍ଚର୍ଯ୍ୟ କାହିଁକି?

ମଣିଷ ଆପଣାର ଜିଭ ସ୍ୱାଦର ଏପରି ଅଧୀନ ହୋଇଯାଇଛି ଯେ ଭୋକ ପଛରେ ରହିଯାଇଛି ଏବଂ ସ୍ୱାଦ ଆଗକୁ ଚାଲିଆସିଛି। ଲୁଣ, ଲଙ୍କା, ମସଲା, ତେଲ, ଘିଅ ଓ ଚିନି ଦ୍ୱାରା ଖାଦ୍ୟକୁ ଏତେ ଚଟପଟା କରିଦିଆଯାଉଛି ଯେ ସାଧା ଖାଦ୍ୟ ଫିକା ଲାଗୁଛି। ଜିଭକୁ ସବୁବେଳେ ନୂଆ ସ୍ୱାଦ ଦରକାର ଏବଂ ପେଟ ବିଚରା ତାହାର ଭାର ବୋହୁଥାଏ। ବଫେ ପ୍ରଣାଳୀ ଏହି ପ୍ରବୃତ୍ତିକୁ ଆହୁରି ପ୍ରୋତ୍ସାହିତ କରିଛି। ସାମ୍ନାରେ ବିଭିନ୍ନ ବ୍ୟଞ୍ଜନର ଲମ୍ବା ଧାଡ଼ି ଥିଲେ, ଆବଶ୍ୟକତା ପଛରେ ଏବଂ ଲୋଭ ଆଗରେ ରହିଯାଏ। ଯେତିକି ଖାଇବାର ଥାଏ, ତାହାଠାରୁ ଅଧିକ ପ୍ଲେଟରେ ଭର୍ତ୍ତି କରିଦିଆଯାଏ। ଖାଦ୍ୟ ଆବଶ୍ୟକତା ନହୋଇ ପ୍ରତିଯୋଗିତା ପାଲଟିଛି।

ଆମର ଖାଦ୍ୟ ଥାଳି ମଧ୍ୟ ନିଜର ସ୍ୱରୂପ ବଦଳାଉଛି। ପନିପରିବା, ଡାଲି, ସାଲାଡ, ଫଳ ଓ ଶସ୍ୟର ସ୍ଥାନ କମୁଛି। ଅନ୍ୟପଟେ ମଇଦା, ଛଣା-ଛାଣି ଜିନିଷ, ଲୁଣ ଓ ଚିନିର ମାତ୍ରା ବଢୁଛି। ଯେଉଁଥାଳିରେ ପ୍ରକୃତିର ଦାନ କମ୍ ଏବଂ କାରଖାନାର ଦାନ ବଢ଼େ, ତାହା ଉପରେ ବିଚାର କରିବା ଜରୁରୀ। ଶରୀରକୁ ଶୀଘ୍ରତା ନୁହେଁ, ପୋଷଣ ଦରକାର। ଅଧିକ ଲୁଣ, ଚିନି ଓ ଚର୍ବିଯୁକ୍ତ ଜିନିଷର ବାରମ୍ବାର ସେବନ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ବଜାର ଖାଦ୍ୟ କେବେକେବେ ସ୍ୱାଦ ବଦଳାଇବା ପାଇଁ ଠିକ୍ ହୋଇପାରେ। କିନ୍ତୁ ତା'କୁ ପ୍ରତିଦିନର ଥାଳି କରିବା ସ୍ୱାସ୍ଥ୍ୟ ସହିତ ଖେଳ ସଦୃଶ। ଘରର ସାଧା ଖାଦ୍ୟ ହୁଏତ ସେତେ ସ୍ୱାଦିଷ୍ଟ ଓ ମନଲୋଭା ନଲାଗିପାରେ; କିନ୍ତୁ ଶରୀର ପାଇଁ ତାହା ହିଁ ହିତକର।

ଆହାରରେ ଅଧିକ ଶକ୍ତି (କ୍ୟାଲୋରୀ) ଏବଂ ଜୀବନରେ କମ୍ ଶ୍ରମ ଶରୀରରେ ଚର୍ବି ବଢ଼ାଉଛି। ଅନ୍ୟପଟେ ଅପର୍ଯ୍ୟାପ୍ତ କିମ୍ବା ଅସନ୍ତୁଳିତ ଭୋଜନ ଯୋଗୁଁ କିଛି ଲୋକ କୃଶକାୟ (ଅତ୍ୟନ୍ତ ପତଳା) ହୋଇ ଚାଲିଛନ୍ତି। ଅତ୍ୟଧିକ ମୋଟାପଣ ଏବଂ ଅତ୍ୟଧିକ କୃଶତା ଦୁଇଟିଯାକ ଚିନ୍ତାର ବିଷୟ। ଶରୀରକୁ ନା ଭୋକିଲା ରଖିବାର ଅଛି, ନା ଅତ୍ୟଧିକ ଖାଇ ଭର୍ତ୍ତି କରିବାର ଅଛି। ଭୋକ ଅନୁସାରେ ସୁପାଚ୍ୟ, ପୌଷ୍ଟିକ ଓ ସନ୍ତୁଳିତ ଭୋଜନ ହିଁ ଉଚିତ ମାର୍ଗ। ଅତ୍ୟଧିକ ମିଠା ପାନୀୟ, କୋଲ୍ଡଡ୍ରିଙ୍କସ, ତମାଖୁ ଓ ମାଦକ ଦ୍ରବ୍ୟ ଶରୀର ଉପରେ ଅନାବଶ୍ୟକ ବୋଝ ପକାନ୍ତି। ଶୋଷ ଲାଗିଲେ ପାଣି ଦରକାର, ରଙ୍ଗୀନ୍ ବୋତଲ ନୁହେଁ। ପିଲାଙ୍କୁ ଫଳ, ଡାଲି, ପରିବା ଏବଂ ଘର ଖାଦ୍ୟ ଅପେକ୍ଷା ବଜାରର ଚଟପଟା ଜିନିଷ ଅଧିକ ଆକର୍ଷିତ କରେ। ଏଥିପ୍ରତି ଅଭିଭାବକମାନେ ସଚେତନ ହେବା ଉଚିତ।

ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଜରୁରୀ ହେଉଛି ପ୍ରତିଦିନ ଚାଲିବା, ଶରୀରକୁ ପର୍ଯ୍ୟାପ୍ତ ଶ୍ରମ ଦେବା, ସୁପାଚ୍ୟ ଓ ପୌଷ୍ଟିକ ଆହାର ଗ୍ରହଣ କରିବା, ଖାଇବା ପରେ କିଛି ସମୟ ବୁଲିବା, ଖେଳକୁଦ କରିବା ଏବଂ ଯୋଗ-ପ୍ରାଣାୟାମକୁ ଦିନଚର୍ଯ୍ୟାର ଅଂଶ କରିବା। ରାତିରେ ଗରିଷ୍ଠ ଭୋଜନ କରିବା ଅନୁଚିତ। ଛୋଟ ଛୋଟ ଅନୁଶାସନ ହିଁ କାଳକ୍ରମେ ସ୍ୱାସ୍ଥ୍ୟର ବଡ଼ ପୁଞ୍ଜି ପାଲଟନ୍ତି। ସ୍ୱାଦ ଉପରେ ସଂଯମ ନରହିଲେ, ସେହି ସ୍ୱାଦ ହିଁ ସ୍ୱାସ୍ଥ୍ୟହାନିକାରକ ସାବ୍ୟସ୍ତ ହୋଇପାରେ।

ରୋଗରୁ ବଞ୍ଚିବା ପାଇଁ ଔଷଧ ବାହାରୁଛି। କିନ୍ତୁ ରୋଗକୁ ନିମନ୍ତ୍ରଣ ଦେଉଥିବା ଜୀବନଶୈଳୀ ବଦଳାଇବାକୁ ଆମେ ପ୍ରସ୍ତୁତ ନୁହନ୍ତି। ତେଣୁ ରୋଗ ଆସିବା ପରେ ଚିକିତ୍ସା ଖୋଜିବା ଅପେକ୍ଷା ରୋଗକୁ ଆମନ୍ତ୍ରଣ କରୁଥିବା ଜୀବନଶୈଳୀରୁ ସମୟ ଥାଉ ଦୂରେଇଯିବା ଅଧିକ ବୁଦ୍ଧିମାନର କାମ। ସୁସ୍ଥ ଶରୀର କୌଣସି ଆକସ୍ମିକ ଉପଲବ୍ଧି ନୁହେଁ, ବରଂ ସଂଯମ ଆହାର-ବିହାର, ନିୟମିତ ଦିନଚର୍ଯ୍ୟା ଏବଂ ସତତ ଶ୍ରମର ଅର୍ଜିତ ଫଳ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ପାଟି ଭିତରର ଅଣୁଜୀବ ପରିସଂସ୍ଥା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା



ଆମ ଅନ୍ତଃନଳୀ ମଧ୍ୟରେ ଅସଂଖ୍ୟ ଅଣୁଜୀବ ଥିବା ଏକ ବିଶାଳ ପରିସଂସ୍ଥା ବୋଲି ଆମେ ଜାଣୁ। ଏଥିରେ ଥା'ନ୍ତି ନାନାଦି ଜୀବାଣୁ, ଭୂତାଣୁ କବକ ଇତ୍ୟାଦି। ସେଗୁଡ଼ିକ ଆମ ହଜମ ପ୍ରକ୍ରିୟାରେ ସହାୟତା କରିବା ସହିତ ବିବିଧ ପ୍ରକାର ଭିଟାମିନ୍, କ୍ଷୁଦ୍ରମାଳା ବିଶିଷ୍ଟ ମେଦାମ୍ଳ ଆଦି ସୃଷ୍ଟି କରନ୍ତି। ଆମ ରୋଗ ପ୍ରତିରୋଧ ଶକ୍ତିବୃଦ୍ଧି ଏବଂ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା ଉପରେ ମଧ୍ୟ ଏଗୁଡ଼ିକର ସୁପ୍ରଭାବ ରହିଛି। ସେହିଭଳି ଏକ ଅପେକ୍ଷାକୃତ କ୍ଷୁଦ୍ର ଅଣୁଜୀବଙ୍କ ପରିସଂସ୍ଥାଟିଏ ରହିଛି ଆମ ପାଟିରେ। ସେଗୁଡ଼ିକର ପ୍ରଜାତି ସଂଖ୍ୟା ପ୍ରାୟ ୭୦୦। ପାଟିର ବିଭିନ୍ନ ଅଂଶରେ ସେମାନେ ବାସ କରନ୍ତି। ଉଦାହରଣ ସ୍ୱରୂପ, ଭିତର ଗାଲରେ 'ଷ୍ଟ୍ରେପ୍ଟୋକୋକସ୍' ଅଧିକ ସଂଖ୍ୟାରେ ରହିଲା ବେଳେ ଜିଭ ତଳେ ଥା'ନ୍ତି 'ରୋଥି', 'ଭିଲୋନେଲା' ଇତ୍ୟାଦି। ଏଗୁଡ଼ିକ ମଧ୍ୟରୁ କେତେକ ହଜମ ପ୍ରକ୍ରିୟାରେ ସହାୟତା କଲା ବେଳେ ଆଉକେତେକ ବହିରାଗତ ରୋଗ ସୃଷ୍ଟିକାରୀ ଅଣୁଜୀବମାନଙ୍କଠାରୁ ସୁରକ୍ଷା ପ୍ରଦାନ କରନ୍ତି।

ପାଟିରେ ଥିବା କେତେକ ଅଣୁଜୀବ ଏପରି ଉପକାରୀ ହେଲା ବେଳେ ଆଉ କିଛି ଅପକାରୀ ଅଟନ୍ତି। ତନ୍ମଧ୍ୟରେ ଏଗୁଡ଼ିକର ସଂଖ୍ୟା ଆମ ଖାଦ୍ୟ ଓ ପାଟି ଭିତରର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ଦେଖାଯାଇଛି ଯେ ତହିଁରେ ଉପକାରୀ ଅଣୁଜୀବମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେଲେ ବିଟ୍, ଗାଜର, ମୂଳା, ପାଳଙ୍ଗ ଓ ଅନ୍ୟାନ୍ୟ ଶାଗଜାତୀୟ ଖାଦ୍ୟ ଅତ୍ୟନ୍ତ ଉପାଦେୟ। ଏଗୁଡ଼ିକରେ ରହିଛି ପ୍ରଚୁର ପରିମାଣରେ 'ନାଇଟ୍ରେଟ୍'। ସେମାନେ ଏଥିରୁ ନାଇଟ୍ରିକ୍ ଅକ୍ସାଇଡ ଭଳି ପଦାର୍ଥ ସୃଷ୍ଟି କରନ୍ତି, ଯାହାକି ରକ୍ତ ପେଟିକାର କାର୍ଯ୍ୟକଳାପ ଏବଂ ହୃତପିଣ୍ଡ ସୁସ୍ଥ ରଖିବାରେ ସହାୟତା କରେ।

ଅଧିକାଂଶ ଉଦ୍‌ଭିଦଜ ଖାଦ୍ୟରେ ଥାଏ 'ପଲିଫିନଲସ୍'। ଏହା ପାଟିରେ ଥିବା ଅପକାରୀ ଜୀବାଣୁମାନଙ୍କୁ ମାରିଦିଏ। ସେହିପରି ଚା'ରେ ଥିବା ଏହି ଜାତୀୟ ପଦାର୍ଥ ବିଭିନ୍ନ ଦାନ୍ତରୋଗ ଏବଂ ମାଢ଼ିରୋଗକାରୀ ଜୀବାଣୁଙ୍କଠାରୁ ସୁରକ୍ଷା ଦେଲା ବେଳେ ମହୁ ଓ କୋଳି ଜାତୀୟ ଖାଦ୍ୟ ଦାନ୍ତ ଓ ପାଟିର ସ୍ୱାସ୍ଥ୍ୟ ରକ୍ଷା କରନ୍ତି। ଅନ୍ୟପକ୍ଷରେ, ଛେନା କିମ୍ବା କ୍ୱିଣନ ହୋଇଥିବା ଖାଦ୍ୟମାନ ଚୁଚୁମି ଖାଇଲେ ପ୍ରଚୁର ଲାଳ ସୃଷ୍ଟି ହୁଏ। ତାହା ପାଟିକୁ ଶର୍କରା ଓ ଅମ୍ଳମୁକ୍ତ କରେ। ଏହା ଅପକାରୀ ଜୀବାଣୁମାନଙ୍କୁ ମାରିଦେବା ସହିତ ଉପକାରୀ ଜୀବାଣୁମାନଙ୍କ ବଂଶବୃଦ୍ଧି ଘଟାଏ ବୋଲି ଜଣାପଡ଼ିଛି ନିକଟରେ ଇଟାଲୀରେ ହୋଇଥିବା ଏକ ଅଧ୍ୟୟନରୁ। ପୁନଶ୍ଚ ୨୦୨୫ ମସିହାରେ ମେକ୍ସିକୋରୁ ପ୍ରକାଶିତ 'ଡେଣ୍ଟିଷ୍ଟ୍ରି' ନାମକ ଗବେଷଣା ପତ୍ରିକାରେ ସୂଚୀତ କରାଯାଇଛି ଯେ କ୍ୱିଣନ ହୋଇଥିବା ଖାଦ୍ୟଗୁଡ଼ିକ ଦାନ୍ତ ମାଢ଼ି ରୋଗରୁ ସୁରକ୍ଷା ଦିଏ ଏବଂ ପାଟି ଭିତରକୁ ସୁସ୍ଥ ରଖେ। କେତେକ ଖାଦ୍ୟ ପାଟିର ଅପକାରୀ ଜୀବାଣୁମାନଙ୍କୁ ବଢ଼ିବାରେ ସାହାଯ୍ୟ କରନ୍ତି। ତନ୍ମଧ୍ୟରେ ରହିଛି ଶର୍କରା ବା ଚିନି ଅଧିକ ଥିବା ପାନୀୟ, ଅନ୍ୟାନ୍ୟ ସୁମିଷ୍ଟ ଖାଦ୍ୟ, ବିସ୍କୁଟ, କେକ୍, ଧଳା ପାଉଁରୁଟି ଇତ୍ୟାଦି। ଏଣୁ ଆମେ ଏଭଳି ଖାଦ୍ୟ ଯଥାସମ୍ଭବ କମ ଖାଇବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମେଡିସିନ୍‌ରେ ୩...

କୋଷ କେଉଁ କାର୍ଯ୍ୟ କରୁଛି, ତାହା ବୁଝିବା ଦୀର୍ଘଦିନ ଧରି ବୈଜ୍ଞାନିକଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ହେଗେମାନ୍ ଓ ନାଗେଲ୍ ଶୈବାଳରେ ଆଲୋକ ପ୍ରତି ସମ୍ବେଦନଶୀଳ 'ଚ୍ୟାନେଲରୋଡୋପସିନ୍' ନାମକ ପ୍ରୋଟିନ୍ ଚିହ୍ନଟ କରିଥିଲେ। ନୀଳ ଆଲୋକ ପଡ଼ିଲେ ଏହି ପ୍ରୋଟିନ୍ ମାଧ୍ୟମରେ କୋଷରେ ବିଦ୍ୟୁତ୍ ସାଙ୍କେତ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଡିସେରୋଥ୍ ଏହି ପ୍ରଣାଳୀକୁ ସ୍ନାୟୁକୋଷରେ ପ୍ରୟୋଗ କରି ଆଲୋକ ମାଧ୍ୟମରେ ସେଗୁଡ଼ିକୁ ସକ୍ରିୟ କରିବାରେ ସଫଳ ହୋଇଥିଲେ। ୨୦୦୫ରେ ସେ ଏ ସମ୍ପର୍କିତ ଗବେଷଣା ପ୍ରକାଶ କରିଥିବା ବେଳେ ୨୦୦୭ରେ ଜୀବନ୍ତ ମୂଷାର ମସ୍ତିଷ୍କରେ ଏହି ପ୍ରଯୁକ୍ତିର ସଫଳ ପ୍ରୟୋଗ ଦେଖାଇଥିଲେ। ଅପ୍‌ଟୋଜେନେଟିକ୍ସ ଏବେ ଅବସାଦ ସମେତ ବିଭିନ୍ନ ସ୍ନାୟୁ ଓ ମାନସିକ ରୋଗ ଉପରେ ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ଦୃଷ୍ଟି ଫେରାଇବା ଦିଗରେ ମଧ୍ୟ ଏହି ପ୍ରଯୁକ୍ତିର ସମ୍ଭାବନା ନେଇ ଗବେଷଣା ଚାଲିଛି।

### ୧୦ ହଜାର ଯାଏଁ...

୧୬ ଟଙ୍କା ବୃଦ୍ଧି ହୋଇଛି। ଇଣ୍ଡିଗୋ ଅନୁଯାୟୀ, କେବଳ ଗତ ଏକ ମାସରେ ଜେଟ୍ ଫ୍ୟୁଏଲ୍ ଦର ୧୪%ରୁ ଅଧିକ ବଢ଼ିଛି। ବିମାନ କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚରେ ଜେଟ୍ ଫ୍ୟୁଏଲ୍‌ର ଅଂଶ ପ୍ରାୟ ୩୦ରୁ ୪୦% ରହିଥାଏ। ତେଣୁ ଇନ୍ଧନ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ଏୟାରଲାଇନ୍ସର ଖର୍ଚ୍ଚ ଉପରେ ପଡ଼ୁଛି। ବଢ଼ିଥିବା ଖର୍ଚ୍ଚର କିଛି ଅଂଶ ଯାତ୍ରୀଙ୍କ ଉପରେ ଲଦିବାକୁ ବିଭିନ୍ନ ଏୟାରଲାଇନ୍ସ ପଦକ୍ଷେପ ନେଉଛନ୍ତି। ଇଣ୍ଡିଗୋ ଚଳିତ ବର୍ଷ ମାର୍ଚ୍ଚ ୧୪ ଓ ଏପ୍ରିଲ ୧ରେ ମଧ୍ୟ ଫ୍ୟୁଏଲ୍ ଚାର୍ଜ ବଢ଼ାଇଥିଲା। ଏବେ ପୁଣି ଅକ୍ଟୋବର ୬ରୁ ଅତିରିକ୍ତ ଚାର୍ଜ ଲାଗୁ ହେବା ଫଳରେ ଆକାଶପଥରେ ଯାତ୍ରା କରୁଥିବା ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବା ଆଶଙ୍କା ରହିଛି।

### ଧରାପଡ଼ିଲା ଜ୍ଞାନେଶଙ୍କ...

କରି ଦିଆଯିବ। ଜ୍ଞାନେଶଙ୍କୁ ସସପେଣ୍ଡ କରିବା ସଂପର୍କରେ ଖଣ୍ଡପୀଠ କହିଲେ ଯେ ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆଦେଶ ଦିଆଯାଇ ପାରିବ ନାହିଁ। ଏସଂକ୍ରାନ୍ତ ସମସ୍ତ ରେକର୍ଡ କମିସନର ଠାରୁ ତଲବ କରାଯାଇଛି। ରେକର୍ଡପତ୍ର ଯାଞ୍ଚ ପରେ ଆବଶ୍ୟକ ଆଦେଶ ଦିଆଯିବ। ଖଣ୍ଡପୀଠ କହିଲେ ଯେ ସମ୍ବାଦପତ୍ର ରିପୋର୍ଟ ସମ୍ପୂର୍ଣ୍ଣ ସଠିକ୍, ଆଂଶିକ ସଠିକ୍ କିମ୍ବା ଭୁଲ୍ ହୋଇପାରେ। ତେଣୁ ପ୍ରଥମେ ନିର୍ବାଚନ କମିସନଙ୍କ ଜବାବ ଆବଶ୍ୟକ।

ଏହାସହିତ ଶୁଣାଣି ବେଳେ ପ୍ରଧାନ ବିଚାରପତି ସ୍ପଷ୍ଟ କରିଥିଲେ ଯେ ସଂଶୋଧିତ ଫର୍ମ-୬କୁ କୋର୍ଟ ଅନୁମୋଦନ କରିନାହାନ୍ତି। ଆମେ ଏଠାରେ ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ନୂଆ ଭୋଟରଙ୍କୁ ଯୋଡ଼ିବା ଲାଗି ଉଦ୍ଦିଷ୍ଟ ଫର୍ମ-୬ର ସଂଶୋଧନକୁ କୋର୍ଟ ମଞ୍ଜୁରୀ ଦେଇନାହିଁ। ତେବେ ଏଥିରେ ପରିବର୍ତ୍ତନ କିଏ କଲା, ତାହା ଜାଣିବା ଲାଗି କମିସନ ଠାରୁ ରେକର୍ଡ ତଲବ କରିଛନ୍ତି କୋର୍ଟ। ରେକର୍ଡ ଯାଞ୍ଚ କରିବା ପରେ ସବୁ କଥା ଜଣାପଡ଼ିବ ବୋଲି କହିଛନ୍ତି ଖଣ୍ଡପୀଠ।

ଫର୍ମ-୬ରେ ଅତିରିକ୍ତ ଘୋଷଣାନାମା ଯୋଡ଼ାଯାଇଥିବାକୁ ନେଇ ଏହି ବିବାଦ ଉଠିଛି। ନୂଆ ଭୋଟରଙ୍କୁ ନିଜେ କିମ୍ବା ମାତାପିତା/ ଜେଜେବାପା-ଜେଜେମା'ଙ୍କ ନାମ ପୂର୍ବରୁ ଥିବା ଭୋଟର ତାଲିକା ସହ ଯୋଡ଼ି ତଥ୍ୟ ଦେବାକୁ ଏହି ଅତିରିକ୍ତ ବ୍ୟବସ୍ଥାରେ କୁହାଯାଇଥିଲା। ତେବେ ନିର୍ବାଚନ କମିସନ ଏହାକୁ ଫର୍ମ-୬ର ପରିବର୍ତ୍ତନ ନୁହେଁ, ବରଂ ଏସ୍ଆଇଆର୍ ସମୟରେ ଅତିରିକ୍ତ ଆବଶ୍ୟକତା ବୋଲି କହି ଏହାକୁ ପରବର୍ତ୍ତୀ ସମୟରେ ବାଧ୍ୟତାମୂଳକ କରିଦେଇଥିଲେ। ଏହାକୁ ବିରୋଧ କରିଥିଲେ ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ। ଏହି ଖବର ଦି ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶ ପାଇବା ପରେ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଛି ଏବଂ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆନ୍ଦୋଳନ ଜୋର ଧରିଛି। କାରଣ ଏଭଳି ବିବାଦୀୟ ସଂଶୋଧନ ଯୋଗୁଁ କୋଟି କୋଟି ନୂଆ ଭୋଟର ପଞ୍ଜୀକରଣ ହେବାରୁ ବଞ୍ଚିତ ହୋଇଛନ୍ତି।

### ଜ୍ଞାନେଶଙ୍କୁ ରାହୁଲଙ୍କ...

ଏହା ଆଦୌ ଗ୍ରହଣୀୟ ନୁହେଁ। ଏଥିପାଇଁ ଜ୍ଞାନେଶଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଜ୍ଞାନେଶଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାଙ୍କର ଆଉ ଏକ ମିଛ ଧରାପଡ଼ିଛି। ରମେଶ କହିଛନ୍ତି ଯେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ନେଇ ଉଠିଥିବା ପ୍ରଶ୍ନ ମଧ୍ୟରେ ସୁପ୍ରିମକୋର୍ଟଙ୍କ ପାଖରେ ଜନସାଧାରଣଙ୍କ ଆସ୍ଥା ପୁନଃସ୍ଥାପନ କରିବାର ସୁଯୋଗ ରହିଛି।

ସୂଚନାଯୋଗ୍ୟ ।।ଯେ ଫର୍ମ-୬କୁ ନେଇ ନିର୍ବାଚନ କମିସନରେ ମତଭେଦ ଖବର ପ୍ରକାଶ ପାଇବା ପରେ ଗତମାସ ୨୬ ତାରିଖରେ ନିର୍ବାଚନ କମିସନଙ୍କ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଏହି ସଂଶୋଧନକୁ ସୁପ୍ରିମ କୋର୍ଟ ଅନୁମୋଦନ ପ୍ରଦାନ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଆଜି ସ୍ପଷ୍ଟ କରିଛନ୍ତି ଯେ ସଂଶୋଧିତ ଫର୍ମ-୬କୁ କୋର୍ଟ ଅନୁମୋଦନ କରିନାହାନ୍ତି।

### ବାଜିଲା ନିର୍ବାଚନ ବିଗୁଲ୍...

ଦିନ ସକାଳ ୧୦ଟାରୁ ଦିନ ୧ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯାଇପାରିବ। ସେହିଦିନ ଅପରାହ୍ନ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ଦିନ ମୁଁ କାହିଁକି ପ୍ରାର୍ଥୀ ହୋଇଛି ବା ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେଉଁଥିରେ ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ଓ ସେମାନେ କାହିଁକି ନିର୍ବାଚନରେ ଛିଡା ହୋଇଛନ୍ତି, ସେନେଇ ବକ୍ତବ୍ୟ ରଖିବେ। ଏହାର ପରଦିନ ଅର୍ଥାତ୍ ୧୫ ତାରିଖରେ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଭୋଟ୍ ଶେଷ ହେବା ପରେ ସେହିଦିନ ଅପରାହ୍ନ ୨ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୬ ତାରିଖ ସକାଳ ୧୧ଟାରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ସମାରୋହ ହେବ। ଏହି ଦିନକୁ 'ରିଜର୍ଭ ଡେ ବା ପ୍ରେସିଡ଼େନ୍‌ସିଆଲ ହଲିଡ଼େ ଭାବେ ରଖାଯାଇଛି।

ନିର୍ବାଚନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ କରିବା ସହ ଶିକ୍ଷାଦାନ ବ୍ୟବସ୍ଥା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ବିଭିନ୍ନ କଟକଣା ଲାଗୁ କରାଯାଇଛି। ଛାତ୍ର ନିର୍ବାଚନ ଓ ଛାତ୍ର ପ୍ରତିନିଧିତ୍ୱକୁ ରାଜନୈତିକ ଦଳଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ରଖାଯିବ। କଲେଜର ନିୟମିତ ଛାତ୍ର ହୋଇ ନ ଥିବା ଓ ସେଲ୍ଫ ଫାଇନାନ୍ସରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ପ୍ରାର୍ଥୀ ହୋଇପାରିବେ ନାହିଁ ବା ଭୋଟ ଦେଇପାରିବେ ନାହିଁ। ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ସ୍ନାତକ ପଢୁଥିବା ଛାତ୍ରଛାତ୍ରୀଙ୍କ ବୟସ ନିର୍ବାଚନ ବିଜ୍ଞପ୍ତି ଦିନ ସୁଦ୍ଧା ୧୭ରୁ ୨୨ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ସେହିପରି ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସର୍ବାଧିକ ବୟସ ୨୫ ବର୍ଷ ଧାର୍ଯ୍ୟ କରାଯାଇଛି। ନିର୍ବାଚନରେ ଲଢ଼ିବା ପାଇଁ ଶ୍ରେଣୀରେ ଅତିକମ୍‌ରେ ୭୫% ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି।

ନିର୍ବାଚନ ପାଇଁ ସୋସିଆଲ ମିଡିଆରେ ଅପପ୍ରଚାର ଉପରେ କଟକଣା ଲଗାଯାଇଛି। ଜାତି, ସମ୍ପ୍ରଦାୟ, ଧର୍ମ କିମ୍ବା ଭାଷା ଆଧାରରେ ମତଦାତାଙ୍କୁ ପ୍ରଭାବିତ କରିବା, ବିଦ୍ୱେଷ ବା ଉତ୍ତେଜନା ସୃଷ୍ଟି ଉପରେ କଟକଣା ଜାରି ହୋଇଛି। ପ୍ରତିଦ୍ୱନ୍ଦ୍ୱୀଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅପମାନଜନକ ଟିପ୍ପଣୀ, ଅପ୍ରମାଣିତ ଅଭିଯୋଗ କିମ୍ବା ବିକୃତ ତଥ୍ୟ ପ୍ରଚାର ବାରଣ କରାଯାଇଛି। ସୋସିଆଲ ମିଡିଆ ଓ ଅନ୍ୟ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ବେଳେ ଶାଳୀନତା ରକ୍ଷା କରିବାକୁ କୁହାଯାଇଛି। ଅଶ୍ଳୀଳ, ଅପମାନଜନକ କିମ୍ବା ବ୍ୟକ୍ତିଗତ ଆକ୍ରମଣ ଭିତ୍ତିକ ବିଷୟବସ୍ତୁ ସହ ମିଥ୍ୟା, ବିଭ୍ରାନ୍ତିକର କିମ୍ବା ଏଆଇ ଜେନେରେଟେଡ୍ ଫେକ୍ କଣ୍ଟେଣ୍ଟକୁ ମଧ୍ୟ ନିଷେଧ କରାଯାଇଛି। ପ୍ରିଣ୍ଟେଡ୍ ପୋଷ୍ଟର ନିଷିଦ୍ଧ କରାଯାଇଥିବା ବେଳେ କେବଳ ହାତରେ ତିଆରି ପୋଷ୍ଟର ବ୍ୟବହାର କରିବାକୁ କୁହାଯାଇଛି। ଏସବୁ ପୋଷ୍ଟର କଲେଜ କର୍ତ୍ତୃପକ୍ଷ ପୂର୍ବରୁ ଚିହ୍ନଟ କରିଥିବା ସ୍ଥାନରେ ହିଁ ଲଗାଯାଇ ପାରିବ। କଲେଜ ସମ୍ପତ୍ତି ନଷ୍ଟ କଲେ ପ୍ରାର୍ଥୀ ଓ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଇଛି।

### ଖଲ୍ଲିକୋଟରେ ଦୁଇ...

ମିଳିଛି। ପରିସ୍ଥିତି ଏଭଳି ହେଲା ଯେ କ୍ୟାମ୍ପସରୁ ଆରମ୍ଭ ହୋଇଥିବା ବିବାଦ ଶେଷରେ ଟାଉନ୍ ଥାନାରେ ପହଞ୍ଚିଛି। ଘଟଣାକୁ ନେଇ ଆଗାମୀ ଦିନରେ କ୍ୟାମ୍ପସରେ ଗୋଷ୍ଠୀ ବିବାଦ ଅଧିକ ଉଗ୍ର ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। ଖବର ପାଇବା ମାତ୍ରେ ବ୍ରହ୍ମପୁର ପୁଲିସ ତ୍ୱରିତ ପଦକ୍ଷେପ ନେଇ କ୍ୟାମ୍ପସରେ ପହଞ୍ଚିଥିଲା। କିଛି ସମୟ ମଧ୍ୟରେ ପରିସ୍ଥିତିକୁ ଆୟତ୍ତ କରିବା ସହ ଉଭୟ ପକ୍ଷର ମୋଟ ୯ ଜଣଙ୍କୁ ଅଟକ ରଖି ଟାଉନ୍ ଥାନାକୁ ନିଆଯାଇଛି। ସେମାନଙ୍କ ଯାଞ୍ଚ ଓ ପଚରାଉଚରା ଚାଲିଥିବା ବେଳେ ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୁଲିସ ସ୍ପଷ୍ଟ କରିଛି। ଦୀର୍ଘ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନଜନିତ ଉତ୍ତେଜନାଠାରୁ ଦୂରରେ ରହିଥିବା ପୁଲିସ ପ୍ରଶାସନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଏହି ଘଟଣା ଏବେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗୋଟିଏ ପଟେ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ଏବଂ ଅନ୍ୟପଟେ ଛାତ୍ର ରାଜନୀତିକୁ ହିଂସାମୁକ୍ତ ରଖିବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ କ୍ୟାମ୍ପସ ଏବଂ ଏହାର ଆଖପାଖରେ କଡ଼ା ନଜର ରଖିଛି। ଆଗକୁ କୌଣସି ଅପ୍ରୀତିକର ଘଟଣା ଯେପରି ନଘଟେ, ସେଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଫୁଟ୍ ପାଟ୍ରୋଲିଂ ଆରମ୍ଭ କରାଯିବ ବୋଲି ବ୍ରହ୍ମପୁର ଏସପି ଅଭିନୟ ସୋନକର ସୂଚନା ଦେଇଛନ୍ତି । ସେପଟେ କ୍ୟାମ୍ପସରେ ଆରମ୍ଭ ହୋଇଥିବା ଛାତ୍ର ରାଜନୀତିର ତାତି ଏବେ ଟାଉନ୍ ଥାନା ପରିସରକୁ ମଧ୍ୟ ଛୁଇଁଛି। ଆଗକୁ ନିର୍ବାଚନୀ ପାରା ଆହୁରି ଚଢ଼ିବାର ସମ୍ଭାବନା ଥିବାରୁ ପୁଲିସ ପାଇଁ କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏକ ବଡ଼ ପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି। ବ୍ରହ୍ମପୁର ପୁଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶାନ୍ତି ଓ ସଂଯମ ବଜାୟ ରଖିବା ସହ କୌଣସି ହିଂସା, ଭୟଭୀତ କରିବା, ବେଆଇନ ସମାବେଶ କିମ୍ବା ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କରି ଶାନ୍ତିଶୃଙ୍ଖଳା ବିଗାଡ଼ିବାକୁ ଉଦ୍ୟମ କଲେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ ବୋଲି ପୁଲିସ ଚେତାଇ ଦେଇଛି।

### ରାଜ୍ୟରେ ସ୍ଥାପନ...

କରିଛନ୍ତି। ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଣିକି ଓଡିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡିବ ନାହିଁ। ଏଠାରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ। କଳିଙ୍ଗ ଷ୍ଟୁଡିଓର ଦ୍ୱିତୀୟ ପର୍ଯ୍ୟାୟ ବିକାଶ କାର୍ଯ୍ୟ ବା ଫେଜ୍-୨ରେ ବାକି ରହିଥିବା ବିଭିନ୍ନ ଅତ୍ୟାଧୁନିକ ସୁବିଧା ସହ ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦିଆଯିବ ଏଥିପାଇଁ ଟେକ୍ନିସିଆନଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । ଏହି ଅବସରରେ ଓଡିଶା ଚଳଚ୍ଚିତ ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଏହାପରେ ଓଡ଼ିଆ ସିନେମାର ଯାତ୍ରାକୁ ନେଇ ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆରପାରିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସ୍. କେ. ମୁରଲୀଧରନ୍

ଭୁବନେଶ୍ୱର,୫।୧୦(ସମିସ): ଆରପାରିରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର୍ ଏସ୍. କେ. ମୁରଲୀଧରନ୍। ସୋମବାର ଭୁବନେଶ୍ୱରର ଏକ ହୋଟେଲରୁ ତାଙ୍କ ମୃତଦେହ ମିଳିବା ଖବର ପ୍ରକାଶ ପାଇବା ପରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ଗୋଟେପଟେ କଳିଙ୍ଗ ଷ୍ଟୁଡିଓ ଲୋକାର୍ପଣ ଉତ୍ସବକୁ ନେଇ ଓଡ଼ିଆ ସିନେ କଳାକାର ଖୁସିବ୍ୟକ୍ତ କରୁଥିବା ବେଳେ ନିର୍ଦ୍ଦେଶକ ମୁରଲୀଧରନଙ୍କ ମୃତ୍ୟୁ ସମସ୍ତଙ୍କୁ କଷ୍ଟ ଦେଇଛି।



ଜଣେ ଅଣଓଡ଼ିଆ ନିର୍ଦ୍ଦେଶକ ଭାବେ ଓଡ଼ିଆ ସିନେମା ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ଓଡ଼ିଆ ଚଳଚ୍ଚିତ୍ର ଓ ଓଡିଶା ସିନେମା ଜଗତରେ କୋରିଓଗ୍ରାଫିର ପରିଭାଷାକୁ ମୁରଲୀଧରନ୍ ବଦଳାଇଥିବା ବିଶିଷ୍ଟ କଳାକାରମାନେ କହିଛନ୍ତି। ସୂଚନା ଅନୁସାରେ, ଏସ୍.କେ. ମୁରଲୀଧରନ୍ ୧୯୯୦ ମସିହାରେ'ପରଦେଶୀ ଚଢ଼େଇ' ଚଳଚ୍ଚିତ୍ରରୁ ନୃତ୍ୟ ନିର୍ଦ୍ଦେଶକ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ୨୦୦୮ ମସିହାରେ ଛାତି ଚିରିଦେଲେ ତୁ, ନେଇଯାରେ ମେଘ ମତେ, ୨୦୦୯ ମସିହାରେ ସାତ ସୁରେ ବନ୍ଧା ଏ ଜୀବନ, ୨୦୧୦ରେ ତୋ ଆଖିରେ ମୁଁ, ୨୦୧୫ରେ କିଏ ଦେବ ଟକ୍କର, ନୂଆ ନୂଆ ପ୍ରେମରେ, ୨୦୨୭ରେ ଜଷ୍ଟ ମୋହବତ୍ ସମେତ ଆକାଶେ କି ରଙ୍ଗ ଲାଗିଲା, ତୋ ଆଖିରେ ମୁଁ, ମୁଁ ଆଶିକ୍ ମୁଁ ଆୱାରା- ଭଳି ଅନେକ ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି। ଏହାସହ ଆଇ ଲଭ୍ ୟୁ ଅଭିମନ୍ୟୁ, ରଙ୍ଗିଲା ଟୋକା, ପିଲାଟା ବିଗିଡ଼ିଗଲା ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ସେ କୋରିଓଗ୍ରାଫି କରିଛନ୍ତି। ଜଣେ ତାମିଲ ଲୋକ ହୋଇ ଓଡ଼ିଶାରେ ସେ ଯେଉଁ ଛାପ ଛାଡ଼ିଛନ୍ତି, ତାହା ବେଶ୍ ସ୍ମରଣୀୟ ବୋଲି କହିବା ସହ ଓଡ଼ିଶାର ବିଶିଷ୍ଟ କଳାକାରମାନେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

ସୂଚନା ଅନୁସାରେ, କଳିଙ୍ଗ ବିହାର ଅଞ୍ଚଳରେ ଥିବା ଏକ ହୋଟେଲରେ ମୁରଲୀଧରନଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ଭରତପୁର ଥାନା ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ସେଠାରୁ ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ହୋଟେଲ୍ ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ମୁରଲୀଧରନଙ୍କ ମୃତଦେହ ମିଳିବାକୁ ନେଇ ଉଠିଛି ଅନେକ ପ୍ରଶ୍ନ। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନି।


**AFFIDAVIT**

By virtue of an affidavit sworn before the Executive Magistrate, Khordha Vide No- 2409, Dated-01/10/2026, I, Sadasiv Sahoo aged about 69 years, S/o- Late Manguli Sahoo, At/P.O.- Bangida, P.S.-Khordha Sadar, Pin-752056, Dist.-Khordha, Odisha do hereby declare that I have changed my name from Sadasiba Sahu to Sadasiv Sahoo. Henceforth I shall be known as **Sadasiv Sahoo** for all purposes.

Sadasiv Sahoo

**AFFIDAVIT**

I, **Ayusha Arpita Sahoo**, aged about 28 years, D/o: Surya Kant Sahoo, resident of Plot No.: 1/A, Ankita Villa, Malipada, Bhubaneswar - 751029, Dist.: Khordha, Odisha declare by this Affidavit No.: 38309, dtd: 05.10.2026 that now onwards my father's name shall be known as **Surya Kanta Sahoo** for all future pruposes.

**AFFIDAVIT**

By virtue of an affidavit before Notary Public, Phulbani, dtd.02.09.2026, I, SABITRI CHHATRIA, At-Mindupidia, P.O.-Salaguda, P.S.-Gochhapada, Dist.-Kandhamal-762002 hereby declare that I have changed my name from "Sabitri Chhatria" to "Sabitri Kanhar". Henceforth, I shall be known as SABITRI KANHAR for all purposes.

Sd/- SABITRI KANHAR

**AFFIDAVIT**

By virtue of an affidavit sworn before the Executive Magistrate cum Tahasildar shamakhunta on Dated 22nd Day of September 2026, I Mrs SUJATA MAJHI, D/O Mr Surendra nath Majhi Address At-Kendua, Po- Kendua, Ps-Baripada Sadar, Dist-Mayurbhanj, State-Odisha, Pin-757049, Odisha, have changed my name from "ANJALI MAJHI" to "SUJATA MAJHI". Henceforth, I shall be known as **"SUJATA MAJHI"** for all purposes.

"SUJATA MAJHI"

**AFFIDAVIT**

By virtue of an affidavit sworn before the Tahasildar cum Executive Magistrate shamakhunta on Dated 3rd Day of October 2026, I Sri SUNARAM SINGH, S/O Mr Suni Singh Address At-Duldaradhanagar, Po- Sarat Chandrapur, Ps-Baripada Sadar, Dist-Mayurbhanj, State-Odisha, Pin-757049, Odisha, have changed my name from "SUNA SINGH" to "SUNARAM SINGH". Henceforth, I shall be known as **"SUNARAM SINGH"** for all purposes.

"SUNARAM SINGH"

**AFFIDAVIT**

By virtue of an affidavit sworn before The Executive Magistrate, Bargarh vide no. 663 dtd. 01.10.2026, I, Hemabati Sahu, W/o- Ravi Ranjan Sahu resident of Pathanpada, Ward No.5, Bargarh, Ps.- Town, Dist.-Bargarh, PIN- 768028 state that I have changed my minor son's name from **Himanshu Sahu** to **Abir Sahu**. Henceforth he will be known as **Abir Sahu** for all future purposes.

Sd/- Hemabati Sahu

**ସତ୍ୟପାଠ**

**ମୁଁ, ବାବାଜୀ ମହାନ୍ତି,** ପିତା: ଧରଣୀଧର ମହାନ୍ତି, ସା: କୋଠିଆସାଠି, ପୋଷ୍ଟ: କିଆଡିଙ୍ଗିରି, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୦ ଏବଂ ମେସର୍ସ ହିନ୍ଦୁସ୍ଥାନ ଇଞ୍ଜିନିୟରିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲି., ୟୁନିଟ୍: ତିଲଜଲା ପ୍ଲାଣ୍ଟ, ୩୮, ତିଲଜଲା ରୋଡ୍, କୋଲକାତା–୭୦୦୦୩୯ର ଜଣେ କର୍ମଚାରୀ। ତାରିଖ ୦୮.୦୯.୨୦୨୬ରେ କୁଜଙ୍ଗ, ଜଗତସିଂହପୁର, ଓଡ଼ିଶାର ମାନ୍ୟବର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କରାଯାଇଥିବା ଶପଥପତ୍ର (Affidavit) ମାଧ୍ୟମରେ ମୁଁ ଘୋଷଣା କରୁଛି ଯେ, ମୋର ନାମ "ବାବାଜୀ ମହାନ୍ତି" ପରିବର୍ତ୍ତେ **"ଲକ୍ଷ୍ମୀଧର ଜେନା"**, ପିତା: ଗୋପାଳ ଜେନା, ଗ୍ରାମ ଏବଂ ପୋଷ୍ଟ: ଭର୍ଥଁର କୋଲା, କୋଠାମୂଳ, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର ଭାବେ ପରିଚିତ ହେବ। ଭବିଷ୍ୟତରେ ସରକାରୀ, ଅର୍ଦ୍ଧସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଉପରୋକ୍ତ କମ୍ପାନୀର ସର୍ଭିସ ରେକର୍ଡ, ପିଏଫ୍ ରେକର୍ଡ ଓ ଅନ୍ୟାନ୍ୟ ସମସ୍ତ ରେକର୍ଡରେ ଆବଶ୍ୟକତାନୁସାରେ ମୋର ନାମ **ଲକ୍ଷ୍ମୀଧର ଜେନା** ଭାବେ ଲିପିବଦ୍ଧ କରାଯିବ।

**ସାର୍ବଜନୀନ ସୂଚନା**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହାଦ୍ୱାରା ସୂଚିତ କରାଯାଉଛି ଯେ **ଶ୍ରୀମତୀ ଅନୁଶିଳା ସେନଗୁପ୍ତା,** ବୟସ ୭୦ ବର୍ଷ, ସ୍ୱାମୀ: ପୁଲକ ସେନଗୁପ୍ତା, ବାସସ୍ଥାନ: ଶର୍ମା ଛକ, ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ନିମ୍ନଲିଖିତ ସମ୍ପତ୍ତିକୁ **ଶ୍ରୀମତୀ ମାଧୁରୀ ସାହୁ,** ପିତା: ମୋତିଲାଲ ସାହୁ, ବାସସ୍ଥାନ: ବୀରମିତ୍ରପୁର, ସୁନ୍ଦରଗଡ, ଓଡିଶାଙ୍କୁ ବିକ୍ରୟ କରିବା ପାଇଁ ରାଜି ହୋଇଛନ୍ତି । ସମ୍ପତ୍ତିର ବିବରଣୀ: ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ.: ୬୫, ତହସିଲ: ଜଟଣୀ, ମୌଜା: ବଡରଘୁନାଥପୁର, ସାବିକ ଖାତା ନଂ.: ୧୮, ସାବିକ ପ୍ଲଟ୍ ନଂ.: ୩୬୮, ଖାତା ନଂ.: ୨୭୦/୩୫୯, ପ୍ଲଟ୍ ନଂ.: ୩୬୮/୧୨୪୧, କିସମ: ଘରବାରି (ଖାଲି ଜମି), କ୍ଷେତ୍ର: ଏକର୦.୦୪୬ ଡିସିମିଲ, ସବ୍-ରେଜିଷ୍ଟ୍ରାର ଜଟଣୀଙ୍କ ଅଧିକାରକ୍ଷେତ୍ର ଅଧୀନରେ । ଚତୁଃପାର୍ଶ୍ୱରେ: ଉତ୍ତର: ରାସ୍ତା, ଦକ୍ଷିଣ: ସବ୍-ପ୍ଲଟ୍ ନଂ: ଆର୍-୧୨୧, ପୂର୍ବ: ସବ୍ ପ୍ଲଟ ନଂ: ଆର୍-୧୧୮, ପଶ୍ଚିମ: ସବ୍ ପ୍ଲଟ ନଂ:ଆର୍-୧୨୦, ବିକ୍ରେତା ଘୋଷଣା କରିଛନ୍ତି ଯେ, ଉକ୍ତ ସମ୍ପତ୍ତି ସମସ୍ତ ପ୍ରକାରର ବନ୍ଧକ, ମାମଲା, ବିବାଦ, ଲିଏନ୍, ଜବତି ଏବଂ ଅନ୍ୟାନ୍ୟ ଦାୟବଦ୍ଧତାରୁ ମୁକ୍ତ ଅଟେ । ଉକ୍ତ ସମ୍ପତ୍ତି ଉପରେ କାହାରି କୌଣସି ଅଧିକାର, ମାଲିକାନା, ସ୍ୱାର୍ଥ, ଦାବି କିମ୍ବା ଆପତ୍ତି ଥିଲେ, ଏହି ସୂଚନା ପ୍ରକାଶ ତାରିଖଠାରୁ ୧୫ ଦିନ ମଧ୍ୟରେ ସମର୍ଥନକାରୀ ଦଲିଲ ସହିତ ଲିଖିତ ଭାବରେ ଜଣାଇବାକୁ ଆହ୍ୱାନ କରାଯାଉଛି । ଅନ୍ୟଥା, ପ୍ରସ୍ତାବିତ ବିକ୍ରୟ କାର୍ଯ୍ୟ ଅଗ୍ରଗତି କରିବ ଏବଂ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ପ୍ରସ୍ତାବିତ ପଞ୍ଜୀକରଣ ତାରିଖ: ୨୮.୧୦.୨୦୨୬

ସ୍ୱା/-ଅନୁଶିଳା ସେନଗୁପ୍ତା

ମୋ ନଂ.: ୯୮୮୦୧୦୧୯୯୨

**OFFICE OF THE GENERAL MANAGER, WATCO DIVISION, BRAHMAPUR**

*e-mail: gmwatcobam@gmail.com / Ph No. 06802233978*

Government of Odisha "e" Procurement Notice 13001/2057/2627

NATIONAL COMPETITIVE BIDDING

**Bid Identification No. WATCOBAM-14/2026-27 DTD. 29.09.2026**

1. Name of work : "Construction of dedicated water supply system for Gopalpur beach festival including laying of 1000 mm dia DI pipeline under WATCO Division, Brahmapur".
2. Estimated cost : 42.35 Lakhs (approx.)
3. Period completion : 6 months.
4. Date & Time of availability of bid document in the Portal : From 11.00 Hrs. of Dt. 07.10.2026. To 17.30 Hrs. of Dt. 15.10.2026.
5. Last date / Time for Bidding in the Portal : 17.30 Hrs. of Dt. 15.10.2026.
6. Date of opening of Tender : On Dt. 16.10.2026 at 12.30 Hrs.
7. Name and address of the Officer inviting tender : General Manager, WATCO Division, Brahmapur.

Further details can be seen from the e-procurement Portal: https://tendersodisha.gov.in .

General Manager,
WATCO Division, Brahmapur

OIPR-13001/13210/1/26-27/0003

**GOVERNMENT OF ODISHA** 19001/278/2627

**ST & SC DEVELOPMENT DEPARTMENT**

**OFFICE OF THE PROJECT ADMINISTRATOR, ITDA, KAPTIPADA, UDALA**

**e-Procurement Notice Bid Identification No. ITDAKPD-05/2026-27**

No. 2001 /ITDA, Dt.- 03/10/2026

The Project Administrator, ITDA, Kaptipada on behalf of Governor of Odisha invites Percentage Rate bids in online mode for Construction of the work detailed below.

| | | | |
|---|---|---|---|
| 1. | Nature of the work | : | Repair & Renovation |
| 2. | Total No. of work | : | 01 (One) |
| 3. | Class of Contractor | : | 'B' Class |
| 4. | Period of Completion | : | Six to Nine Calendar Months |
| 5. | Cost of the Project | : | 98,57,649/- |
| 6. | Availability of Bid | : | 10.00 AM of 04.10.2026 to 5.00 PM of 20.10.2026 |
| 7. | Date of opening of the Tender | : | 11.00 AM on 21.10.2026 |

The bidders have to participate in online bidding only. The details will be available in the website www.tendersorissa.gov.in from 10.00 AM of 04.10.2026 to 5.00 PM of 20.10.2026.

Project Administrator
ITDA, Kaptipada, Udala

OIPR-19001/19010/1/26-27/0003

**GOVERNMENT OF ODISHA** 8001/357/2627

**FOREST, ENVIRONMENT & CLIMATE CHANGE DEPARTMENT**

**KENDU LEAF ORGANIZATION**

**REQUEST FOR PROPOSAL**

Ref No. O.O. No. **163** Dt. **01-10-2026**

**SELECTION OF AN IMPLEMENTATION AGENCY TO DESIGN, DEVELOP, DEPLOY, ROLL OUT AND OPERATE THE MASTER WEB PORTAL AND ANDROID/IOS APPLICATION FOR WEATHER-BASED GO / NO-GO DECISIONS IN KENDU LEAF OPERATIONS ACROSS ODISHA**

Divisional Forest Officer, Balangir KL Division, Balangir, Govt. of Odisha invites sealed proposals through offline in **TRIPLE COVER** (Three-envelope) system from bidders/firms/Agencies within the country of India for **"selection of an implementation agency to design, develop, deploy, roll out and operate the master web portal and android/ios application for weather-based go / no-go decisions in kendu leaf operations across odisha"**. Bidders fulfilling the prescribed eligibility criteria of the RFP may download the Request for Proposal (RFP) document which contains the details of the requirement from the following website of Government of Odisha and submit their bids

**www.odishaforest.in, www.balangir.odisha.gov.in, https://kenduleaves.odisha.gov.in**

Proposals complete in all respect should reach the undersigned latest by 05.00 PM on **22.10.2026** in the Drop box placed in the office of DFO, Balangir KL Division, Balangir, Odisha or through Postal/ Courier. No other mode of proposal shall be accepted. Bids received after the above deadline shall be summarily rejected. The authority reserves right to reject any/all proposals without assigning any reason thereof.

**Divisional Forest Officer**
**Balangir (KL) Division**

OIPR-8001/8180/1/26-27/0001

**GOVERNMENT OF ODISHA** 32001/973/2627

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, SUBARNEREKHA IRRIGATION DIVISION NO-1, JHARPOKHARIA AT/PO-SANKUCHA, VIA-K.M.KATA DIST-MAYURBHANJ.**

**Government of Odisha "e" Procurement Notice**

Bid Identification NO.05/2026-27 of SE-SID-1-Jharpokharia
Mail Id. sidivision1@gmail.com

| | | | |
|---|---|---|---|
| 1 | Name of Work | : | 1. Electrical work<br>2. Water supply and sanitation work |
| 2 | Total No of Project | : | 2 Nos |
| 3 | Estimated Cost | : | 1. Rs. 7.72 Lakh (For Sl.No.1)<br>2. Rs. 7.61 Lakh (For Sl.No.2) |
| 4 | EMD | : | Details can be seen in the DTCN of bid documents of the respected work |
| 5 | Period of Completion | : | Details can be seen in the DTCN of bid documents of the respected work |
| 6 | Class of Contractor | : | "LT" or "HT" (For Sl.No.1)<br>"C" Class and "D" Class (For Sl.No.2) |
| 7 | Date and time of availability of bid document in the portal | : | 14.10.2026 at 10.00 A.M. |
| 8 | Last date / time for receipt of bid in the portal | : | 26.10.2026 at 11.00 A.M. |
| 9 | Date of Opening of bid | : | 27.10.2026 at 11.00 A.M. |
| 10 | Name & Address of the O.I.T | : | Superintending Engineer, O/O the S.E, Subarnarekha Irrigation Division No-1, Jharpokharia |

Further details can be seen from the e-Procurement Portal **"https://tendersodisha.gov.in"**.

Superintending Engineer,
Subarnarekha Irrigation Division No-1,
Jharpokharia.

OIPR-32001/32085/1/26-27/0002

**AFFIDAVIT**

By virtue of an affidavit before Notary Public, Bhadrak, dtd.03.10.2026, I, Anuradha Das, Vill/P.O.-Ertal, P.S.-Basudevpur, Dist.-Bhadrak do hereby declare that my correct Date of Birth is 09.06.1991. My Date of Birth was earlier recorded as 14.04.1991 in my Aadhaar record. I have sworn an affidavit before the Notary Public, Bhadrak, for correction/update of my Date of Birth in Aadhaar and other official records. Henceforth, my Date of Birth shall be treated as 09.06.1991 for all official purposes.

ANURADHA DAS

**AFFIDAVIT**

I, Sanghamitra Sunil Kumar Sahoo, aged about 41 years, W/o- Sunil Kumar Sahoo, resident of At-Mining Road, Rammandir Colony, Po- Madhapur, Ps-Keonjhar Town, Dist-Keonjhar, Odisha, PIN-758001, do hereby declare by this affidavit No.3142, dtd- 05.10.2026, that now onwards I shall be known as **SANGHAMITRA SAHOO** for all future purposes.

**AFFIDAVIT**

I, Sunil Kumar Padma Lochan Sahoo, aged about 48 years, S/o- Padma Lochan Sahoo, resident of At- Mining Road, Rammandir Colony, Po-Madhapur, Ps- Keonjhar Town, Dist- Keonjhar, Odisha, PIN- 758001, do hereby declare by this affidavit No. 3141, dtd-05.10.2026, that now onwards I shall be known as **SUNIL KUMAR SAHOO** for all future purposes.

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

W/623/NIT/1 ତାରିଖ: ୦୩.୧୦.୨୦୨୬

**ଇ-ଟେଣ୍ଡର ବିଜ୍ଞପ୍ତି**

ଡିଭିଜନାଲ୍ ରେଳୱେ ମ୍ୟାନେଜର୍ (W A), ରତଲାମ, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରୁଛନ୍ତି। କ୍ରମିକ ନଂ. ୧, ଇ-ଟେଣ୍ଡର ନଂ.: RTM-2026-27-71R, କାର୍ଯ୍ୟର ନାମ: ୧. ସିଭିଲ୍ କାର୍ଯ୍ୟ ସମେତ Pointsman/Traffic Assistant ପାଇଁ ରତଲାମ ଡିଭିଜନ୍-HUT ଏବଂ ୨. ୬୮ଟି ଷ୍ଟେସନରେ PF ଧାରରେ ପେଣ୍ଟିଂ ଏବଂ ସଂରଚନାତ୍ମକ ଉପାଦାନଗୁଡ଼ିକରେ ବିପରୀତ ରଙ୍ଗର ବ୍ୟବସ୍ଥା (ଦିବ୍ୟାଙ୍ଗଜନ ସୁବିଧା)। ଆନୁମାନିକ ମୂଲ୍ୟ: ଟ. ୫,୮୧,୪୫,୦୬୩.୦୮, ବନ୍ଧନା ରାଶି: ଟ. ୧୧,୬୨,୯୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୨, ଇ-ଟେଣ୍ଡର ନଂ.: RTM-2026-27-93, କାର୍ଯ୍ୟର ନାମ: ୧. ଚନ୍ଦେରିଆ-ନୀମଚ-ରତଲାମ- TFRS+CS+CMRC – ୧୬ଟି ସେଟ୍ (୧:୧୨), ୨. ଚନ୍ଦେରିଆ-ଚିତ୍ତୋରଗଡ଼ - TSR(P) - ୧୦.୨୩୧ Tkm ଏବଂ DEN-North-RTM ଅଧୀନରେ ବିଭିନ୍ନ ଟ୍ରାକ୍ କାର୍ଯ୍ୟ ସମ୍ବନ୍ଧୀୟ Cess କାର୍ଯ୍ୟ ଏବଂ ୩. ନାଗଦା-ଭୋପାଳ - TSR(P)- ୧୩.୫୨୨ Tkm । ଆନୁମାନିକ ମୂଲ୍ୟ: ଟ. ୮,୫୯,୮୬,୧୭୦.୦୨, ବନ୍ଧନା ରାଶି: ଟ. ୧୭,୧୯,୭୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୩, ଇ-ଟେଣ୍ଡର ନଂ.: RTM-2026-27-94, କାର୍ଯ୍ୟର ନାମ: CNA-RTM-FTD-UJN ସେକ୍ସନ୍‌ରେ ଟ୍ରାକ୍ କାର୍ଯ୍ୟ ସମ୍ବନ୍ଧରେ ବିଭିନ୍ନ ଷ୍ଟେସନର ୟାର୍ଡରେ ଡ୍ରେନ୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୨,୭୫,୯୩,୫୯୫.୪୦, ବନ୍ଧନା ରାଶି: ଟ. ୫,୫୧,୯୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। କ୍ରମିକ ନଂ. ୪, ଇ-ଟେଣ୍ଡର ନଂ.: RTM-2026-27-95, କାର୍ଯ୍ୟର ନାମ: DEN/North/RTM ଅଧୀନରେ ବିଭିନ୍ନ ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ AT Welding Portions ର ଅବଶିଷ୍ଟ ଯୋଗାଣ ଏବଂ Alumino-thermic welding କାର୍ଯ୍ୟ ସମ୍ପାଦନ। ଆନୁମାନିକ ମୂଲ୍ୟ: ଟ. ୨,୩୨,୧୬,୩୧୫.୨୪, ବନ୍ଧନା ରାଶି: ଟ. ୪,୬୪,୩୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୩.୧୦.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୨୭.୧୦.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

AK/5/1/281

Like us on: facebook.com/WesternRly • Follow us on: X.xom/WesternRly

**THE BISRA STONE LIME COMPANY LTD.**

CIN: L14100OR1910GOI033904

Regd. Office :Plot No:255, Pristine Green, Pokhariput, Bhubaneswar-751020

**Statement of Financial Results For the Quarter Ended 30th June 2026** (Rs.in Lakhs)

| Sl. No. | Particulars | Quarter Ended | | Year Ended |
|---|---|---|---|---|
| | | 30.06.2026 | 30.06.2025 | 31.03.2026 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 1,552.90 | 2,362.05 | 8,694.05 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 292.64 | 415.91 | 1,494.63 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 292.64 | 415.91 | 1,494.63 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 186.82 | 276.53 | 1,010.30 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 186.82 | 276.53 | 1,135.71 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (19,799.16) | (20,903.76) | (19,985.98) |
| 8 | Earning per share (Rs) | | | |
| | (i) Basic: | 0.21 | 0.32 | 1.16 |
| | (ii) Diluted | 0.21 | 0.32 | 1.16 |

1. The above results of the Company were approved by the Board of Directors at their respective meetings held on 05.10.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**For and on behalf of the Board of Director**
**Sd/-**
**(M.N.V.S Prabhakar)**
Managing Direcor-BSLC

**Place:** Vishakhapatnam
**Date:** 05th October 2026

ସକାଳ THE SAKALA



## ଜଗତସିଂହପୁର ଐତିହ୍ୟ ପଦଯାତ୍ରା

# ସରପୁର ପ୍ରାଚୀନ ଜୈନ କୀର୍ତ୍ତିରାଜି ପରିଦର୍ଶନ

ଜଗତସିଂହପୁର, ୬।୧୦(ସମିସ)

ମାଟିମନସ୍କ ଐତିହ୍ୟାନୁରାଗୀ ବନ୍ଧୁମାନଙ୍କୁ ନେଇ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବିଂଶତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଦଯାତ୍ରୀମାନେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗଡ଼ମା ବଜାର ନିକଟ ସରପୁର ଗ୍ରାମରେ ଥିବା

### ମୁଗ୍ଧ କଲା ଶାମ୍ ଚାଚାଙ୍କ ଭକ୍ତି ସଂଗୀତ




ବହୁ ପ୍ରାଚୀନ ଜୈନ କୀର୍ତ୍ତିରାଜିକୁ ପରିଦର୍ଶନ କରିଥିଲେ । ସେହିପରି ନିକଟସ୍ଥ ଈଶାଣୀ ବ୍ରହ୍ମପୁର ଗ୍ରାମରେ ଥିବା ଈଶାଣେଶ୍ୱର ମହାଦେବ ମନ୍ଦିରକୁ ପଦଯାତ୍ରୀମାନେ ପରିଦର୍ଶନରେ ଯାଇଥିଲେ । ଏହି ମନ୍ଦିର ପରିସରରେ ଉଭୟ ଭୌମକର ଓ ସୋମବଂଶୀ ଶାସନ କାଳର ଅନେକ ପ୍ରାଚୀନ କୀର୍ତ୍ତିରାଜି ଦେଖିବାକୁ ମିଳିଥିଲା । ଏହିସବୁ ଐତିହାସିକ କୀର୍ତ୍ତିରାଜି ବୁଲି ଦେଖିବା ସହିତ ସେ ସମସ୍ତର ସୁରକ୍ଷା ଓ ସଂରକ୍ଷଣ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା । ସ୍ଥାନୀୟ ପ୍ରହାରାଜପୁର ଅଞ୍ଚଳ ନିବାସୀ ଅବଦୁଲ ଶମଦ ନିଜାମୀ ବା ଶାମ୍ ଚାଚାଙ୍କ ଭକ୍ତି ରସାତ୍ମକ ସଙ୍ଗୀତ ପରିବେଷଣ ଏହି ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ଜଣେ ଦୃଷ୍ଟିବାଧିତ ହୋଇ ମଧ ଶ୍ରୀଜଗନ୍ନାଥଙ୍କ ଜଣାଣ ଖୁବ୍ ସୁଲଳିତ କଣ୍ଠରେ, ଉଚ୍ଚାଙ୍ଗ ଭାବରେ ଗାଇଥିଲେ ଶାମ୍ ଚାଚା । ସୌଭାଗ୍ୟର କଥା, "ଜଗତସିଂହପୁର ହେରିଟେଜ ୱାକ୍' ଅନୁଷ୍ଠାନ ଇତି ମଧ୍ୟରେ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ପଞ୍ଜିକୃତ ହୋଇସାରିଛି । ଅନୁଷ୍ଠାନର ସଭାପତି ରୂପେ ବସନ୍ତ ମଞ୍ଜରୀ ଦାସ, ଉପସଭାପତି ରୂପେ ଦେବାଶିଷ ପାତ୍ର, ସମ୍ପାଦକ ରୂପେ ତ୍ରିଲୋଚନ ସ୍ୱାଇଁ, ସଂଗଠନ ସମ୍ପାଦକ ରୂପେ ସମ୍ବିତ ପାତ୍ର ଏବଂ କୋଷାଧ୍ୟକ୍ଷ ରୂପେ କୁମାର ଶୁଭମଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହା ବ୍ୟତୀତ ଅନୁଷ୍ଠାନର ନ୍ୟାୟିକ ପରାମର୍ଶଦାତା ରୂପେ ମଞ୍ଜୁଲତା ରାଉତ ଏବଂ ଉପଦେଷ୍ଟା ରୂପେ ଶିକ୍ଷାବିତ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ଅଧ୍ୟାପକ ବିଶ୍ୱରଞ୍ଜନ ଦେହୁରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଉକ୍ତ ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ, ଅନୁଷ୍ଠାନର ଆବାହକ ଶ୍ରୀକାନ୍ତ ସିଂହଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ, ବିକାଶ ସ୍ୱାଇଁ, ପ୍ରଦୀପ୍ତ ସୁନ୍ଦର, ହୃଦାନନ୍ଦ ବେହେରା ସମେତ ଯୁବ କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ, ରୁଦ୍ରମାଧବ, କୁନ୍ଦନ, ସ୍ୱାଧୀନ, ସୌରଭ ଏବଂ ମାଧବାନନ୍ଦ ଭୋଇ ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ଜଗତସିଂହପୁର, କଟକ, ଭୁବନେଶ୍ୱର, ପୁରୀ ଆଦି ଅଞ୍ଚଳରୁ ପ୍ରାୟ ତିରିଶ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଆଜିର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/କୁଜଙ୍ଗ, ୬।୧୦(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୧୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୨ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ଟି, ଆବାସ ପାଇଁ ୨୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୦ଟି, ଭତ୍ତା ପାଇବା ପାଇଁ ୨ଟି, ପୁଲିସ ସହାୟତା ପାଇଁ ୯ଟି ଏବଂ ଅନ୍ୟାନ୍ୟ ୭୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ତହସିଲଦାର, କୁଜଙ୍ଗ, ବ୍ଲକ୍ ଉନ୍ନୟନ ଅଧିକାରୀ, କୁଜଙ୍ଗ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# କଂଗ୍ରେସ ପକ୍ଷରୁ ଗାନ୍ଧୀ ପଥେ ନ୍ୟାୟ ପଦଯାତ୍ରା

ନାଉଗାଁ, ୬।୧୦(ସମିସ): ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରାନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ନାଉଗାଁ ବ୍ଲକରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ତଥା ଗଣତନ୍ତ୍ର ବଞ୍ଚାଅ ଯାତ୍ରା ନାଉଗାଁ କୋକିଦିହ ଛକଠାରୁ ତିହୁଡା ଗ୍ରାମ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି କୁମାର ପ୍ରିତମ ପରିଜା, ଜିଲ୍ଲା କଂଗ୍ରେସ ଉପସଭାପତି ବିଜୟ ବେହେରା, ପ୍ରହଲ୍ଲାଦ ବିଶ୍ୱାଳ, ସଞ୍ଜୀବ କୁମାର ବିଶ୍ୱାଳ, ବେଣୁଧର ମହାନ୍ତି, ନିରଞ୍ଜନ ସାହୁ, ନୀଳମଣି ପରିଡ଼ା, ଦେବରାଜ ମୁଦୁଲି, ରମେଶ ଚନ୍ଦ୍ର ମୁଦୁଲି, ଲିଙ୍ଗରାଜ ରାଉତ, ଧୀରେନ୍ଦ୍ରନାଥ ରାୟ, ବିଭୂତି ସ୍ୱାଇଁ, ଗୋପବନ୍ଧୁ ପ୍ରଧାନ, ନୃସିଂହ ଚରଣ ମହାନ୍ତି, ଅକ୍ଷୟ କୁମାର ଲେଙ୍କା, ସୁରେନ୍ଦ୍ରନାଥ ସ୍ୱାଇଁ, ରାଜକିଶୋର ରାଉତ, ଅଜୟ କୁମାର ବାରିକ୍, ସୌମ୍ୟ ସଞ୍ଜୀବ ଦାସ, ମନୋଜ ଦାଶ, ଚିନ୍ମୟ ଲେଙ୍କା, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରଭାକର ନାୟକ ପ୍ରମୁଖ ନେତୃମଣ୍ଡଳୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଆଗାମୀ ୮ ତାରିଖ ଓଡ଼ିଶା ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ସମାଜସେବୀ ସରଳାଦେବୀଙ୍କ ସ୍ମୃତିସଭା

ବାଲିକୁଦା, ୬।୧୦(ସମିସ): ବାଲିକୁଦା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସରଳାଦେବୀ ଆଞ୍ଚଳିକ ସ୍ମୃତି କମିଟି, ବାଲିକୁଦା ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସରଳାଦେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ରୋଗୀମାନଙ୍କୁ ଫଳ, ବିସ୍କୁଟ ଓ ପାଉଁରୁଟି ବଣ୍ଟନ କରାଯାଇଥିଲା । ସରଳାଦେବୀଙ୍କ ତ୍ୟାଗ, ସେବା ଓ ସମାଜ ପ୍ରତି ତାଙ୍କ ଅବଦାନକୁ ମନେ ପକାଇ ଉପସ୍ଥିତ ବକ୍ତାମାନେ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲ୍ଲା ପରିଷଦ ସଦସ୍ୟା ଡଲି ପଣ୍ଡା, କବି ରମେଶ ଚନ୍ଦ୍ର ବହିରା, ସମାଜସେବୀ ମିତ୍ରଭାନୁ କାନୁନଗୋ, ଯୁବ ସମାଜସେବୀ କମଳାକାନ୍ତ ମହାପାତ୍ର, ଶୁଭେନ୍ଦୁ ଦାସ, ସୁରେନ୍ଦ୍ର ବିଶ୍ୱାଳ, ସମାଜସେବୀ ଜୟନ୍ତ ପରିଡ଼ା, ପ୍ରାକ୍ତନ ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅଭୟ ମଲ୍ଲିକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସରଳାଦେବୀ ରାଜ୍ୟ ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମକୁ ସହଯୋଗ କରାଯାଇଥିଲା ।

# ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବାଲିକୁଦା, ୬।୧୦(ସମିସ): ବାଲିକୁଦା ବ୍ଲକ ମରିଚପୁର ଗ୍ରାମପଞ୍ଚାୟତ ଅଧୀନ ମରିଚପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜ୍ଞାନପ୍ରଭା ମିଶନ ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ରୋଗର ପ୍ରାଥମିକ ଲକ୍ଷଣ ଚିହ୍ନଟ ଓ ସମୟୋଚିତ ଚିକିତ୍ସା ନେଇ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ମିଶନ ପକ୍ଷରୁ ଡାକ୍ତର ଦିବ୍ୟରଞ୍ଜନ ଯୋଗଦେଇ ମହିଳାମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ସଚେତନ କରିଥିଲେ । ବିଶେଷକରି ଜରାୟୁ ଓ ସ୍ତନ କର୍କଟର କାରଣ, ପ୍ରାଥମିକ ଲକ୍ଷଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରୋଗ ଚିହ୍ନଟ ହେଲେ ଶୀଘ୍ର ଚିକିତ୍ସା ଗ୍ରହଣର ଆବଶ୍ୟକତା ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇଥିଲେ । ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା ନକରି ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ । ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଓ ରମେଶ ଚନ୍ଦ୍ର ବହିରାଙ୍କ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମରିଚପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସଦାନନ୍ଦ ବେହେରା, ସମିତି ସଭ୍ୟା ସୁନିତା ନାୟକ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ଓ ଶିକ୍ଷକ ଯୁଗୋଳ କିଶୋର ନାୟକ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଏମବିକେ ଗୀତାରାଣୀ ସ୍ୱାଇଁ, ସିଆରପି କଳ୍ପନା ନାୟକ, ମମତା ମାହାଳି, କାଞ୍ଚନ ବିଶ୍ୱାଳ, ସଂଯୁକ୍ତା ପରିଡା ଓ ବିନତି ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଡାକ୍ତରଙ୍କ ପରଲୋକ



ମଣିଜଙ୍ଗା, ୬।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ଗ୍ରାମପଞ୍ଚାୟତର ବିକିପୁର ଗ୍ରାମର ଅବସରପ୍ରାପ୍ତ ଡାକ୍ତର ରବୀନ୍ଦ୍ର କୁମାର ନାଥ ଦାସ (୮୭)ଙ୍କ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ସମଗ୍ର ତିର୍ତ୍ତୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ନିରୁପମା ଦାସ, ପୁତ୍ର ସତ୍ୟେନ୍ଦ୍ର ନାରାୟଣ ଦାସ, ସୌମେନ୍ଦ୍ର ନାରାୟଣ ଦାସ, ଝିଅଜ୍ୱାଇଁ ବବିତା ସାମନ୍ତ ରାୟ, ସରିତା ନାୟକ, ପ୍ରଦୀପ ସାମନ୍ତରାୟ, ଦୀପକ ନାୟକ, ଭାଇ ଗୋବର୍ଦ୍ଧନ ଦାସ, ଅଭୟ କୁମାର ଦାସ, ସରୋଜ କୁମାର ଦାସ, ପୁତୁରା ଅଶୋକ, ପଦରାବିନ୍ଦ ଓ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ । ନାମ ସଂକୀର୍ତ୍ତନ ସହ ନିଜ ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା । ବଡ଼ପୁଅ ସତ୍ୟେନ୍ଦ୍ର ନାରାୟଣ ମୁଖାଗ୍ନି ଦେଇଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

ଏରସମା, ୬।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ମାଧ୍ୟମରେ ଅନ୍ୟର ଜୀବନ ରକ୍ଷା କରିବା ସହ ରକ୍ତଦାନ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ଓ ସେବା ମନୋଭାବ ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶିବିରରେ ଜଗତସିଂହପୁର ରେଡ୍‌କ୍ରସ୍ ଟିମ୍ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ । ବରିଷ୍ଠ ଡାକ୍ତର ଅମିୟ କୁମାର ସ୍ୱାଇଁ, ଡା. ଦେବବ୍ରତ ଭଞ୍ଜ, ଡା. ମୃତ୍ୟୁଞ୍ଜୟ ବେହେରା, ସାମ୍ବାଦିକ ତୃପ୍ତି ରଞ୍ଜନ ମହାନ୍ତି, ଜନ୍ ରାଉତଙ୍କ ସମେତ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗର




କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ନିୟମିତ ଭାବେ ଏଭଳି ରକ୍ତଦାନ ଶିବିର ଆୟୋଜନ କରାଗଲେ ଅଞ୍ଚଳରେ ରକ୍ତର ଆବଶ୍ୟକତା ପୂରଣ ସହ ରକ୍ତଦାନ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ଶିକ୍ଷକ ଦିବସ

ଜଗତସିଂହପୁର, ୬।୧୦(ସମିସ): ଜଗତସିଂହପୁର ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଟାଉନହଲ ଠାରେ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି । ପୂଜ୍ୟପୂଜା ସଂସଦର ସଭାପତି ତଥା ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଚିରଞ୍ଜୀବ




ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସଂପାଦକ କିଶୋର କୁମାର ପଣ୍ଡା, ସମ୍ମାନନୀୟ ଅତିଥି ରୂପେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଶିକ୍ଷକନେତା ବିଜୟ କୁମାର ବିଶ୍ୱାଳ, ଏସଭିଏମ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବୀରବର ପାଲ ଏବଂ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଯୋଗଦେଇ ଶିକ୍ଷକ ଦିବସ ପାଳନର ଆବଶ୍ୟକତା ଏବଂ ଗୁରୁତ୍ୱ ସଂପର୍କରେ ଆଲୋଚନା କରିଥିଲେ । ସେବାନିବୃତ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସେବାନିବୃତ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ବେହେରା ବିଶ୍ୱ ଶିକ୍ଷକ ଦିବସର ଇତିହାସ ସଂପର୍କରେ ମତ ରଖିଥିବା ବେଳେ ସଂପାଦକ ଦିପ୍ତି ଦାସ ଆଭିମୁଖ୍ୟ ପ୍ରକାଶ କରିଥିଲେ । ଶତାଧିକ ସେବା ନିବୃତ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଓସ୍ତା ସଂପାଦକ ନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଆବାହକ ବରିଷ୍ଠ ଶିକ୍ଷାବିତ୍ ଅତୁଲ ବିକ୍ରମ ପ୍ରଧାନ, ପରିବେଶବିତ୍ ଉତ୍କଳରଂଜନ ମହାନ୍ତି, ଶିକ୍ଷାବିତ୍ ବିଜୟ କୁମାର ରଥ, ଡ. ବିଜୟ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, ଅଧ୍ୟାପକ ହିତେଶ କୁମାର ମହାନ୍ତି, ତ୍ରିଲୋଚନ ସାହୁ, ଚନ୍ଦନ ବେହେରା, ରବିନ୍ଦ୍ର ନାଥ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲିକୁଦାରେ ସେବା ସେତୁ ଅଭିଯାନ

ବାଲିକୁଦା, ୬।୧୦(ସମିସ): ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ "ସେବା ସେତୁ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ସରକାରୀ ଯୋଜନା ଓ ସେବା ସମ୍ପର୍କିତ ଅଭିଯୋଗ ଗ୍ରହଣ ସହ ତାହାର ଦ୍ରୁତ ସମାଧାନ କରାଯାଇଥିଲା । ଅତିରିକ୍ତ ବିଡିଓ ସ୍ମାରକ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିଯାନରେ ମୋଟ ୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୫ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରେ ରାଜସ୍ୱ ବିଭାଗ ସମ୍ପର୍କିତ ୧୨ଟି, ରାସନ ସମ୍ପର୍କିତ ୨୩ଟି, ପେନସନ ସମ୍ପର୍କିତ ୧୩ଟି, ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ, ମିଶନ ଶକ୍ତିର ଗୋଟିଏ ଏବଂ ଜଳସେଚନ ସମ୍ପର୍କିତ ଗୋଟିଏ ଅଭିଯୋଗ ରହିଥିଲା । ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ସେହିପରି ଦୁଇ ଜଣ ହିତାଧିକାରୀଙ୍କୁ "ଲକ୍ଷପତି ଦିଦି' ଚେକ୍ ଏବଂ ଦୁଇ ଜଣଙ୍କୁ ଚାରା ଉଦ୍ୟୋଗୀକରଣ ଯୋଜନା ଅଧୀନରେ "ଗୋ ଏହେଡ୍' ପତ୍ର ପ୍ରଦାନ କରାଯାଇଥିଲା । ସିଏମଏୱାଇ ଯୋଜନାରେ ୫ ଜଣଙ୍କୁ ନୂତନ ରାସନ କାର୍ଡ, ଜଣେ ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଦୁଇ ଜଣଙ୍କୁ ଟ୍ରାଇସାଇକେଲ ଏବଂ ଜଣଙ୍କୁ ଚାଲିବା ବାଡ଼ି ପ୍ରଦାନ କରାଯାଇଥିଲା । ଅଭିଯାନ ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ମୋଟ ୧୨୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୧୭ଟି ଲାବୋରେଟୋରି ପରୀକ୍ଷା କରାଯାଇଥିଲା । ୩୫ ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସଚେତନତା ପ୍ରଦାନ କରାଯିବା ସହ ଆବଶ୍ୟକ ଅନୁଯାୟୀ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ବିକାଶ ରଞ୍ଜନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ଭର ମଲ୍ଲିକ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ବେନୋଜା ପତି, ଏଏଫ୍‌ଓ ମନୀଷା ଜେନା, ସିଡିପିଓ କେ. ଅମିତା, ଜିପିଡିଓ ରୋଜାଲିନ ତ୍ରିପାଠୀ, ବ୍ଲକ ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ, ବାଲିକୁଦା ମେଡିକାଲର ମୁଖ୍ୟ ଡାକ୍ତର ହିମାଂଶୁ ଶେଖର ସାହୁ, ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ଥାନା ଅଧିକାରୀ କାବୁଲି ବାରିକ, ଫରେଷ୍ଟର ରଞ୍ଜିତ ରାଉତ ଓ ବିପିସି ମିଶନ ଶକ୍ତି ବିଜୟ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିପିଏମ୍ ଓ ଏଲ୍‌ଏମ୍ ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୁଟି ନେଲେ ମହିଳା ଦୋକାନୀଙ୍କ ବେକରୁ ସୁନାଚେନ୍

କୁଜଙ୍ଗ, ୬।୧୦(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ପହଣା ଗ୍ରାମରେ ଜଣେ ମହିଳା ଦୋକାନୀଙ୍କ ଠାରୁ ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ମହିଳାଙ୍କ ପୁଅ ଲୁଟେରାଙ୍କୁ ପିଛା କରି ଅଟକାଇବାକୁ ଉଦ୍ୟମ କରି ଲହୁଲୁହାଣ ହୋଇଥିଲେ ମଧ୍ୟ ଲୁଟେରାଙ୍କୁ କାବୁ କରିବାକୁ ସମର୍ଥ ହୋଇ ପାରି ନ ଥିଲେ । ଚାନ୍ଦପୁର ପାଟପୁର ରାସ୍ତାର ପହଣା ଛକ ନିକଟରେ ପ୍ରକାଶ ନାୟକଙ୍କ ପତ୍ନୀ ନିର୍ମଳା ସାହାଣୀ ଗୋଟେ ମନୋହରୀ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଶନିବାର ରାତି ପ୍ରାୟ ସାଢେ ୯ଟାରେ ଗୋଟିଏ ବୁଲେଟ୍ ଗାଡ଼ିରେ ଦୁଇ ଜଣ ଯୁବକ ଆସି ନିର୍ମଳାଙ୍କ ଦୋକାନ ଆଖ ପାଖରେ ପଇଁତରା ମାରୁଥିବା ବେଳେ ନିର୍ମଳା ଦୋକାନ ବନ୍ଦ କରିବା ଆରମ୍ଭ କରୁଥଲେ । ଏହି ସମୟରେ ଅନ୍ୟ ଏକ ନମ୍ବର ବିହୀନ ବାଇକ୍‌ରେ ନିର୍ମଳାଙ୍କୁ ଏକ ସାମଗ୍ରୀ ନେବାକୁ ମାଗି ତାଙ୍କ ବେକରୁ ପ୍ରାୟ ଦୁଇ ଭରିର ଏକ ସୁନା ଚେନ୍ ଝାମ୍ପି ନେଇଥିଲେ । ଫଳରେ ନିର୍ମଳା ରାସ୍ତାରେ ପଡ଼ିବା ସହ ନିଜ ପୁଅ ସମ୍ବିତ ପଟ୍ଟନାୟକଙ୍କୁ ଡାକ ପକାଇଥିଲେ । ପୁଅ ସମ୍ବିତ ଓରଫ ରୁଦ୍ର ତୁରନ୍ତ ତାଙ୍କର ଏକ ବୁଲେଟ ନେଇ ପିଛା କରିବା ସହ ମଣିଜଙ୍ଗା ପୂର୍ବରୁ ଏହି ଲୁଟେରାଙ୍କୁ ଯାଉଥିବା ଚିହ୍ନଟ କରିଥିଲେ । ତାଙ୍କୁ ଅଟକାଇ ବାକୁ ଉଦ୍ୟମ କରିବାରୁ ସେମାନେ ଏକ ଚାପଡରେ ତାଙ୍କ ହାତକୁ ହାଣି ଦେବାକୁ ଉଦ୍ୟମ କରିଥିଲେ । ଫଳରେ ରୁଦ୍ର ପଡ଼ିଯିବା ସହ ରୁଦ୍ର ସାଙ୍ଗରେ ନେଇଥିବା ଦୁଇ ଶ୍ରମିକ ମଧ୍ୟ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତସିଂପୁର ଜିଲ୍ଲା ମେଡିକାଲକୁ ପଠାଯାଇଛି ।

# ନିର୍ବାଚନ ବିଗୁଲ ବାଜିବା ପରେ କ୍ୟାମ୍ପସରେ ଉତ୍ସାହ

ପାରାଦୀପ, ୬।୧୦(ସମିସ): ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରସଂସଦ ନିର୍ବାଚନ ହେବା ନେଇ ଘୋଷଣା ପରେ ପାରାଦୀପ କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଶାନ୍ତ ପଡିଥିବା କଲେଜ କ୍ୟାମ୍ପସରେ ଏବେ ମାହୋଲ ଆରମ୍ଭ ହୋଇଯାଇଛି । ତେବେ ୨୦୧୭ରୁ ବନ୍ଦ ରହିଥିବା ଏହି ନିର୍ବାଚନକୁ ୧୦ ଦିନ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛି । ଦୀର୍ଘ ଦିନ ପ୍ରତିକ୍ଷାର ଅନ୍ତ ଘଟିଛି । ୮ ବର୍ଷ ଧରି ପାରାଦୀପ କଲେଜ କ୍ୟାମ୍ପସ ଶାନ୍ତ ରହିଥିଲା । ଆଉ ହାତରେ ଅଳ୍ପ ସମୟ ଥିବାରୁ ଆଜି ଠାରୁ ଛାତ୍ରଛାତ୍ରୀ ନିଜ ସପକ୍ଷରେ ମତ ଯୋଗାଡ଼ କରିବାରେ ଲାଗିପଡିଲେଣି । ଆଜି ପାରାଦୀପ କଲେଜର ଛାତ୍ରଛାତ୍ରୀଙ୍କୁ ଭେଟି ଛାତ୍ରସଂସଦ ନିର୍ବାଚନ ସମ୍ପର୍କରେ ପଚାରିବାରୁ ସେମାନେ ବହୁତ ଖୁସି ରହିଥିବା କହିବା ସହିତ ଛାତ୍ର ନେତୃତ୍ୱ ସୃଷ୍ଟି ହେବା ଆବଶ୍ୟକ । ଛାତ୍ର ନେତୃତ୍ୱ ସୃଷ୍ଟି ହେଲେ ରାଜ୍ୟ ତଥା ଦେଶରେ ନେତୃତ୍ୱ ସୃଷ୍ଟି ହୋଇ ପାରିବେ ବୋଲି କହିଥିଲେ । କେତେକ ଛାତ୍ର ଖୁସିରେ ବାଣ ଫୁଟାଇ ମିଠା ଖୁଆଇ ସେଲିବ୍ରେସନ କରିଛନ୍ତି । କଲେଜର ସମସ୍ୟାକୁ ନେଇ ଛାତ୍ରଛାତ୍ରୀ ସେମାନେ ନିର୍ବାଚନକୁ ଓହ୍ଲାବେ ବୋଲି କହିଛନ୍ତି । ତେବେ କଲେଜ କ୍ୟାମ୍ପସରେ କୌଣସି ଉତ୍ତେଜନାକୁ ପ୍ରଶୟ ନ ଦବା ପାଇଁ ଏବେଠୁ ପୁଲିସ ପ୍ରଶାସନ ସଜାଗ ରହିଛନ୍ତି । ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ବେଳେ ବହୁ ସମୟରେ ବାହାରର ଛାତ୍ରମାନେ ପ୍ରବେଶକରି ଗଣ୍ଡଗୋଳ କରିଥାନ୍ତି । ତେବେ ତା ଉପରେ ପୁଲିସ ପ୍ରଶାସନର ଦୃଷ୍ଟି ଏଥର ନିଶ୍ଚିତ ରହିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

# ଗାଡ଼ି ଧକ୍କାରେ ମହିଳା ମୃତ

ପାରାଦୀପ, ୬।୧୦(ସମିସ): ଏକ ଅଜଣା ଗାଡି ଧକ୍କାରେ ଢିଙ୍କିଆର ସାବିତ୍ରୀ ଜେନା ଗୁରୁତର ଆହତ ହୋଇ କୁଜଙ୍ଗ ମେଡ଼ିକାଲରେ ଚିକିତ୍ସିତ ହୋଇ କଟକ ଏସିବି ମେଡିକାଲ ସ୍ଥାନାନ୍ତରିତ ହୋଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସାବିତ୍ରୀଙ୍କୁ ସ୍ଥାନୀୟ ଲୋକେ କୁଜଙ୍ଗ ଆଣିଥିବା ବେଳେ ଦୁଇ ସମାଜସେବୀ ପଙ୍କଜ ତରାଇ ଓ ପ୍ରଭାତ ବେହେରା ତାଙ୍କୁ କଟକ ଏସ୍‌ସିବି ମେଡିକାଲ ପଠାଇଥିଲେ । ତେବେ ଆଜି ପୂର୍ବାହ୍ନରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା । ସାବିତ୍ରୀଙ୍କ ସ୍ୱାମୀ ଗୁରି ଜେନା ଓ ଏକମାତ୍ର ପୁତ୍ର ବୁଟୁ ଜେନା ରୋଗରେ ପୀଡ଼ିତ ହୋଇ ଜୀବନ ହାରିଥିଲେ ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ଇନ୍‌ସାଫ ପକ୍ଷରୁ ଚାରାରୋପଣ

ଜଗତସିଂହପୁର, ୬।୧୦(ସମିସ)

ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଆନୁକୂଲ୍ୟରେ ବାଲିକୁଦା ବ୍ଲକ ଅନ୍ତର୍ଗତ ଦୁଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବଉଳ ଚାରା ଓ ପରିସର ବାହାରେ ରାସ୍ତାର ଉଭୟ ପାର୍ଶ୍ୱରେ ତାଳମଞ୍ଜି ରୋପଣ କରାଯାଇଛି । ଅନୁଷ୍ଠାନର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ବୃକ୍ଷ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ଓ ତାଙ୍କର ସହଧର୍ମିଣୀ ପ୍ରକୃତିବନ୍ଧୁ କନକଲତା ପରିଡାଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ, ଜଗତସିଂହପୁରର ପ୍ରଶିକ୍ଷକ ଚିତ୍ତରଞ୍ଜନ ଦାସ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ଞାନରଞ୍ଜନ ସ୍ୱାଇଁ,



ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ, ରମେଶ ଚନ୍ଦ୍ର ମହାନ୍ତି, ମଳୟ କୁମାର ଲେଙ୍କା, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ସାରସ୍ୱତ ସାଧକ କୃଷ୍ଣଚନ୍ଦ୍ର ରାଉତ, ସାମ୍ବାଦିକ ପ୍ରଣବ କୁମାର ପ୍ରଧାନ, ଯୁବ ସାମାଜିକ କର୍ମୀ ମନୋଜ କୁମାର ନାୟକ, ମନୋରଞ୍ଜନ ନାୟକ ଓ ବିଦ୍ୟାଳୟ ଛାତ୍ରୀନିବାସର ଅନ୍ତେବାସୀ ମିଳିତ ଭାବରେ ବିଦ୍ୟାଳୟ ପରିସରରେ ୭୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ବଉଳଚାରା ରୋପଣ କରିଥିବାବେଳେ ପରିସର ବାହାର ରାସ୍ତାର ଉଭୟ ପାର୍ଶ୍ୱରେ ଶହେରୁ ଉର୍ଦ୍ଧ୍ୱ ସଂଖ୍ୟକ ତାଳମଞ୍ଜି ରୋପଣ କରିଥିଲେ । ଏହି ଅବସରରେ ବର୍ଷିଆନ୍ ସାରସ୍ୱତ ସାଧକ ତଥା ଧର୍ମପରାୟଣ ମହନୀୟ ବ୍ୟକ୍ତି କୃଷ୍ଣଚନ୍ଦ୍ର ରାଉତଙ୍କୁ ଉପଢୌକନ, ରାଧାକୃଷ୍ଣ ଫଟୋଚିତ୍ର, ଫଳଚାରା ଓ ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଛାତ୍ରୀମାନଙ୍କୁ ତଥା ଉପସ୍ଥିତ ସମସ୍ତ ବ୍ୟକ୍ତିଗଣଙ୍କୁ ମହାତ୍ମା ଗାନ୍ଧୀଙ୍କ ଜୀବନ ପଞ୍ଜିକା ପ୍ରଦାନ କରାଯାଇଥିଲା । ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରୋପଣ କରାଯାଇଥିବା ବିଭିନ୍ନ ଚାରାଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯାଉଛି କି ନାହିଁ ତାହା ଅନୁଷ୍ଠାନ ପକ୍ଷରୁ ତଦାରଖ କରାଯିବା ସହ ସେଗୁଡ଼ିକର ଅଧିକରୁ ଅଧିକ ଯତ୍ନ ନେବା ନିମନ୍ତେ ଛାତ୍ରୀମାନଙ୍କୁ ତଥା ମୁଖ୍ୟ ତତ୍ତ୍ୱାବଧାରକ ଶ୍ରୀ ମୁଦୁଲିଙ୍କୁ ପରାମର୍ଶ ଦିଆଯାଇଥିଲା ।

# ଡକାୟତି ଯୋଜନା ପଣ୍ଡ, ୨ ଗିରଫ

**କାମାକ୍ଷାନଗର,୫ ।୧୦(ସମିସ):** କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ଡକାୟତି ଯୋଜନା ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା କାଳିଆପାଣି ଥାନା ପଟଣା ଗ୍ରାମର ଚନ୍ଦନ ଦେହୁରୀ (୨୬) ଓ ଯାଜପୁର ସଦର ଥାନା ଅରଙ୍ଗା ପୁରୁଷୋତ୍ତମପୁର ଗ୍ରାମର ଖାଜେ ଅଲତାଫ ହୁସେନ



(୨୩) । ତେବେ ପର୍ଜଙ୍ଗ ଥାନା କଳଦା ଗ୍ରାମର ସୂର୍ଯ୍ୟକାନ୍ତ ନାଏକ, ବାରିହାପୁରର ବାଘା ଓରଫ ସୌଭାଗ୍ୟ ନାଏକ ଏବଂ କାମାକ୍ଷାନଗର ଥାନା ଗୋଡ଼ିସାହି ଗ୍ରାମର ବିକି ଓରଫ ବିଶ୍ୱଜିତ ବେହେରା ଫେରାର ହୋଇଯାଇଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୩ ରାତିରେ ପୁଲିସ ପାଟ୍ରୋଲିଂ ଓ ନାକା ଚେକ୍ କରିବାକୁ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବାହାରିଥିଲା । ରାତି ପ୍ରାୟ ୩ଟାରେ ତାରେଣିପସ୍ଥିତ ସରକାରୀ ହାଇସ୍କୁଲ ଖେଳପଡ଼ିଆ ରେଷ୍ଟସେଡ୍ ଭିତରୁ ମୋବାଇଲ ଲାଇଟ୍ ଦେଖାଯାଇଥିଲା । ସନ୍ଦେହ ହେବାରୁ ପୁଲିସ ଟିମ୍ ରେଷ୍ଟସେଡ୍‌କୁ ଚାରିପଟୁ ଘେରି ଯାଇଥିଲା । ପୁଲିସକୁ ଦେଖି ୩ ଜଣ ଦୌଡ଼ି ପଳାଇଥିବାବେଳେ ଚନ୍ଦନ ଓ ଅଲତାଫଙ୍କୁ କାବୁ କରାଯାଇଥିଲା । ପଚରାଉଚରା ବେଳେ ସେମାନେ ଡକାୟତି କରିବା ଉଦ୍ଦେଶ୍ୟରେ ଏକାଠି ହୋଇଥିବା ସ୍ୱୀକାର କରିଥିଲେ । ପରେ ରେଷ୍ଟସେଡ୍ ତଲାସି କରାଯାଇଥିଲା । ଚନ୍ଦନ ନିକଟରୁ ୨

### ■ ଲଙ୍କାଗୁଣ୍ଡ, ଛୁରୀ, ଲୁହା ରଡ୍, ୩ ମୋବାଇଲ ଓ ବାଇକ୍ ଜବତ

ପ୍ୟାକେଟ୍ ଲଙ୍କାଗୁଣ୍ଡ, ଗୋଟିଏ ଛୁରୀ, ୨ଟି ମୋବାଇଲ ଫୋନ୍ ଏବଂ ନମ୍ବର ପ୍ଲେଟ୍‌ବିହୀନ ଗୋଟିଏ ପଲସର ବାଇକ୍ ଜବତ ହୋଇଛି । ସେହିପରି ଅଲତାଫ ନିକଟରୁ ଗୋଟିଏ ଛୁରୀ, ଚାବି ଭାଙ୍ଗିବା ପାଇଁ ବ୍ୟବହୃତ ଲୁହା ରଡ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି । ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଥାନା ଅଞ୍ଚଳରେ ପୂର୍ବରୁ ଚୋରି, ଡକାୟତି ମାମଲାରେ ସମ୍ପୃକ୍ତ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏସ୍ଆଇ ମୀନକେତନ ପ୍ରଧାନଙ୍କୁ ତଦନ୍ତ ଭାର ଦିଆଯାଇଛି । ଫେରାର ୩ ଅଭିଯୁକ୍ତଙ୍କୁ ଧରିବା ଉଦ୍ୟମ କରାଯାଉଥିବା ବେଳେ ଜବତ ମୋବାଇଲ ଓ ବାଇକର ପ୍ରକୃତ ମାଲିକାନା ଏବଂ ପୂର୍ବ ଅପରାଧ ସମ୍ପର୍କରେ ପୁଲିସ ଖୋଳତାଡ଼ କରୁଛି ।

**ଜନସେବା କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣା**

# ମାଷ୍ଟରମାଇଣ୍ଡ ସହ ୫ ଗିରଫ

### କାର, ବନ୍ଧୁକ, ୧୨ ମୋବାଇଲ, ୬.୫୦ ଲକ୍ଷ ଟଙ୍କା ଜବତ

ଢେଙ୍କାନାଳ,୫ ।୧୦(ସମିସ)

ସଦରଥାନା ଅନ୍ତର୍ଗତ କଙ୍କଡ଼ାହାଡ଼ ଗ୍ରାମସ୍ଥିତ ଜନସେବା କେନ୍ଦ୍ରରୁ ବନ୍ଧୁକ ଦେଖାଇ ୬ଲକ୍ଷ ୫୦ ହଜାର ଟଙ୍କା ସହ ସୁନା ମୁଦି, ମୋବାଇଲ ଫୋନ୍ ଲୁଟ୍ ଘଟଣାରେ ପୁଲିସ ଏକ ପେସାଦାର ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ମୋଟଙ୍ଗା ଥାନା ହଳଦିଆବାହାଳ ଗ୍ରାମର ବିକାଶ ନାଏକ (୨୪), ମିଳନ ନାଏକ (୨୮), ପ୍ରଧାନସାହିର ବ୍ରିଜେଶ ପ୍ରଧାନ, ସଦରଥାନା କାଇମାଟି ହରେକୃଷ୍ଣପୁରର ଅମ୍ବିକା ଦାସ (୨୧), କଟକ ସଦରଥାନା ଓରାଳି ଗ୍ରାମର ଅମର ସିଂହ (୨୬) । ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୬ଟି ଗୁଳି, ୪ଟି ଖୋକା, ତିନିଟି ମାଗାଜିନ, ଦୁଇଟି କାତି, ଗୋଟିଏ ଟାଙ୍ଗିଆ, ଗୋଟିଏ ଛୁରୀ, ଗୋଟିଏ ବାଲେନୋ କାର୍, ଗୋଟିଏ ବାଇକ୍, ଗୋଟିଏ ସ୍କୁଟି, ଦୁଇଟି ମୁଖା, ହଳେ ଗ୍ଲୋଭସ, ଗୋଟିଏ ନମ୍ବର ପ୍ଲେଟ, ଲଙ୍କାଗୁଣ୍ଡ, ୧୨ଟି ମୋବାଇଲ ଫୋନ ଓ ୬ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି । ବିକାଶ ନାଏକ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି



ପୁଲିସ କହିଛି । ଅଭିଯୁକ୍ତମାନଙ୍କ ନାଁରେ ମୋଟଙ୍ଗା, ଟାଉନ, ବାଲିମୀ, ହିନ୍ଦୋଳ, ରାସୋଲ, ସଦର ଥାନା ସମେତ ଅନୁଗୋଳ, କଟକ, ଯାଜପୁର, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ସୋମବାର ଅପରାହ୍ନରେ ଏସପି ଆଜିଙ୍କ୍ୟ ବାବୁରାଓ ମାଣେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି ।

ଗତ ୨୮ ତାରିଖ ଅପରାହ୍ନ ପ୍ରାୟ ୧ଟା ୫୦ରେ କଙ୍କଡ଼ାହାଡ଼ ଗ୍ରାମର ସଞ୍ଜୀବ ବେହେରା ନିଜ ଜନସେବା କେନ୍ଦ୍ର ବନ୍ଦ କରିବାକୁ ଯାଉଥିବା ବେଳେ ବାଇକ୍‌ରେ ତିନି ଜଣ ଅଜଣା ଦୁର୍ବୃତ୍ତ ସେଠାରେ ପହଞ୍ଚି ବନ୍ଧୁକ ଦେଖାଇ ତାଙ୍କୁ କାବୁ କରିନେଇଥିଲେ । ଦୁର୍ବୃତ୍ତମାନେ ଟଙ୍କା ସହ ଏକ ସୁନା ମୁଦି, ମୋବାଇଲ ଫୋନ ଲୁଟ୍ କରି ଫେରାର ହୋଇଯାଇଥିଲେ । ଦୋକାନ ଭିତରେ ସଞ୍ଜୀବ ଥିବାବେଳେ ଦୁର୍ବୃତ୍ତମାନେ ବାହାରୁ ସଟର ବନ୍ଦ କରି ପଳାଇଥିଲେ । ଦୀର୍ଘ ସମୟ ପରେ ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଏ ନେଇ ସଞ୍ଜୀବ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ ସେଠାରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ଘଟଣାର ତଦନ୍ତ ଜାରି ରଖିଥିଲା । ସଦର ଥାନା ଆଇଆଇସି ପ୍ରିୟବ୍ରତ ଦାସ, ଟାଉନଥାନା ଅଧିକାରୀ ଧୀରେନ କୁମାର ବେହେରା, ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା, ଟାଉନ ଥାନା ଏସଆଇ ଶକ୍ତିପ୍ରସାଦ ସାହୁ, ପ୍ରତାପ କୁମାର ସାହୁ, ଏଏସଆଇ ସଞ୍ଜୟ କୁମାର ଦେହୁରୀଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା । କର୍ମଚାରୀମାନେ ଦିନରାତି ପରିଶ୍ରମ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିବାରୁ ଏସ୍‌ପି ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ବୀର ବାଜି ରାଉତଙ୍କ ଜୟନ୍ତୀ ପାଳିତ







**ଢେଙ୍କାନାଳ,୫ ।୧୦(ସମିସ):** ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସହିଦ ବୀର ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନର ଗୋଶାଳା ସଭାପତି ବାଦଲ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ବାଜିଚୌକସ୍ଥିତ ସହିଦ ମିନାରଠାରେ ବୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କ ଅମର ଗାଥା ଗାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ସାମ୍ବାଦିକ ସଦାଶିବ ମହାପାତ୍ର, ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଅଶୋକ କୁମାର ମହାପାତ୍ର, ବାସୁଦେବ ସାହୁ, ସୁଧାଂଶୁ ଦାସ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

**ଢେଙ୍କାନାଳ:** ସ୍ଥାନୀୟ ଆମ୍ ଆଦମୀ ପାର୍ଟି ପକ୍ଷରୁ ସହିଦ ବାଜି ରାଉତଙ୍କ ଜୟନ୍ତୀ ପାଳନ କରାଯାଇଛି । କର୍ମକର୍ତ୍ତାମାନେ ବାଜିଚୌକସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଧୂପଦାନ କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ବାଜି ରାଉତଙ୍କ ବୀରତ୍ୱର କାହାଣୀ ବର୍ଣ୍ଣନା କରିଥିଲେ । ଯେଉଁ ସ୍ୱାଧୀନତା ଓ ଗଣତନ୍ତ୍ର ପାଇଁ ଜଣେ ୧୨ ବର୍ଷର ଶିଶୁ ନିଜ ଜୀବନ ଉତ୍ସର୍ଗ କରିଥିଲେ, ସେହି ଗଣତନ୍ତ୍ରର ମୂଲ୍ୟବୋଧକୁ ଆମେ ଆଜି କେତେ ଦୂର ସୁରକ୍ଷିତ ରଖିପାରିଛୁ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପଙ୍କଜ ନାୟକ, ଉପସଭାପତି ପ୍ରସନ୍ନ ବରାଳ, ସଭ୍ୟ ଜୟଦେବ ବେହେରା, ଜୟନ୍ତ ଦାସ, ବିନୀ ଦେହୁରୀ, ରୁନୁ ଖିଲାର, ସୀତା ପଧାନ ପ୍ରମୁଖ ଯୋଗଦେଇଥିଲେ ।

**ଭୁବନ:** ଢେଙ୍କାନାଳ ଜିଲ୍ଲାର ଐତିହାସିକ ପ୍ରଜାମଣ୍ଡଳ ଆନ୍ଦୋଳନରେ ବଳିଦାନ ଦେଇଥିବା ୧୨ ବର୍ଷର ବାଳକ ବୀର ବାଜି ରାଉତଙ୍କର ୧୦୧ତମ ଜୟନ୍ତୀ ପାଳିତ ହୋଇଛି । ଭୁବନ ନୀଳକଣ୍ଠପୁରସ୍ଥିତ ସହିଦଙ୍କ ସ୍ମୃତିପୀଠରେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ ମହାନ୍ତି ଓ ଭୁବନ ବିଡିଓ ଆୟୁଷୀ ମହାପାତ୍ରଙ୍କ ସମେତ ସ୍ମୃତିପୀଠ ସଭାପତି କୋଦଣ୍ଡଧର ସାହୁ ଏବଂ ଅଞ୍ଚଳବାସୀ ଉପସ୍ଥିତ ରହି ବୀର ସହିଦଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜ୍ୟ ସରକାର ଖୁବଶୀଘ୍ର ଏହି ସ୍ମୃତିପୀଠର ଉନ୍ନତୀକରଣ କରିବା ପାଇଁ ଯୋଜନା ଆରମ୍ଭ କରିଥିବା ଉପଜିଲ୍ଲାପାଳ ପ୍ରକାଶ କରିଥିଲେ ।

**● ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା**

# ଅଂଶଗ୍ରହଣ କରିବେ ଢେଙ୍କାନାଳର ୪ଜଣ



**ଢେଙ୍କାନାଳ,୫ ।୧୦(ସମିସ):** ପୁରୀ ଜିଲ୍ଲା ଶାହା କଲେଜରେ ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବାଳକ ଓ ବାଳିକା କୁସ୍ତି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲ୍ଲାରୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବ ପାଇଁ ଗସ୍ତ କରିଛନ୍ତି । ସେମାନେ ହେଲେ ସାନ୍ଧ୍ୟ ମହାବିଦ୍ୟାଳୟର ଶୁଭମ୍ ମହାଭୋଇ, ମାମା ନୟକ ଓ ପ୍ରଜ୍ଞା ପ୍ରିୟଦର୍ଶନୀ ନାୟକ ଏବଂ ପାରିମାଳ ମହାବିଦ୍ୟାଳୟର ରଞ୍ଜିତ୍ କୁମାର ନାୟକ । ସମସ୍ତ ପ୍ରତିଯୋଗୀ ସଦର ବ୍ଲକ୍ ଅନ୍ତର୍ଗତ ନାଠୁଆ ଉଚ୍ଚ ବିଦ୍ୟାଳୟର କୋଚ୍ ଆର୍ଯ୍ୟ ପଟ୍ଟନାୟକଠାରୁ କୁସ୍ତି ଶିକ୍ଷାଲାଭ କରିଛନ୍ତି ।

**● ଶିକ୍ଷକ ବଦଳିକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ**

# ଷଡ଼ଙ୍ଗୀ ହାଇସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ

**ଗଁଦିଆ,୫ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ବିଦ୍ୟାଳୟର ଗଣିତ ଶିକ୍ଷକ ଶ୍ରୀନିବାସ ସାହୁ ଓ ଖେଳ ଶିକ୍ଷକ ମାନସ କୁମାର ସ୍ୱାଇଁଙ୍କୁ ବ୍ଲକ ବାହାରକୁ ଡେପୁଟେସନରେ ପଠାଇବା ପାଇଁ ପ୍ରାୟ ସାତଦିନ ପୂର୍ବରୁ ନିର୍ଦ୍ଦେଶ ଆସିଥିଲା । ତେବେ ଏହି ଦୁଇ ଶିକ୍ଷକ ରିଲିଭ ହୋଇ ନ ଥିଲେ । ଆଜି ଉଭୟଙ୍କୁ ରିଲିଭ କରାଯିବା ପରେ ଛାତ୍ରଛାତ୍ରୀମାନେ ଏହାର ପ୍ରତିବାଦ କରି ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଉଭୟ ଶିକ୍ଷକ ଦୀର୍ଘଦିନ ଧରି ବିଦ୍ୟାଳୟରେ ନିଷ୍ଠାର ସହ ପାଠ ପଢ଼ାଇ ଆସୁଥିଲେ । ବିଶେଷକରି ଗଣିତ ଶିକ୍ଷକଙ୍କ ବଦଳି ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି । ଦୁଇ ଶିକ୍ଷକଙ୍କ ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ, ଧାରଣା ସମୟରେ ଦୀର୍ଘ ସମୟ ଧରି ପ୍ରବଳ ଖରାରେ ଛାତ୍ରଛାତ୍ରୀମାନେ ବସି ରହିଥିଲେ । ଏହି ସମୟରେ ଦୁଇ ଛାତ୍ରୀ ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ । ସେମାନଙ୍କୁ ୧୦୮



ସଂଜ୍ଞାହୀନ ହୋଇ ପଡ଼ିଲେ ୨ ଛାତ୍ରୀ

ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ମେଡିକାଲ ପଠାଯାଇଥିଲା ।

ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଶିକ୍ଷା ବିଭାଗର କୌଣସି ଉଚ୍ଚ ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା । ୧୯୭୪ ମସିହାରେ ପ୍ରତିଷ୍ଠିତ ଏହି ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ମୋଟ ୨୦୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ମୋଟ ୯ ଶିକ୍ଷକ ରହିଛନ୍ତି । ସେଥିମଧ୍ୟରୁ ଦୁଇଜଣଙ୍କୁ ବଦଳି କରାଯିବାକୁ ନେଇ ଛାତ୍ରଛାତ୍ରୀ ଏହି ପ୍ରତିବାଦ କରିଛନ୍ତି । ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ଏବଂ ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି କିଛି ଅଭିଭାବକ କହିଛନ୍ତି ।

# ଜିଲ୍ଲାପାଳଙ୍କୁ ପୂର୍ବତନ ସାଂସଦଙ୍କ ଦାବିପତ୍ର

**ଢେଙ୍କାନାଳ,୫ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସମସ୍ୟା ପ୍ରତି ଯତ୍ନବାନ ହୋଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବତନ ସାଂସଦ ମହେଶ ସାହୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ରରେ ୧୧ଟି ସମସ୍ୟା ଯଥା-ଏମ୍ଏମ୍‌ଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର ପାଇଁ ସରକାରଙ୍କୁ ସୁପାରିସ, ଜାତୀୟ ରାଜପଥ ମରାମତି ଓ ନିର୍ମାଣ ସହ ଅଞ୍ଚଳକୁ ଜଳମଗ୍ନରୁ ରକ୍ଷା ସହ ନିର୍ମାଣ ଶେଷ ନ ହେବା ଯାଏ ଟୋଲ୍ ଟିକସ ଆଦାୟ ବନ୍ଦ, ହାତୀ ଦାଉରୁ ରକ୍ଷା ପାଇବା ପାଇଁ



ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ, ଭାରୀଯାନ ଚଳାଚଳକୁ ସୁନିୟନ୍ତ୍ରିତ କରିବା, ଦୁର୍ଘଟଣାରେ ମୃତ୍ୟୁ ହେଲେ ୫୦ଲକ୍ଷ ଓ ଗାଇଗୋରୁଙ୍କ ମୃତ୍ୟୁ ପାଇଁ ପାଶ୍ୱର୍ ମନ୍ଦିରକୁ ୫ଲକ୍ଷ ଟଙ୍କା ପ୍ରଦାନ, ଏମ୍‌ଜିଏମ ସମେତ ଅନ୍ୟାନ୍ୟ କଳକାରଖାନାରେ ଦୋଷ ନ ଥାଇ କାର୍ଯ୍ୟରୁ ବାହାର କରିବାର ତଦନ୍ତ, ବେଆଇନ କ୍ରସର ବିରୋଧରେ କାର୍ଯ୍ୟାନୁଷ୍ଠାନ, କଳକାରଖାନାମାନେ କରୁଥିବା ସିଏସ୍ଆର୍ କାର୍ଯ୍ୟ ସାର୍ବଜନୀନ କରିବା, କଳକାରଖାନାରେ ଶ୍ରମିକ ମୃତ ସମ୍ପର୍କରେ ତଦନ୍ତ, ଦୁର୍ଘଟଣା ସମ୍ପର୍କରେ ଏହାର କାରଣକୁ ନେଇ ଆରଟିଓ ସମ୍ପୃକ୍ତ ବିଭାଗ ନାମରେ ଏତଲା, ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣା ଓ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ନିରାକରଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ନ ହେଲେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସାଂସଦ ସାହୁ ଚେତାବନୀ ଦେଇଛନ୍ତି ।

# ବୃଦ୍ଧବୃଦ୍ଧାଙ୍କ ୭ ମାସର ଭତ୍ତା ବନ୍ଦ

### ■ ଜିଲ୍ଲାପାଳଙ୍କୁ ଭେଟିଲେ ତାଳବରକୋଟର ହିତାଧିକାରୀ

**ଢେଙ୍କାନାଳ,୫ ।୧୦(ସମିସ):** ସଦର ବ୍ଲକ୍ ତାଳବରକୋଟ ପଞ୍ଚାୟତର ବୃଦ୍ଧବୃଦ୍ଧାମାନେ ୭ମାସ ଧରି ଭତ୍ତା ପାଇ ନ ଥିବାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଭତ୍ତା ପାଇ ବୃଦ୍ଧବୃଦ୍ଧାମାନେ ପେଟ ପୋଷିଥାନ୍ତି । ମାତ୍ର ଗତ ୭ ମାସ ହେବ ବ୍ୟାଙ୍କରୁ ଆରମ୍ଭ କରି ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ଭତ୍ତା ମିଳୁନାହିଁ । ଫଳରେ ସେମାନେ ଭୋକ ଉପାସରେ ଦିନ କାଟୁଛନ୍ତି । ତୁରନ୍ତ ସେମାନଙ୍କୁ ବକେୟା ଭତ୍ତା ପ୍ରଦାନ କରିବା ପୂର୍ବଭଳି ମାସକୁ ମାସ ଧାର୍ଯ୍ୟ ତାରିଖରେ ଭତ୍ତା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

# ଅଙ୍ଗନବାଡ଼ି କର୍ମୀଙ୍କ ବଦଳିକୁ ନେଇ ଅସନ୍ତୋଷ

**ଢେଙ୍କାନାଳ,୫ ।୧୦(ସମିସ):** ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ରତ୍ନପୁର ଗ୍ରାମବାସୀମାନେ ଅଙ୍ଗନବାଡି କର୍ମୀଙ୍କୁ ବଦଳୀ କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ରତ୍ନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ମଲ୍ଲିକା ସାହୁ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ବହୁତ ଅସୁବିଧାରେ ପକାଉଛନ୍ତି । ଠିକ୍ ସମୟରେ ଖାଇବା ନ ଦେବା, କ୍ଲାସ୍ ନକରିବା ଏବଂ ଅଙ୍ଗନବାଡିକୁ ଠିକ୍ ସମୟରେ ଆସୁନଥିବା, ଚାଉଳ ଓ ଅଣ୍ଡା ଏବଂ କୋଶରୀ ବାଳିକାଙ୍କ ପାଇଁ ଆସୁଥିବା ବିଭିନ୍ନ ଖାଦ୍ୟ ବାଳିକା ପିଲାମାନଙ୍କୁ ନ ଦେଇ ସବୁ ବିକ୍ରି କରୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନେକ ସମୟରେ ବୈଠକ ଅଛି ବୋଲି କହି ଛୁଟି ନେଇ କେନ୍ଦ୍ରକୁ ଆସନ୍ତି ନାହିଁ । ଗ୍ରାମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଉକ୍ତ ସମସ୍ୟା ବିଷୟରେ ପଚାରିବାରୁ ଦିଦି ଏହାକୁ ଅଣଦେଖା କରିଥିଲେ । ଗ୍ରାମବାସୀମାନେ ଏକ ସଭା କରି ଦିଦିଙ୍କୁ ଡକାଇ ଖାତା ଯାଞ୍ଚ କରିବାରୁ ଦେଖିବାକୁ ପାଇଥିଲେ ଯେ, ପିଲାମାନେ ଅନୁପସ୍ଥିତ ଥିଲେ ମଧ୍ୟ ଉପସ୍ଥାନ ପକାଯାଇଅଛି । ଏହି ବିଷୟରେ ସିଡିପିଓଙ୍କୁ ଜଣାଇବାରେ ସିଡିପିଓ ଉକ୍ତ ପାଖ ଗ୍ରାମ ତେନ୍ତୁଳିପାଟଣା କ ର ଦିଦିଙ୍କୁ ଚାର୍ଜ ଦେଇଥିଲେ । ଏହାପରେ ମଲ୍ଲିକା ଦେଇ କୋର୍ଟ ପେପର ଧରି ପୁନର୍ବାର ଚାର୍ଜ ନେଇଥିଲେ । ମଲ୍ଲିକା ଦେଇ ଯଦି ଆସି ଏହି ଅଙ୍ଗନବାଡି କେନ୍ଦ୍ରରେ ଚାର୍ଜ ନିଅନ୍ତି ତେବେ ଅଭିଭାବକମାନେ ପିଲାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଓ କିଶୋରୀ ବାଳିକାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ, ଯାତାୟତ ବାଧାପ୍ରାପ୍ତ

**୩ ବର୍ଷ ହେଲା ସମସ୍ୟାର ସମାଧାନ ହେଉନାହିଁ** | **ବିଦ୍ୟୁତ ସୌନ୍ଦର୍ଯ୍ୟକରଣ ନାଁରେ ରାସ୍ତା ସଙ୍କୁଚିତ**

ଭୁବନ,୫ ।୧୦(ସମିସ)

ଭୁବନ ଏନ୍ଏସି ଅନ୍ତର୍ଗତ ନୀଳମାଧବ ପେଟ୍ରୋଲ ଟାଙ୍କିଠାରୁ କାଳୀବଜାର ଦେଇ ନୂଆ ଭୁବନ କୋର୍ଟ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ କାର୍ଯ୍ୟ ଦୀର୍ଘ ପ୍ରାୟ ୩ ବର୍ଷ ହେଲା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାରୁ ଯାତାୟାତରେ ଘୋର ବାଧା ଉପୁଜିଛି । ଏଠାରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଲାବ୍ ପଡ଼ିନାହିଁ । ଫଳରେ ଡ୍ରେନ ଗୁଡ଼ିକ ମୁକୁଳା ହୋଇ ରହିଛି ।





ଏପରିକି ଖୋଲା ଡ୍ରେନରେ ଗୋରୁ ପଡ଼ିଯିବା ଭଳି ଘଟଣା ମଧ୍ୟ ଘଟିଛି । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଗୋରୁକୁ ଉଦ୍ଧାର କରିଥିଲେ । ଏଭଳି ଘଟଣା ପରେ ମଧ୍ୟ ପ୍ରଶାସନର ଚେତା ପଶିନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି । ଅନେକ ସ୍ଥାନରେ ମନଇଚ୍ଛା ଡ୍ରେନ ନିର୍ମାଣ ହୋଇଥିବାରୁ ଏହା ଅଙ୍କାବଙ୍କା ଏବଂ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି । ଫଳରେ କେତେକ ସ୍ଥାନୀୟ ବାସିନ୍ଦା ଡ୍ରେନ ଭାଙ୍ଗି ନିଜ ଘର ଓ ଦୋକାନ ସମ୍ମୁଖରେ ଜାଗା କରିନେଇଛନ୍ତି । ଏପଟେ ବହୁ ଦୋକାନୀ ମଧ୍ୟ ରାସ୍ତାକୁ ମାଡ଼ି ବସିଥିବାରୁ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଏହାରି ମଧ୍ୟରେ ବିଦ୍ୟୁତ ସୌନ୍ଦର୍ଯ୍ୟକରଣ ନାଁରେ ନୂଆ ଇଲେଭେନ୍ କେଭି ଖୁଣ୍ଟ ବସାଯାଉଥିବାରୁ ରାସ୍ତାର ଅବସ୍ଥା ଆହୁରି ଜଟିଳ ହୋଇଛି । କାଳୀବଜାରଠାରୁ ବିଦ୍ୟୁତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ପୁରୁଣା ଇଲେଭେନ୍ କେଭି ଖୁଣ୍ଟଗୁଡ଼ିକୁ ହଟାଯାଇନଥିବାରୁ ସେଗୁଡ଼ିକ ଏବେ ମଧ୍ୟ ରାସ୍ତା କଡ଼ରେ ରହିଛି ।

ଅନ୍ୟପକ୍ଷରେ ବିଦ୍ୟୁତ କାର୍ଯ୍ୟାଳୟଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ନୂଆ ଇଲେଭେନ୍ କେଭି ଖୁଣ୍ଟ ବସିଥିଲେ ମଧ୍ୟ ଏଥିରେ ତାର ସଂଯୋଗ ହୋଇ ନ ଥିବାରୁ ତାହା ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ଏଭଳି ଭାବେ ଗୋଟିଏ ପଟେ ଅଧପନ୍ତରିଆ ଡ୍ରେନ, ଅନ୍ୟପଟେ ରାସ୍ତା ଜବରଦଖଲ ଓ ବିଦ୍ୟୁତ ଖୁଣ୍ଟର ଅବ୍ୟବସ୍ଥିତ ଯୋଗୁ ଯାତାୟତରେ ଘୋର ବାଧା ଉପୁଜିଛି ।

# ଦୁଇଦଫା ଦାବି ନେଇ ଶ୍ରମିକଙ୍କ ଆମରଣ ଅନଶନ



**ଓଡ଼ାପଡ଼ା,୫ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅଧିନସ୍ଥ ଟାଟାଷ୍ଟିଲ ମେରାମଣ୍ଡଳୀର ଶତାଧିକ କର୍ମଚାରୀ ସୋମବାର ପୂର୍ବାହ୍ଣରେ ମୁଖ୍ୟ ଫାଟକ ନିକଟରେ ସେମାନଙ୍କର ବହୁଦିନରୁ ଦାବି ହୋଇଆସୁଥିବା ଦୁଇଦଫା ଦାବି ତଥା କର୍ମଚାରୀଙ୍କର ଦୈନିକ ମଜୁରୀ ପୁନର୍ନିର୍ଦ୍ଧାରଣ କରିବା ଓ କମ୍ପାନୀରେ ବର୍ତ୍ତମାନ ଚାଲୁଥିବା ବାର୍ଷିକ ଦରମା ବୃଦ୍ଧିରେ ତାରତମ୍ୟ ନରଖି ସମାନ କାମକୁ ସମାନ ଦରମା ନୀତିରେ ମଜୁରୀ ନିର୍ଦ୍ଧାରଣ କରିବାକୁ ବିଚାର କରାଯିବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି । ଟାଟାଷ୍ଟିଲ ଶ୍ରମିକ ସଭା ନାମକ ଏକ ଶ୍ରମିକ ୟୁନିଅନ ଆନୁକୂଲ୍ୟରେ କମ୍ପାନୀର ଅଧୀରଥ ନାଏକ, କମଳ କୁମାର, ରାଜେଶ ଗୋଚର, ଆନନ୍ଦ ଚନ୍ଦ୍ର ପ୍ରଧାନ, ହରେକୃଷ୍ଣ ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ଏଥି ନିମନ୍ତେ ପୂର୍ବରୁ କାରଖାନାର ଉଚ୍ଚ ଅଧିକାରୀଙ୍କ ସମେତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ପ୍ରଶାସନ ସହ ସମସ୍ତଙ୍କୁ ଲିଖିତ ଭାବେ ସଂଘ ପକ୍ଷରୁ ଜଣା ଯାଇଥିଲା । କମ୍ପାନୀ ପକ୍ଷରୁ ମୁଖ୍ୟ ଫାଟକଠାରେ ଧାରା ୧୬୩ ବଳବତ୍ତର ଅଛି । ଆଲୋଚନାକୁ କେହି ଏ ପର୍ଯ୍ୟନ୍ତ ଆସି ନ ଥିବା ସାଧାରଣ ସମ୍ପାଦକ ପବିତ୍ର ବିଶ୍ୱାଳ ଜଣାଇଛନ୍ତି ।

# ୫.୫୯ କୋଟିର ଇନଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର ଅଧପନ୍ତରିଆ

ମହାକାଳପଡ଼ା, ୫।୧୦(ସମିସ):

ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ଅନ୍ତର୍ଗତ ନଳନ୍ଦିଆ ପାଳନ୍ଦାଠାରେ ମହାନଦୀ ଓ ପାଇକା ନଦୀ ଉପରେ ନିର୍ମାଣାଧୀନ ଇନଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର (ଆଇଏସ୍ଏସ୍) ପ୍ରକଳ୍ପର ଧିମା ଗତିକୁ ନେଇ ସ୍ୱର ଉଠାଇଛନ୍ତି ମହାକାଳପଡ଼ାର ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ନିର୍ଦ୍ଧାରିତ ସମୟସୀମା ସରିଯାଇଥିଲେ ମଧ୍ୟ ପ୍ରକଳ୍ପର କାମ ମାତ୍ର ପ୍ରାୟ ୨୦ ପ୍ରତିଶତରେ ସୀମିତ ରହିବା ଘଟଣାକୁ ନେଇ ସେ ଠିକା ସଂସ୍ଥା ସହ ବିଭାଗୀୟ ତଦାରଖ ବ୍ୟବସ୍ଥାକୁ ମଧ୍ୟ ପ୍ରଶ୍ନ କରିବା ସହିତ ମହାକାଳପଡ଼ା ବିଧାୟକଙ୍କୁ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଅଞ୍ଚଳବାସୀଙ୍କ ଜଳ ସମସ୍ୟା ସମାଧାନ, ବନ୍ୟା ନିୟନ୍ତ୍ରଣ ଓ ମରୁଡ଼ି ଆଶଙ୍କା ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଏଭଳି ଏକ ବୃହତ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ସମୟସୀମା ଶେଷ ପରେ ମଧ୍ୟ ଏହାର କାର୍ଯ୍ୟ ଆଶାନୁରୂପ ଆଗେଇ ନ ଯିବା ଚିନ୍ତାଜନକ। କାର୍ଯ୍ୟଭାର ନେଇଥିବା ସଂସ୍ଥାର ବେପରୁଆ ମନୋଭାବ ସହ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ଅବହେଳା ରହିଛି କି ନାହିଁ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସୂଚନା ମୁତାବକ, ପ୍ରକଳ୍ପର ଆନୁମାନିକ ମୂଲ୍ୟ ୫୫୯.୬୧ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୫.୫୯ କୋଟି ଟଙ୍କା ରହିଛି। ଏଥିରେ ୩୮ ପ୍ରତିଶତ କମ୍ ଦରରେ ୩୪୮.୦୯ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୩.୪୮ କୋଟି ଟଙ୍କାରେ ଚୁକ୍ତି ହୋଇଥିଲା। ୨୦୨୩ ଜାନୁଆରୀ ୧୮ରୁ ୨୦୨୬ ଜାନୁଆରୀ ୧୭ ତାରିଖ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟସୀମା ଶେଷ ହେବା ସହ ପ୍ରଥମ ଇଓଟି ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି। ତଥାପି କାମର ଅଗ୍ରଗତି ପ୍ରାୟ ୨୦ ପ୍ରତିଶତରେ ଅଟକି ରହିଛି। ପ୍ରକଳ୍ପ ଅଧୀନରେ ମହାନଦୀ ଉପରେ ୯୮ ମିଟର ଓ ପାଇକା ନଦୀ ଉପରେ ୨୯୮ ମିଟର ଷ୍ଟ୍ରକ୍ଚର ନିର୍ମାଣ ସହ ପ୍ରାୟ ୧୧ କିଲୋମିଟର ରାସ୍ତା ନିର୍ମାଣର ବ୍ୟବସ୍ଥା ରହିଛି। ପ୍ରକଳ୍ପଟି ପାଟୁଳିପଙ୍କ, ଖୁରୁସିଆ, ଅମେଇପାଳ ଓ ତିଖିରି ପଞ୍ଚାୟତ ଅଞ୍ଚଳକୁ ଆବର୍ତ୍ତ କରୁଛି। ଜଳସମ୍ପଦ ବିଭାଗର କେନ୍ଦ୍ରାପଡ଼ା ଡିଭିଜନ ଅଧୀନରେ ଏହାର କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ପାଇଁ ମୂଳ କାର୍ଯ୍ୟାଦେଶ ବିଜେତା ପ୍ରୋଜେକ୍ଟ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍କୁ ମିଳିଥିବାବେଳେ କାମ ରାଧେଶ୍ୟାମ ଅଗ୍ରୱାଲ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍କୁ ସବ୍ଲେଟ୍ ଦିଆଯାଇଛି। ତେବେ ପ୍ରକଳ୍ପର ଏଭଳି ଧିମା ଗତି ପାଇଁ ଦାୟୀ କିଏ ଓ ସମୟସୀମା ଶେଷ ପରେ ମଧ୍ୟ କାମ କାହିଁକି ଆଗେଇ ପାରିନାହିଁ, ତାହାର ସ୍ପଷ୍ଟ ଉତ୍ତର ମିଳିବା ଆବଶ୍ୟକ ବୋଲି ଡଃ ପରିଡ଼ା କହିଛନ୍ତି। କେବଳ ସମୟ ବଢ଼ାଇ ଦେଲେ ସମସ୍ୟାର ସମାଧାନ ହେବ ନାହିଁ; କାମର ଗୁଣବତ୍ତା, ଅଗ୍ରଗତି ଓ ଠିକା ସଂସ୍ଥାର କାର୍ଯ୍ୟଦକ୍ଷତାର ସମୀକ୍ଷା ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଏଥିସହ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ପ୍ରକଳ୍ପର ସ୍ଥିତି ନେଇ ତୁରନ୍ତ ସମୀକ୍ଷା କରିବା ସହ ଅଧପନ୍ତରିଆ କାର୍ଯ୍ୟକୁ ଗତି ଦେବା, ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଶୀଘ୍ର କାମ ଶେଷ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।



- ସମୟସୀମା ଶେଷ ପରେ ମାତ୍ର ୨୦ ପ୍ରତିଶତ କାମ ହୋଇଛି
- ଠିକା ସଂସ୍ଥା ଓ ବିଭାଗୀୟ ତଦାରଖ ଉପରେ ବର୍ଷିଲେ ସୌଭାଗ୍ୟ

## ରାଜ୍ୟସ୍ତରକୁ ଛାତ୍ରୀ ମନୋନୀତ



ବାଲିକୁଦା, ୫।୧୦(ସମିସ): ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଚମତ୍କାର ସଫଳତା ହାସଲ କରି ବାଲିକୁଦା ବ୍ଲକ ପାଇଁ ଗୌରବ ଆଣିଛନ୍ତି ଇଛାପୁର ପଞ୍ଚାୟତ ପରାହାଟସ୍ଥିତ ଗାଦୀବ୍ରହ୍ମ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ଥିତିପ୍ରଜ୍ଞା ଦାସ। ସେ ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜଗତସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ୧୦୦ ମିଟର ଦୌଡ଼ ଓ ଲମ୍ବଡିଆଁ ପ୍ରତିଯୋଗିତାରେ ସ୍ଥିତିପ୍ରଜ୍ଞା ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଆଜିଠାରୁ କେନ୍ଦୁଝରରେ ତିନିଦିନ ଧରି ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେ ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି। ସ୍ଥିତି ପ୍ରଜ୍ଞାଙ୍କ ଏହି ସଫଳତାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚେତା ରାଉତରାୟ, କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତାଶ୍ରୀ ପାଣିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଉଦୟବଟ ବାସିନ୍ଦାଙ୍କ ପାଇଁ ନାହିଁ ଶ୍ମଶାନ

ପାରାଦୀପ, ୫।୧୦(ସମିସ): ପୌରାଞ୍ଚଳ ଅଧୀନ ୪ ନମ୍ବର ୱାର୍ଡ ଉଦୟବଟ ବାସିନ୍ଦାଙ୍କ ପାଇଁ ନାହିଁ ସ୍ମଶାନ ଓ ଖେଳ ପଡିଆ। ଯାହାକୁ ନେଇ ୱାର୍ଡର ଶତାଧିକ ଲୋକ ପାରାଦୀପ ଏଡିଏମଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବସ୍ତିବାସିନ୍ଦାଙ୍କ ଶ୍ମଶାନ ଜମିକୁ ବନ୍ଦର ପ୍ରଶାସନ ଜବରଦସ୍ତ ତାରବାଡ ଘେରାଇଛି, ଯାହାକୁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ ୧୯୮୮ ମସିହାରେ ପାରାଦୀପ ବନ୍ଦରର ବିକାଶମୂଳକ କାର୍ଯ୍ୟ ପାଇଁ ପାରାଦୀପର ଏକାଧିକ ବସ୍ତିବାସିନ୍ଦାଙ୍କୁ ଉଦୟବଟକୁ ସ୍ଥାୟୀ ଭାବରେ ବିସ୍ଥାପନ କରାଯାଇଥିଲା। ତେବେ ସେଠାରେ ଘର ପାଇଥିବା ଲୋକ କିଛି ବର୍ଷ ହଇରାଣ ହୋଇଥିଲେ ମଧ୍ୟ ଧୀରେ ଧୀରେ ଚଳାଚଳ ସ୍ୱାଭାବିକ ହୋଇଥିଲା। କିଛିଦିନ ତଳେ ପାରାଦୀପ ବନ୍ଦର ତରଫରୁ ଉଦୟବଟ ବସ୍ତି ବାସିନ୍ଦାଙ୍କ ପାଇଁ ରହିଥିବା ଶ୍ମଶାନ ଜମିକୁ ତ୍ରିବେଣୀ ନାମକ କମ୍ପାନୀକୁ ହସ୍ତାନ୍ତର କରିବା ପରେ କମ୍ପାନୀ ତାରବାଡ ବୁଲାଇ ଉକ୍ତ ଜମିକୁ ନିଜ ଅକ୍ତିଆରକୁ ନେଇଥିଲା। ଗତକାଲି ବସ୍ତିର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଶବଦାହ କରିବା ପାଇଁ ଉକ୍ତ ଶ୍ମଶାନ ଜମିକୁ ଯାଇ କମ୍ପାନୀ ତାରବାଡ କାଟିବାକୁ ନେଇ ବନ୍ଦର ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଆଜି ବସ୍ତିବାସିନ୍ଦା ଏକତ୍ରିତ ଭାବରେ ଶୋଭାଯାତ୍ରା କାରି ଏଡିଏମ୍ଙ୍କ ସହିତ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ଆମକୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ତେବେ ବାଧହୋଇ ବସ୍ତିବାସିନ୍ଦାମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## କଳିଙ୍ଗ ମହିଳା ଶକ୍ତିର ନିଶାମୁକ୍ତି ଅଭିଯାନ




ପାରାଦୀପ, ୫।୧୦(ସମିସ): ନିଶା ଉଜାଡି ଦେଉଛି ସମାଜ। ପରିବାରଠାରୁ ଆରମ୍ଭ କରି ସମାଜରେ ବିଶୃଙ୍ଖଳାର ପ୍ରମୁଖ କାରଣ ପାଲଟିଛି ନିଶା ସେବନ। ନିଶାକୁ କିଭଳି ସମାଜରୁ ଦୂରେଇବା ଓ ସୁସ୍ଥ ସମାଜ ଗଠନ କରିବା ଏ ନେଇ ଏକ ନିଆରା ପ୍ରୟାସ ଆରମ୍ଭ କରିଛି କଳିଙ୍ଗ ମହିଳା ଶକ୍ତି। ଗାନ୍ଧୀ ଜୟନ୍ତୀ ଠାରୁ ସାତଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ଅବସରରେ ପାରାଦୀପ ଅଠରବାଙ୍କୀ ଠାରେ ରହିଥିବା ଅମ୍ବିକା ସ୍କୁଲ ପିଲାମାନଙ୍କ ମଧ୍ୟରେ ଆମ ପରିବେଶକୁ କିପରି ସ୍ୱଚ୍ଛ ରଖିବା, ଆଜିକାଲି ବିଗୁଡୁଥିବା ପ୍ରଦୂଷଣରୁ ଆମେ କିପରି ରକ୍ଷା ପାଇପାରିବା ଏ ନେଇ ଏକ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରିବା ସହିତ ପାରାଦୀପରୁ ନିଶାମୁକ୍ତ ଆନ୍ଦୋଳନ କରି ଆମ ଅଞ୍ଚଳ ଓ ରାଜ୍ୟ ସହିତ ଦେଶରେ କିପରି ଆମ ଆନ୍ଦୋଳନକୁ ତ୍ୱରାନ୍ୱିତ୍ର କରିବା ଏ ନେଇ କଳିଙ୍ଗ ମହିଳା ଶକ୍ତିର ସଦସ୍ୟ ଓ ଅମ୍ବିକା ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅଠରବାଙ୍କୀ ଠାରେ ଏକ ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ଶୋଭାଯାତ୍ରା ମାଧ୍ୟମ ରେ ଜନସାଧାରଣ ଙ୍କୁ ସଚେତନ କରାଯାଇଥିଲା। ଏଥିରେ ରାଜ୍ୟ ନିଶାମୁକ୍ତ ଆନ୍ଦୋଳନର ମୁଖ୍ୟ ବାବୁରାମ ଚୌଧୁରୀ, ପୌର ଉପାଧକ୍ଷା ଛବିଳତା ରାଉତଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ମନୋରମା ଖଟୁଆଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଡେରାବିଶ ହାଇସ୍କୁଲର ପ୍ଲାଟିନମ ଜୁବଲି ଉତ୍ସବ ପ୍ରସ୍ତୁତି ବୈଠକ



ଡେରାବିଶ, ୫।୧୦(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲ ୭୫ ବର୍ଷ ପୂରଣ କରିସାରିଛି। ଏହି ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲୁମୁନି ଆସୋସିଏସନ ପକ୍ଷରୁ ପ୍ଲାଟିନମ ଜୁବ୍ଲି ଉତ୍ସବ ପାଳନ ପାଇଁ ଗତ ମାସରେ ଗଠନ ହୋଇଥିବା କୋର କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୁମୁନି ଆସୋସିଏସନ ସଭାପତି ପୁରାତନ ଛାତ୍ର ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ଆଗାମୀ ୨୦୨୭ ମାର୍ଚ୍ଚ ୨୬ ତାରିଖରୁ ବିଦ୍ୟାଳୟର ପ୍ଲାଟିନମ ଜୁବ୍ଲି ଉତ୍ସବ ଉଦଘାଟନ ହୋଇ ତିନିଦିନ ଧରି ଚାଲିବା ପରେ ୨୮ ତାରିଖରେ ଉଦଯାପିତ କରାଯିବା ନେଇ ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି। ଏହି ତିନିଦିନିଆ ଉତ୍ସବକୁ ଶୃଙ୍ଖଳିତ, ସରସସୁନ୍ଦର ଓ ଆକର୍ଷଣୀୟ କରାଯିବାର ବିଭିନ୍ନ ଦିଗ ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେହ ରାଜ୍ୟର ବିଶିଷ୍ଟ ଓ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ଅତିଥି ଭାବେ ନିମନ୍ତ୍ରଣ ଓ ସନ୍ଧ୍ୟା ଅଧିବେଶନରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରତ୍ୟେକ ଦିବସରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ଉପରେ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବେଠକରେ ଆଲୁମୁନି ଆସୋସିଏସନ କର୍ମକର୍ତ୍ତା ଓ କୋର କମିଟି ସଦସ୍ୟ ମୋହନ କୁମାର ଦାସ, ରାମଚନ୍ଦ୍ର ରାଉତ, ଅକ୍ଷୟ କୁମାର ସାହୁ, ରାଜଲକ୍ଷ୍ମୀ ପାତ୍ର, ଗୋଲକ ଚନ୍ଦ୍ର ସେନାପତି, ତାରାକାନ୍ତ ପ୍ରଧାନ, ଲଲାଟ କେଶରୀ ଭୂୟାଁ, ସୁରେଶ ଚନ୍ଦ୍ର ପଣ୍ଡା, ଭ୍ରମରବର ମଲିକ, ଧରଣୀଧର ପ୍ରଧାନ, ଅନୁପ କୁମାର ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ, ଦୀପକ କୁମାର କର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋର କମିଟି ଆବାହକ ଶିକ୍ଷାବିତ ଅତୁଲ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠାତା ସମ୍ପାଦକଙ୍କ ପରଲୋକ



ମଣିଜଙ୍ଗା, ୫।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ଗ୍ରାମପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀ ସଂଘ ନୂଆ ପୋଖରୀ (ବୋଧେଇ)ର ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ରବୀନ୍ଦ୍ର ନାଥ ଦାସଙ୍କର ଦେହାନ୍ତରେ ଆଜି ତାଙ୍କ ଆମର ଆତ୍ମାର ସଦ୍ଗତି ନିମନ୍ତେ ସଂଘ କାର୍ଯ୍ୟାଳୟରେ ସମସ୍ତ ସଦସ୍ୟ ଯୋଗଦାନ କରି ୨ ମିନିଟ୍ ନିରବ ପର୍ଥାନ କରିଥିଲେ। ଏଥିରେ ବୃନ୍ଦାବନ ତାରେଣିଆ, ଗୋପାଳ ଚରଣ ପଟ୍ଟନାୟକ, ଜଗନ୍ନାଥ ଦାସ, ବିଷ୍ଣୁ ପ୍ରସାଦ କାନୁନଗୋ, ହେମନ୍ତ କୁମାର ବର୍ଦ୍ଧନ, ନିମାଇଁ ଚରଣ ଖଟୁଆ, ଅଜୟ କୁମାର ସାହାଣୀ, ନରୋତ୍ତମ ସେଠୀ, ସୁରେଶ ଚନ୍ଦ୍ର ଯୋଗାଣିଆ, ବାବାଜୀ ଚରଣ ଜେନା, ନିତ୍ୟାନ୍ଦନ ସ୍ୱାଇଁ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ।

## ଓ୍ୟୁଏଟି ତରଫରୁ ଚାଷୀ ସଚେତନତା ତାଲିମ ଶିବିର




ଜଗତସିଂହପୁର, ୫।୧୦(ସମିସ): ସର୍ବଭାରତୀୟ ସମନ୍ୱିତ ରୋପଣ ଫସଲ ପ୍ରକଳ୍ପ ଏବଂ ତୃଣକ ପରିଚାଳନା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ମିଳିତ ପ୍ରୟାସରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଦୁଇଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମରେ ଏକ କୃଷକ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଛି ଯେଉଁଥିରେ ୫୦ ଜଣ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ ପରିଚାଳନା କରିଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭାରପ୍ରାପ୍ତ ଅଧିକାରୀ, ବୈଜ୍ଞାନିକ ଡ. ସାରିକା ଜେନା ଧାନ, ପନିପରିବା ଓ ଅନ୍ୟ ଫସଲରେ ଘାସ ହେଉଛି ଉତ୍ପାଦନ କମିବାର ଏକ ପ୍ରମୁଖ କାରଣ ଏବଂ ଏହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ସର୍ବଭାରତୀୟ ସମନ୍ୱିତ ରୋପଣ ଫସଲ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡ. ଅଜିତ କୁମାର ସାହୁ ଚାଷୀମାନଙ୍କୁ ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଜମି ପ୍ରସ୍ତୁତି, ଖତ ସାର ଏବଂ ଜଳ ପରିଚାଳନା ପ୍ରଣାଳୀ ତତସହିତ ନଡ଼ିଆ ଗଛରେ କିପରି ରୋଗ ପୋକ ପରିଚାଳନା ସହିତ ଅନ୍ୟାନ୍ୟ ରୋପଣ ଫସଲକୁ କିପରି ପରିଚାଳନା କରିବେ ତାହା ବିସ୍ତୃତ ଭାବରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅଳ୍ପ ଖର୍ଚ୍ଚରେ କିପରି ନଡ଼ିଆ ଚାଷ କରିବା ଓ ଚାଷୀ କିପରି ଅଧିକ ଲାଭବାନ ହେଇପାରିବେ ତାହାର ହିସାବ ଚାଷୀ ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଉପସ୍ଥିତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କୃଷି ସାମଗ୍ରୀ, ତୃଣନାଶକ ଓ ତୃଣନାଶକ ସମ୍ବନ୍ଧୀୟ ସଚେତନତା ପତ୍ରିକା ପ୍ରଦାନ କରାଯାଇଥିଲା ପରବର୍ତ୍ତୀ ସମୟରେ ମିଳିତ ଅନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ଗ୍ରାମରେ ନଡ଼ିଆ ଚାରା ରୋପଣ ଏବଂ ପରିଚାଳନାର କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ଡ. ଅଜିତ କୁମାର ସାହୁ ଚାଷୀମାନଙ୍କୁ ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ଉପରେ ଜ୍ଞାନ ପ୍ରଦାନ କରି ନଡ଼ିଆ ଚାରା ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ। ବାଗୋଇ ଗ୍ରାମର ଉମେଶ ମଲ୍ଲିକ ଏବଂ ଗରାମ ଗ୍ରାମର କଲ୍ୟାଣୀ ବାରିକ ସହଯୋଗକରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ବିଶ୍ୱଜିତ ସାମଲଙ୍କୁ ‘ସ୍ୱଚ୍ଛତା ସେବା ସମ୍ମାନ’




ପାରାଦୀପ, ୫।୧୦(ସମିସ): ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ନିଷ୍ଠାପୂର୍ଣ୍ଣ ସେବା ଓ ଉଲ୍ଲେଖନୀୟ ଅବଦାନ ପାଇଁ ବନ୍ଦର ସହର ପାରାଦୀପର ଯୁବ ପରିବେଶକର୍ମୀ ବିଶ୍ୱଜିତ ସାମଲଙ୍କୁ “ସ୍ୱଚ୍ଛତା ସେବା ସମ୍ମାନ’ ପ୍ରଦାନ କରାଯାଇଛି। ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସାମଲଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶ୍ରୀ ସାମଲ ପରିବେଶ ସୁରକ୍ଷା ସହିତ ସ୍ଥାୟୀ ପରିବେଶ ବିକାଶ, ଲୁଣା ଜଙ୍ଗଲ ପୁନଃସ୍ଥାପନ, ଉପକୂଳ ସ୍ୱଚ୍ଛତା ସୁରକ୍ଷା ଓ ଜନସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ସାମିଲ କରି ଏକ ସକ୍ରିୟ ପରିବେଶ ଆନ୍ଦୋଳନ ଗଢ଼ି ତୋଳିବାରେ ଉଦ୍ୟମ କରୁଛନ୍ତି। ଯୁବ ସମାଜକୁ ଏକତ୍ରିତ କରି ପରିବେଶ ସୁରକ୍ଷାକୁ ଜନଆନ୍ଦୋଳନର ରୂପ ଦେବା ତାଙ୍କର ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଇପାରେ। ପରିବେଶ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର ପକ୍ଷରୁ “ପ୍ରକୃତି ବନ୍ଧୁ’ ସମ୍ମାନ ମଧ୍ୟ ପ୍ରାପ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାରାଦୀପ ଏଡିଏମ ନିରଞ୍ଜନ ବେହେରାଙ୍କ ସମେତ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ବହୁ ମାନଗଣ୍ୟ ବ୍ୟକ୍ତି ଅତିଥିଭାବେ ଉପସ୍ଥିତ ଥିଲେ।

## ‘ଚାଲ କଥା ହେବା’ର ତୃତୀୟ ମାସିକ କାର୍ଯ୍ୟକ୍ରମ




ଜଗତସିଂହପୁର, ୫।୧୦(ସମିସ): ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ “ଚାଲ କଥା ହେବା’ ର ତୃତୀୟ ମାସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ପିଲାଙ୍କର ବୌଦ୍ଧିକ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍?ରେ ପରିଚାଳିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବର୍ତ୍ତମାନର ନବମ ଓ ଦଶମ ଶ୍ରେଣୀର କିଛି ଛାତ୍ରଛାତ୍ରୀଙ୍କ ଶିକ୍ଷା ସମ୍ପର୍କିତ ସମସ୍ତ ସମସ୍ୟାକୁ ବିଚାର କରି ସେଗୁଡିକୁ ସମାଧାନ କରିବା ପାଇଁ ପୁରାତନ ଛାତ୍ର ସଂସଦ ନିଷ୍ପତି ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଭାଷାକୋଷ ବଣ୍ଟନ କରାଯାଇ, ତାହାର ବ୍ୟବହାର ପାଇଁ ମଧ୍ୟ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ମୌଖିକ ପ୍ରତିଯୋଗିତା, ସ୍ମରଣ ଶକ୍ତି ଦକ୍ଷତା ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତ ଅଧକ୍ଷତା କରିଥିବା ବେଳେ ପୂର୍ବତନ ହିନ୍ଦୀ ଶିକ୍ଷୟତ୍ରୀ, ପୂର୍ବତନ ଛାତ୍ର ନିରଞ୍ଜନ ସ୍ୱାଇଁ, ନିରଞ୍ଜନ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ତଥା କାର୍ଯ୍ୟକ୍ରମର ସଂଯୋଜକ ବିକ୍ରମ କିଶୋର ମହାନ୍ତି ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅତ୍ୟନ୍ତ ଉତ୍ସାହର ସହିତ ସହଯୋଗ କରିଥିଲେ। ଶେଷରେ ଦଶମ ଶ୍ରେଣୀର ଛାତ୍ରାପ୍ରତିନିଧି କୃତଜ୍ଞତା ଜ୍ଞାପନ କରିଥିଲେ।

## ପୂର୍ବତନ ଆଦର୍ଶ ଶିକ୍ଷକଙ୍କ ପରଲୋକ

ଡେରାବିଶ, ୫।୧୦(ସମିସ): ଡେରାବିଶ ବ୍ଲକ ଦାନପୁର ଫଂଚାୟତ ଅନ୍ତର୍ଗତ ଦୋହଲୀ ସ୍ଥିତ ବିବି ମଡ଼େଲ ହାଇସ୍କୁଲର ପୂର୍ବତନ ଆଦର୍ଶ ଶିକ୍ଷକ କେଶବ ଚନ୍ଦ୍ର ନାୟକ (୮୭)ଙ୍କ ଗତ ଶନିବାର ରାତିରେ ଭୁବନେଶ୍ୱରରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ତାଙ୍କର ଚାକିରି ଜୀବନ ଦୋହଲୀ ସ୍କୁଲରୁ ଆରମ୍ଭ କରିଥିଲେ। ପରେ ଇନ୍ଦୁପୁର ହାଇସ୍କୁଲକୁ କିଛିଦିନ ପାଇଁ ବଦଳି ହୋଇଥିଲେ। ଗତ ୨୦୦୨ରେ ସେ ଦୋହଲୀ ସ୍କୁଲରୁ ଅବସର ଗ୍ରହଣ କରିଥିଲେ। ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବାର ଢେର ପୂର୍ବରୁ ଏପରିକି ତାଙ୍କର ଚାକିରି କାଳ ଆରମ୍ଭରୁ ସେ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ନ ଦେଇ ନିଜର ପୁଅ ଝିଅ ଭଳି ଖୁବ୍ ସ୍ନେହ କରୁଥିଲେ। ତେଣୁ ସେ ଜଣେ ଆଦର୍ଶ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କର ପ୍ରିୟ ଥିଲେ। ତାଙ୍କ ମରଶରୀରକୁ ନିଜ ଜନ୍ମସ୍ଥାନ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ସୋରିଷିଆ ଗ୍ରାମକୁ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁଅ ରିତେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଶୋକବ୍ୟକ୍ତ କରିଛନ୍ତି।

## ୮ ତାରିଖ ଓଡ଼ିଶା ବନ୍ଦ
## କଂଗ୍ରେସର ବ୍ୟାପକ ପ୍ରସ୍ତୁତି ଓ ସଚେତନତା ପଦଯାତ୍ରା

ମହାକାଳପଡ଼ା, ୫।୧୦ (ସମିସ): ସାଧାରଣ ଜନତାଙ୍କ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ଦାବିରେ ଆସନ୍ତା ଅକ୍ଟୋବର ୮ ତାରିଖରେ ହେବାକୁ ଥିବା “ଓଡ଼ିଶା ବନ୍ଦ’କୁ ସଫଳ କରିବା ପାଇଁ ମହାକାଳପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚିତ୍ତରଞ୍ଜନ ତରାଇଙ୍କ ନେତୃତ୍ୱ ଓ ବରିଷ୍ଠ କଂଗ୍ରେସ ନେତା ବେଣୁଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବ୍ଲକ ମୁଖପାତ୍ର ନିରାକାର ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ସ୍ୱାଇଁ, ପ୍ରବୀଣ ନାୟକଙ୍କ ସମେତ ସମସ୍ତ ଜୋନ୍ ଓ ପଞ୍ଚାୟତ ସଭାପତି, ବ୍ଲକ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକ ପରେ ଏକ ପଦଯାତ୍ରାରେ ବାହାରି ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କ ଓ ବଜାରରେ ବ୍ୟବସାୟୀଙ୍କୁ ଭେଟି ବନ୍ଦକୁ ଶାନ୍ତିପୂର୍ଣ୍ଣ ସମର୍ଥନ ଜଣାଇବାକୁ ନେତୃବୃନ୍ଦ ନିବେଦନ କରିଥିଲେ। ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳଙ୍କ ସମର୍ଥନରେ ହେଉଥିବା ଏହି ବନ୍ଦ ଜରିଆରେ ଏମଏମଡିଆର ସଂଶୋଧନ ଅଧିନିୟମକୁ ତୁରନ୍ତ ବାତିଲ କରିବା, ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ଅପସାରଣ ଓ ଗିରଫ କରାଯିବା, ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସଆଇଆର) ପ୍ରତ୍ୟାହାର, ପାଠ୍ୟପୁସ୍ତକର ଗୁରୁତର ତ୍ରୁଟି ଓ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ରାଜ୍ୟର ଆର୍ଥିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା, ପିଲାମାନଙ୍କ ଭବିଷ୍ୟତ, ଚଳିତ ବର୍ଷର ଲଗାତର ବନ୍ୟା ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଉଦାସୀନତା ପ୍ରତିବାଦରେ ଏହି ସାମୂହିକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ୨୬ଟି ଜିଲ୍ଲାର ୨୦୫ଟି ବ୍ଲକ ଓ ୩୮ଟି ପୌରାଞ୍ଚଳର ୭୮୦୦ରୁ ଊର୍ଦ୍ଧ୍ୱ ଗ୍ରାମ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ କୃଷିଋଣ ଛାଡ଼ କରିବା ଜରୁରୀ। ଏହି କାର୍ଯ୍ୟକ୍ରମରେ ରଘୁନାଥ ସେଠୀ, ରବୀନ୍ଦ୍ର ସ୍ୱାଇଁ, ଗଣେଶ ଚକ୍ରବର୍ତ୍ତୀ, ଦେବବ୍ରତ ସ୍ୱାଇଁ, ପ୍ରମୋଦ ଚୌଧୁରୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। ଚାକିରିରେ ପଦୋନ୍ନତି ହେବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ ରଖନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଅଧିକ ପରିଶ୍ରମ କରିବେ।

**କର୍କଟ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପେଟଜନିତ ସମସ୍ୟା ଦେଖାଦେବ।

**ସିଂହ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ହସଖୁସିରେ ଦିନ ବିତିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଆଜି ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି।

**ବିଛା:** ଧନଧାନ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

- ୧୪୯୯- ଫ୍ରାନ୍ସ ସମ୍ରାଟ୍ ଦ୍ୱାଦଶ ଲୁଇ ମିଲାନ ଉପରେ କବ୍‌ଜା କଲେ।
- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍‌ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍‌ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୬- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।



ଉତ୍ତର ତାଞ୍ଜାନିଆର ଗ୍ରେଟ୍ ରିଫ୍ଟ ଭ୍ୟାଲିରେ ଅବସ୍ଥିତ ଲେକ୍ ନାଟ୍ରନ୍ ବିଶ୍ୱର ସବୁଠାରୁ ଭୟାନକ ପ୍ରାକୃତିକ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ। ଉପରୁ ଦେଖିଲେ ଏହି ହ୍ରଦଟି ଲାଲ୍ ଏବଂ ଗୋଲାପୀ ରଙ୍ଗର କାର୍ପେଟ୍ ପରି ଦେଖାଯାଉଥିବାବେଳେ ଏହାର ଶାନ୍ତ ଓ ସୁନ୍ଦର ରୂପ ପଛରେ ଲୁଚି ରହିଛି ଏକ ମରଣାନ୍ତକ ରହସ୍ୟ। ଏହାକୁ ଜୀବନ୍ତ ପ୍ରାଣୀଙ୍କୁ ପଥର ବନାଉଥିବା ହ୍ରଦ ବୋଲି କୁହାଯାଏ। ଏହି ହ୍ରଦକୁ ନେଇ ଅନେକ କାହାଣୀ ପ୍ରଚଳିତ ଥିଲେ ମଧ୍ୟ ଏନେଇ ବୈଜ୍ଞାନିକମାନଙ୍କ କହିବା କଥା, ହ୍ରଦର ପାଣିରେ କୌଣସି ଯାଦୁ ନାହିଁ, ବରଂ ଏହାର କେମିକାଲ୍ ହିଁ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟାଇଥାଏ। ଲେକ୍ ନାଟ୍ରନ୍‌ର ପାଣି ଅତ୍ୟଧିକ କ୍ଷାରୀୟ ଓ ଏହାର ପିଏଚ୍ ସ୍ତର ୧୦.୫ ରୁ ୧୨ ପର୍ଯ୍ୟନ୍ତ ହୋଇଥାଏ, ଯାହା ପ୍ରାୟ ବ୍ଲିଚ୍ ବା ଆମୋନିଆ ସହ ସମାନ। ଏହା ଚମଡ଼ାକୁ ପୋଡ଼ି ଦେବାପାଇଁ ଯଥେଷ୍ଟ। ସେହିଭଳି ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସକ୍ରିୟ ଆଗ୍ନେୟଗିରି 'ଓଲ୍ ଡୋଇନ୍ୟୋ ଲେଙ୍ଗାଇ'ରୁ ବାହାରୁଥିବା ଆଗ୍ନେୟ ପାଉଁଶ ଏବଂ ସୋଡିୟମ୍ କାର୍ବୋନେଟ୍ ଯୁକ୍ତ ଗରମ ଝରଣାର ପାଣି ଏହି ହ୍ରଦରେ ମିଶିଥାଏ। ଅତ୍ୟଧିକ ଗରମ ଯୋଗୁଁ ହ୍ରଦର ପାଣି ବାଷ୍ପୀଭୂତ ହୋଇଯାଏ ଏବଂ କେବଳ ଘନ ଲୁଣ ଓ ମିନେରାଲ୍ସ ପଡ଼ିରହେ। ଯେତେବେଳେ କୌଣସି ପକ୍ଷୀ ବା ବାଦୁଡ଼ି ଭୁଲ୍‌ବଶତଃ ଏହି ହ୍ରଦରେ ପଡ଼ି ମୃତ୍ୟୁବରଣ କରନ୍ତି, ସେମାନଙ୍କ ଶରୀର ପଚିଯାଏ ନାହିଁ। ପାଣିରେ ଥିବା ସୋଡିୟମ୍ କାର୍ବୋନେଟ୍ ଏବଂ ନାଟ୍ରନ୍ ସେହି ମୃତଦେହଗୁଡ଼ିକୁ ସଂରକ୍ଷିତ କରି ରଖେ। ଧୀରେ ଧୀରେ ସେମାନଙ୍କ ଶରୀର ଉପରେ କ୍ୟାଲସିୟମର ଏକ ଧଳା ଆସ୍ତରଣ ଜମିଯାଏ ଏବଂ ସେଗୁଡ଼ିକ ଦେଖିବାକୁ ପଥରର ମୂର୍ତ୍ତି ପରି ଲାଗନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ପାଣି ସାଧାରଣ ଜୀବଙ୍କ ଚମଡ଼ାକୁ ପୋଡ଼ି ପାଉଁଶ କରିଦେଇପାରେ, ସେହି ପାଣିରେ ହିଁ ଲାଲ୍ ରଙ୍ଗର ଏକ ପ୍ରକାର ଜୀବାଣୁ ଥାନ୍ତି। ଏଥିଯୋଗୁଁ ହ୍ରଦଟି ଲାଲ୍ ରଙ୍ଗର ଦେଖାଯାଏ। କେବଳ ସେତିକି ନୁହେଁ, ଏହି ବିଷାକ୍ତ ହ୍ରଦ ହେଉଛି ବିଶ୍ୱର 'ଲେସର ଫ୍ଲେମିଙ୍ଗୋ' ପକ୍ଷୀମାନଙ୍କର ସବୁଠାରୁ ବଡ଼ ପ୍ରଜନନ ସ୍ଥଳ। ପୃଥିବୀର ପ୍ରାୟ ୭୫% ଲେସର ଫ୍ଲେମିଙ୍ଗୋ ଏହି ହ୍ରଦ ମଝିରେ ଥିବା ଛୋଟ ଛୋଟ ଦ୍ୱୀପରେ ବସା ବାନ୍ଧନ୍ତି। ସେମାନଙ୍କ ଗୋଡ଼ର ଚମଡ଼ା ଏତେ ଟାଣ ଯେ, ଏହି କ୍ଷାରୀୟ ପାଣି ସେମାନଙ୍କର କିଛି କ୍ଷତି କରିପାରେ ନାହିଁ। ଏହି ବିପଜ୍ଜନକ ପରିବେଶ ସେମାନଙ୍କୁ ହେଟାବାଘ ଓ ଅନ୍ୟ ପଶୁ କବଳରୁ ସୁରକ୍ଷା ଦେଇଥାଏ। ବିଜ୍ଞାନ ଏବଂ ରହସ୍ୟର ଏହି ଅପୂର୍ବ ମିଶ୍ରଣ ଯୋଗୁଁ ଆଜି ବି ଲେକ୍ ନାଟ୍ରନ୍ ସମଗ୍ର ବିଶ୍ୱର ପର୍ଯ୍ୟଟକ ଓ ବୈଜ୍ଞାନିକମାନଙ୍କ ପାଇଁ ଏକ କୌତୁହଳର ବିଷୟ ହୋଇ ରହିଛି।

## ୧୨୬ଟି ଫ୍ଲାଟ୍‌ରେ ଏକା ରହୁଥିବା ମଣିଷ

ଯେତେବେଳେ ଗୋଟିଏ ବଡ଼ ବିଲ୍ଡିଂ ଖାଲି ହୋଇଯାଏ, ସେତେବେଳେ ସେଠାକାର ନିସ୍ତବ୍ଧତା ମଣିଷକୁ ଡରାଇ ଦିଏ। ବ୍ରିଟେନ୍‌ର ଗ୍ରେଟର ମାଞ୍ଚେଷ୍ଟରରେ ଅବସ୍ଥିତ ରୋଚଡେଲ୍‌ର ଏକ ଆବାସିକ ଅଞ୍ଚଳରେ ଏଭଳି ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବିଶାଳ ଆବାସିକ ପରିସରରେ ମୋଟ ୧୨୬ଟି ଫ୍ଲାଟ୍ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଆଜି ସେହି ୧୨୬ଟି ଘର ମଧ୍ୟରୁ ୧୨୫ଟି ସମ୍ପୂର୍ଣ୍ଣ ଖାଲି ଏବଂ ସେଠାରେ ମାତ୍ର ଜଣେ ବ୍ୟକ୍ତି ରହୁଛନ୍ତି। ୫୧ ବର୍ଷୀୟ ଏଣ୍ଡି ରୋଶ୍ ଏବେ ତାଙ୍କ ପତ୍ନୀଙ୍କ ସହ ସେଠାରେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନ ଓ ହାଉସିଂ ସୋସାଇଟି ଏହି ପୁରୁଣା ବିଲ୍ଡିଂକୁ ଭାଙ୍ଗି ସେଠାରେ ଏକ ନୂତନ ପ୍ରକଳ୍ପ ତିଆରି କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ସେଠାରେ ରହୁଥିବା ସମସ୍ତ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସାରିଛି। ହେଲେ ଏଣ୍ଡି ନିଜ ଘର ଛାଡ଼ିବାକୁ ସଫା ସଫା ମନା କରି ଦେଇଛନ୍ତି। ଯେତେବେଳେ ଲୋକେ ତାଙ୍କୁ ପଚାରିଲେ, "ଏହି ଜନଶୂନ୍ୟ ଓ ଭୂତକୋଠି ଭଳି ଅଞ୍ଚଳରେ ଆପଣଙ୍କୁ ଭୟ ଲାଗୁନାହିଁ କି? ଆପଣ ଘର କାହିଁକି ଛାଡୁନାହାନ୍ତି?" ତାଙ୍କର ଉତ୍ତର ସମସ୍ତଙ୍କୁ ଚକିତ କରିଦେଇଥିଲା। ଏନେଇ ଏଣ୍ଡିଙ୍କ କହିବା କଥା, 'ଏହି ଫ୍ଲାଟ୍ ସହିତ ତାଙ୍କର ଦୀର୍ଘ ବର୍ଷର ସ୍ମୃତି ଜଡ଼ିତ। ଏହି ନୀରବତା ତାଙ୍କୁ ଡରାଏ ନାହିଁ, ବରଂ ଏକ ଅଦ୍ଭୁତ ମାନସିକ ଶାନ୍ତି ଦିଏ। ସେ ଏଠାରେ ଯେତିକି ଭଡ଼ା ଦେଇ ରହୁଛନ୍ତି, ଆଜିର ସମୟରେ ବ୍ରିଟେନ୍‌ର ଅନ୍ୟ କୌଣସି ସ୍ଥାନରେ ସେତିକି ଟଙ୍କାରେ ଏତେ ବଡ଼ ଓ ଭଲ ଘର ମିଳିବା ଅସମ୍ଭବ। ସବୁଠାରୁ ବଡ଼ ଟ୍ୱିଷ୍ଟ ହେଉଛି, ସୋସାଇଟି ସମସ୍ତଙ୍କୁ ଘର ଖାଲି କରିବାକୁ ନୋଟିସ୍ ଦେଇଥିଲା ସତ, କିନ୍ତୁ ଆଇନଗତ ଭାବେ ଏଣ୍ଡିଙ୍କ ସହ ହୋଇଥିବା ଚୁକ୍ତିନାମାକୁ ରଦ୍ଦ କରିବାକୁ ଭୁଲିଯାଇଥିଲେ। ଆଇନ ଅନୁଯାୟୀ, ଏଣ୍ଡି ଏବେ ବି ସେହି ଘରର ବୈଧ ଭଡ଼ାଟିଆ, ତେଣୁ ପ୍ରଶାସନ ଚାହିଁଲେ ମଧ୍ୟ ତାଙ୍କୁ ଜବରଦସ୍ତି ବାହାର କରିପାରୁନାହିଁ। ଆଜି ଏଣ୍ଡି ସେହି ବିଶାଳ କୋଠାର ଏକମାତ୍ର ବାସିନ୍ଦା। ସଞ୍ଜ ନଇଁଲେ ଚାରିଆଡ଼େ ଅନ୍ଧାର ଓ ଶୂନ୍‌ଶାନ୍ ହୋଇଯାଏ, କିନ୍ତୁ ଏଣ୍ଡି ନିଜ ଘର ଭିତରେ ବେଶ୍ ଆନନ୍ଦରେ ଥାଆନ୍ତି। ସେ କୁହନ୍ତି,"ଯେପର୍ଯ୍ୟନ୍ତ ପ୍ରଶାସନ ମୋତେ ମୋ ଘର ବଦଳରେ ସେଭଳି ଅନ୍ୟ ଏକ ଉପଯୁକ୍ତ ସ୍ଥାନ ଓ ଆଇନଗତ ସମାଧାନ ନ ଦେଇଛି, ମୁଁ ଏଠାରୁ ଗୋଟିଏ ପାଦ ବି ଘୁଞ୍ଚିବି ନାହିଁ।"



## ଦ୍ୱିତୀୟ ଥର ଘୁଞ୍ଚିଲା 'ଉଡ୍‌ତା ତୀର୍'ର ରିଲିଜ୍

ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ସାରା ଅଲ୍ଲୀ ଖାନ୍‌ଙ୍କ ଆଗାମୀ ସିନେମା 'ଉଡ୍‌ତା ତୀର୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହେବା ପରେ ଫିଲ୍ମଟି ବେଶ୍ ଚର୍ଚ୍ଚାରେ ରହିଛି। ଏବେ ଏହାର ରିଲିଜ୍ ତାରିଖକୁ ପୁଣିଥରେ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମଟି ପ୍ରଥମେ ୧୧ ସେପ୍ଟେମ୍ବର ଏବଂ ପରେ ୯ ଅକ୍ଟୋବରରେ ସିନେମାହଲ୍‌କୁ ଆସିବାର ଥିଲା। ବର୍ତ୍ତମାନ ଫିଲ୍ମ ନିର୍ମାତା ଏହାକୁ ୨୩ ଅକ୍ଟୋବରରେ ରିଲିଜ୍ କରିବା ପାଇଁ ଘୋଷଣା କରିଛନ୍ତି। ବକ୍ସ ଅଫିସ୍‌ରେ ଅଜୟ ଦେବଗନଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍ ୩' ର ଦମଦାର୍ ଓପନିଂ ଏବଂ ଅନ୍ୟାନ୍ୟ କେତେକ ବଡ଼ ଚଳଚ୍ଚିତ୍ର ସହ ଲଢ଼େଇରୁ ରକ୍ଷା ପାଇବା ପାଇଁ ନିର୍ମାତା ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଥିରେ ଆୟୁଷ୍ମାନ ଜଣେ ପାକିସ୍ତାନୀ ଗୁପ୍ତଚର ବିଲାଲ ଅହମ୍ମଦ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀରେ ଏକ ବଡ଼ ଟ୍ୱିଷ୍ଟ ଆସେ, ଯେତେବେଳେ ସେ ଭାରତରେ ନିଜର ସ୍ମୃତିଶକ୍ତି ହରାଇ ବସନ୍ତି। ସ୍ମୃତି ଶକ୍ତି ହରାଇବା ପରେ ସେ ନିଜକୁ ଜଣେ ଭାରତୀୟ ସୈନିକ ବୋଲି ଭାବି ଭାରତ ପାଇଁ ଲଢ଼ିବା ଆରମ୍ଭ କରନ୍ତି। ତାଙ୍କର ଏହି ଭୁଲ୍ ବୁଝାମଣା ଯୋଗୁଁ ଉଭୟ ଭାରତ ଓ ପାକିସ୍ତାନର ଗୁପ୍ତଚର ଏଜେନ୍ସିଗୁଡ଼ିକ ମଧ୍ୟରେ ଏକ ଅତି ମଜାଦାର ପରିସ୍ଥିତି ସୃଷ୍ଟି ହୁଏ। ଆକାଶ ଏ. କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଆୟୁଷ୍ମାନ ଓ ସାରାଙ୍କ ବ୍ୟତୀତ ରାହୁଲ ବୋଷ, ରାମ କପୁର, ଗୁଲଶନ ଗ୍ରୋଭର, ରଘୁବୀର ଯାଦବ, ସୁପ୍ରିୟା ପିଲଗାଓଁକର ଏବଂ ଦିବଂଗତ ଅଭିନେତା ମୁକୁଲ ଦେବ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ଏବଂ ଗୁନିତ୍ ମୋଙ୍ଗାଙ୍କ ସିଖ୍ୟା ଏଣ୍ଟରଟେନମେଣ୍ଟ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି।

## କିଚେନ୍ ଗାର୍ଡେନରେ ପାଳଙ୍ଗ

**ଶୀତଦିନେ କିଚେନ୍‌ଗାର୍ଡେନରେ ପାଳଙ୍ଗ ଚାଷ କରିବା ଖୁବ୍ ସହଜ। ଅକ୍ଟୋବରରୁ ଜାନୁଆରୀ ମାସ ମଧ୍ୟରେ ପାଳଙ୍ଗ ବିହନ ବୁଣିଲେ ଅଧିକ ଲାଭ ମିଳିଥାଏ।**



ପାଳଙ୍ଗ ଚାଷ ପାଇଁ ଦୋରସା, ବାଲିଆ ମାଟି ସର୍ବୋତ୍ତମ। ଗ୍ରୋବ୍ୟାଗ୍ କିମ୍ବା ବଡ଼ ଚଉଡ଼ା କୁଣ୍ଡରେ ମାଟିକୁ ଗୁଣ୍ଡ କରି ସେଥିରେ ଜିଆଖତ, ଗୋବର ଖତ, ନିମ୍ବ ପିଡ଼ିଆ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଚାଷ ପାଇଁ ସର୍ବଦା ଉନ୍ନତ ଓ ରୋଗସହଣୀ ବିହନ ଚୟନ କରିବା ଆବଶ୍ୟକ। ଉନ୍ନତ କିସମ ବ୍ୟବହାର ଦ୍ୱାରା ଗଛଗୁଡ଼ିକ ସମାନ ଆକରରେ ବଢ଼ିଥାଏ। ବିହନ ବୁଣିବାର ୨୪ ଘଣ୍ଟା ପୂର୍ବରୁ ଏହାକୁ ଭିଜାଇ ଗଜା କରାଯାଏ। କୁଣ୍ଡରେ କଣା କରି ଏହା ଉପରେ ଖତ ମିଶା ମାଟିକୁ ଦେଇ ହାଲୁକା ଜଳସିଞ୍ଚନ କରାଯାଏ। ପରେ ଗଜା ହୋଇଥିବା ବିହନ ପକାଇ ମାଟି ଚଳାଇ ହାଲୁକା ଜଳସିଞ୍ଚନ କରିପାରିବେ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡକୁ ରଖିପାରିବେ। କୁଣ୍ଡରୁ ମାଟି ଶୁଖିଗଲେ ପାଣି ଦେବା ଆବଶ୍ୟକ। ମଞ୍ଜି ବୁଣିବାର ୨୦ରୁ ୩୦ ଦିନ ଅନ୍ତରାଳରେ ପତ୍ରକୁ ୬ରୁ ୭ଥର କାଟିବା ଜରୁରି। ବିହନ ବୁଣିବାର ୩୫ରୁ ୪୦ ଦିନ ମଧ୍ୟରେ ଫସଲ ପ୍ରସ୍ତୁତ ହୋଇଥାଏ।




## ଏମାସର ଚାଷ

- ଅକ୍ଟୋବର ମାସରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ପ୍ରକାର ଫୁଲ, ପନିପରିବା ଲଗାଇଥା'ନ୍ତି। ଗାଜର, କଞ୍ଚାଲଙ୍କା, ମୂଳା, ବାଇଗଣ, କୋବି, ଟମାଟୋ ଆଦି ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ।
- ସଅଳ କିସମ ଧାନରେ ଶତକଡ଼ା ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟିଦେବା ଉଚିତ। ଧାନ ଅମଳ ପରେ ୨ରୁ ୩ ଦିନ ଟାଣ ଖରାରେ ଶୁଖାଇ ରଖାଯାଏ। ସେହିପରି ବିଳମ୍ବରେ ରୁଆଯାଇଥିବା ମଧ୍ୟମ କିସମ ଧାନ ଏବଂ ବିଳମ୍ବ କିସମ ଧାନ ଗର୍ଭ ଅବସ୍ଥାରେ ଥିଲେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର କେଣ୍ଡାସାର ଭାବେ ପ୍ରୟୋଗ କରିପାରିବେ।
- ମକାରେ ଭଣ୍ଡାଟୋପା ହଳଦିଆ ହେଲେ ଓ ଦାନା ପାକଳ ହୋଇଥିଲେ ଅମଳ କରିନେବା ଆବଶ୍ୟକ। ସେହିପରି ମାଣ୍ଡିଆ କେଣ୍ଡା ପାକଳ ହେବା ସଙ୍ଗେ ସଙ୍ଗେ କାଟି ଦେବା ଆବଶ୍ୟକ।
- ହରଡ଼ ଫସଲରେ ଛୁଇଁବିନ୍ଧା ଓ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି। ଏହାକୁ ଅନୁମୋଦିତ ବିଷ ପ୍ରୟୋଗ କରି ନିୟନ୍ତ୍ରଣ କରିପାରିବେ।
- ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରେ ଯଥେଷ୍ଟ ଆର୍ଦ୍ରତା ଥିବା ଅବସ୍ଥାରେ ମୁଗ, ବିରି, ମସୁର, ମଟର ଓ ସୋରିଷ ପାଇରା ଫସଲ ଭାବେ ବୁଣି ଦିଅନ୍ତୁ।
- ଢିପ ଓ ଢିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଡାଲିଜାତୀୟ ଫସଲ ଚାଷ କରିପାରିବେ। ସେହିପରି ଶୀତିଦିନିଆ ପନିପରିବା ଚାରା ମୁଖ୍ୟ ଜମିରେ ରୋଇବା ଆବଶ୍ୟକ।



## ସଅଳ ବଢ଼ିବେ ଛେଳି

ଛେଳିଙ୍କ ଓଜନ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ସେମାନଙ୍କ ଖାଦ୍ୟ ତାଲିକାରେ ଚଣା, ମକା, ସୋୟାବିନ, ନଡ଼ାଜାତୀୟ ଖାଦ୍ୟ ସାମିଲ କରିପାରିବେ।

ତିନିମାସ ପରେ ଛେଳିଛୁଆଙ୍କୁ ଦୈନିକ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ସହିତ ମଲ୍‌ଟିଭିଟାମିନ୍ ଟନିକ୍, ଆଇରନ୍ ଟନିକ୍ ଆଦି ଦେବା ଆବଶ୍ୟକ। ଏହାସହିତ କ୍ୟାଲ୍‌ସିୟମ, ଫସ୍‌ଫରସ୍, ଲିଭରଟନିକ୍ ଖାଇବାକୁ ଦେବା ଉଚିତ। ଛେଳିଙ୍କୁ ଉପଯୁକ୍ତ ମାତ୍ରାର ନଡ଼ାଜାତୀୟ ଖାଦ୍ୟ ଦେଇପାରିବେ। ଖାଦ୍ୟରେ ଧାତବ ଲୁଣର ପରିମାଣ ୧୦ ଗ୍ରାମ ଦେବା ଦରକାର। ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ପ୍ରୋବାୟୋଟିକ ୫ ଗ୍ରାମ ଦେବା ଦରକାର। ଡାଲିଜାତୀୟ ଚାରା ଦିଆଯାଇପାରିବ। ଏଥିପାଇଁ ଚଣାକୁ ରାତିସାରା ଭିଜାଇ ସକାଳୁ ଏହାକୁ ରଗଡ଼ି ଛେଳିଙ୍କୁ ଖୁଆଇପାରିବେ। ଦୈନିକ ୭୦ରୁ ୮୦ ଗ୍ରାମ୍ ଚଣା ଦେବା ଆବଶ୍ୟକ। ପିଜୁଳି, ନିମ୍ବ ଏବଂ ସଜନାପତ୍ରରେ ଭିଟାମିନ୍ ଏ, ସି, ବି୬, କେ ଆଦି ରହିଥାଏ। ସେହିପରି ୧୦୦ ଗ୍ରାମ୍ ମକା ଗ୍ରାଇଣ୍ଡିଂ କରି ଏହାକୁ ୫ରୁ ୬ଘଣ୍ଟା ଭିଜାଇ ପାଣି ଶୋଷିନେବା ପରେ ଛେଳିଙ୍କୁ ଖାଇବାକୁ ଦେଇପାରିବେ। ଦୈନିକ ୫୦ରୁ ୭୦ ଗ୍ରାମ୍ ସୋୟାବିନ୍ ଭଜା ଦେବା ଦ୍ୱାରା ଛେଳି ବଳବାନ ହୁଅନ୍ତି। ତେବେ ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଦେବା ଉତ୍ତମ।

## ଧାନ ଫସଲରେ ମାଟିଆ ଗୁଣ୍ଡିପୋକର ନିୟନ୍ତ୍ରଣ

**ଖରିଫ ଧାନ ଫସଲରେ ଅକ୍ଟୋବର ମାସରେ ମାଟିଆ ଗୁଣ୍ଡିପୋକର ଆକ୍ରମଣ ଅଧିକ ଦେଖାଯାଏ। ମାଟିଆ ଗୁଣ୍ଡିପୋକ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ଦେଖାଯାଆନ୍ତି। ଏହି ପୋକ ଧାନ ଗଛକୁ ପାଣି ଲାଗିଥିବା ସ୍ଥାନରେ ମେଞ୍ଚା ମେଞ୍ଚା ହୋଇ ଲାଗି ରହିଥାନ୍ତି। ଏହି ପୋକ ଧାନ ଚାଷକୁ ପ୍ରଭାବିତ କରୁଥିବାରୁ ଏହାର ସଠିକ୍ ପରିଚାଳନା କରିବା ଏକାନ୍ତ ଆବଶ୍ୟକ।**



ମାଟିଆ ଗୁଣ୍ଡି ପୋକ ଏକ ଧୂସର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି। ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଓ ଜଳସ୍ତରର ଠିକ୍ ଉପରି ଭାଗରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ। ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ମିଶିକରି ଲାଗିଥାନ୍ତି। ବିଶେଷ କରି ଧାନ ଫସଲରେ ଫୁଲ ଉଡେଇବା ଓ କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି। ଆକ୍ରାନ୍ତ ଗଛର ତଳପତ୍ର ପ୍ରଥମେ ହଳଦିଆ ପଡ଼ି ପରେ ସମ୍ପୂର୍ଣ୍ଣ ଗଛ ଈଷତ୍ ବାଦାମୀ ରଙ୍ଗର ହୋଇଯାଏ। ଏହି ପୋକ ଦ୍ୱୟ ସାଧାରଣତଃ ୨୮-୩୦ ସେଣ୍ଟିଗ୍ରେଡ୍ ତାପମାତ୍ରା ଓ ୮୦-୯୦% ଆର୍ଦ୍ରତାରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ଖାଲୁଆ ଜମିରେ ସର୍ବଦା ଜଳ ଜମି ରହୁଥିଲେ, ଏହି ପୋକ ଅଧିକ ଦେଖାଯାନ୍ତି। ଅନୁମୋଦିତ ମାତ୍ରାଠାରୁ ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ଖାଦ୍ୟସାର ପ୍ରୟୋଗ କରାଯାଇଥିଲେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବ ଦେଖାଯାଏ। ଧାନ ଫସଲରେ ଏହି ପୋକ ଆକ୍ରମଣ ଦେଖାଦେଲେ ଜମିରୁ ପାଣି କମାଇ ଦେବା ଉଚିତ। ଯବକ୍ଷାରଜାନଜାତୀୟ ଖାଦ୍ୟସାର ପ୍ରୟୋଗ କରିବା ଅନୁଚିତ। ବୁଦାପ୍ରତି ପୋକ ସଂଖ୍ୟା ୨ରୁ ୫ ଥିଲେ ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ବା କ୍ଲୋଥିଆନିଡିନ୍ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ। ସେହିପରି ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁଜି ବା ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁଜି ଏକରପ୍ରତି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦୦ ମିଲି ଭାଲିଡାମାଇସିନ ଏବଂ ହେକ୍ସାକୋନାଜୋଲର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଉଚ୍ଚ ଜମିରେ ଟମାଟୋ, ସଅଳ କିସମ ଫୁଲକୋବି ଚାରା ପକାନ୍ତୁ।
- ଶୋଷକ କୀଟ ମାନଙ୍କର (ଜଉ, ପତ୍ରଡିଆଁ, ଦହିଆ ଓ ଧଳାମାଛି) ନୀରିକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠା ଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- କୁକୁଡ଼ା ଚିଆଁ ୩ରୁ ୪ ସପ୍ତାହ ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରନ୍ତୁ।
- ଖୁର ସଂକ୍ରମଣ ଓ ପରଜୀବୀ ଆକ୍ରମଣର ଆଶଙ୍କା କମାଇବା ପାଇଁ ପଶୁଙ୍କୁ ଜଳାବଦ୍ଧ ଜମିରେ ଚରିବାକୁ ଛାଡ଼ନ୍ତୁ ନାହିଁ।

# ଦୃଷ୍ଟିବାଧିତ କ୍ରିକେଟ: ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୫।୧୦ (ସମିସ): ବିହାରକୁ ୫ ୱିକେଟରେ ହରାଇ ଓଡ଼ିଶା ୭ମଥର ଲାଗି ଇଷ୍ଟ ଜୋନ୍ ଦୃଷ୍ଟିବାଧିତ ପୁରୁଷ କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ତ୍ରିପୁରାର ରାଜଧାନୀ ଅଗରତାଲାରେ ଆଜି ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବିହାର ୯ ୱିକେଟରେ ୧୧୦ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୩.୪ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଧନପତି ଗୌଡ଼ ସର୍ବାଧିକ ୪୦ ରନ୍ କରିଥିଲେ। ଲାଲପ୍ରସାଦ ସୋରେନ୍ ୨୪ ଓ ଲିଙ୍ଗରାଜ ରାଉତରା ୧୮ ରନ୍‌ର ଯୋଗଦାନ ଦେଇଥିଲେ। ବୋଲିଂରେ ଲାଲପ୍ରସାଦ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

# ସାହାଣୀ କପ୍ ଫାଇନାଲ ଆଜି



ଭୁବନେଶ୍ୱର, ୫।୧୦(ସମିସ): କଟକ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍‌ର ଫାଇନାଲ ଖେଳାଯିବ। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକ ୨-୦ ଗୋଲରେ ସୁନ୍ଦରଗଡ଼କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ ସମ୍ବଲପୁରକୁ ହରାଇଥିଲା। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ମ୍ୟାଚଟି ଅପରାହ୍ଣ ୪ଟାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଫୁଟବଲ ଅସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନିଲାଇଟ୍ କପ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ୍ ଫୁଟବଲ୍ ୯ ରୁ




ଭୁବନେଶ୍ୱର, ୫।୧୦(ସମିସ): ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ୯ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ବାର୍ଷିକ ୟୁନିଲାଇଟ୍ କପ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଫୁଟବଲ୍ ଏକାଡେମୀ ଖେଳପଡ଼ିଆରେ ସବୁ ମ୍ୟାଚ୍ ଓ ପ୍ରତ୍ୟେକ ଦିନ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ଦିବାରାତ୍ରିରେ ଅନୁଷ୍ଠିତ ହେବ ବୋଲି ସୋମବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବେ। ନକ୍‌ଆଉଟ୍ ପଦ୍ଧତିରେ ହେବାକୁ ଥିବା ଏହି ପ୍ରତିଯୋଗିତାର ବିଜେତାଙ୍କୁ ଟ୍ରଫି ସହ ୧୫ ହଜାର, ରନର୍ସଅପ୍‌ଙ୍କୁ ୧୦ ହଜାର, ତୃତୀୟ ଦଳକୁ ୭ ହଜାର ଓ ଚତୁର୍ଥ ଦଳକୁ ୫ ହଜାର ଟଙ୍କା ପୁରସ୍କାର ମିଳିବ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରାୟୋଜକ ୟୁନିଲାଇଟ ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଅଂଶୁମାନ ମହାପାତ୍ର ଓ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍

# ଭାରତକୁ କଡ଼ା ଟକ୍କର ଦେବ ୱେଷ୍ଟଇଣ୍ଡିଜ୍

ଲକ୍ଷ୍ନୌ, ୫।୧୦(ଏଜେନ୍ସି)





ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ହାଇ ସ୍କୋରିଂ ଦିନିକିଆ ସିରିଜ୍ ପରେ ଫଟାଫଟ କ୍ରିକେଟ ଭାବେ ପରିଗଣିତ ଟି-୨୦ ଫର୍ମାଟରେ ଆଉ ଏକ ସିରିଜ୍ ଖେଳାଯିବ। ଏଥିରେ ୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଦିନିକିଆ ସିରିଜ୍‌କୁ ଭାରତ ୨-୧ରେ ଜିତିଥିଲା। କିନ୍ତୁ ଏହି ସିରିଜ୍‌ରେ ୧୦ଜଣ ଖେଳାଳି ୧୧ଟି ଶତକ ହାସଲ କରିଥିଲେ। ଏହାର ଅର୍ଥ ଭାରତୀୟ ପିଚ୍ ବ୍ୟାଟରଙ୍କୁ ସୁହାଇଥିଲା। ଏହି ସିରିଜ୍‌ରେ ବୋଲରମାନେ ନିରାଶ ହୋଇଥିଲେ। ଏବେ ଟି-୨୦ ସିରିଜ୍‌ରେ ପୁଣିଥରେ ବ୍ୟାଟରମାନେ ପ୍ରାଧାନ୍ୟ ବିସ୍ତାର କରିବେ ବୋଲି ଅନୁମାନ କରାଯାଉଛି। କିନ୍ତୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଟିମ୍ ଦିନିକିଆରେ ଯେଉଁ ଭାରତୀୟ ଦଳ ସହ ଖେଳିଥିଲା, ସେମାନଙ୍କୁ ଟି-୨୦ ସିରିଜ୍‌ରେ ଦେଖିବାକୁ ମିଳିବ ନାହିଁ। ୱେଷ୍ଟଇଣ୍ଡିଜ୍ ସହ ଦିନିକିଆ ସିରିଜ୍ ଖେଳିଥିବା କେବଳ ୩ଜଣ ଖେଳାଳି ଯଥା ଡେବ୍ୟୁ କରିଥିବା ନମନ ଧୀର, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ବାମହାତୀ ସ୍ପିନର କୁଲଦୀପ ଯାଦବ ଟି-୨୦ ଟିମରେ ଖେଳିବେ। ନିକଟରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ଦଳ ହିଁ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ମୁକାବିଲା କରିବ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ହେଉ କିମ୍ବା ଅନ୍ତର୍ଜାତୀୟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଖେଳାଳିମାନେ ନିର୍ଭୀକ ଖେଳ ପ୍ରଦର୍ଶନ କରିଆସିଛନ୍ତି। ଦିନିକିଆ ସିରିଜ୍‌ରେ ସେମାନଙ୍କ ଖେଳ ମଧ୍ୟ ସମସ୍ତେ ଦେଖିଛନ୍ତି। କେବଳ ଭାରତର ଅଭିଜ୍ଞ ବ୍ୟାଟରଙ୍କ ଯୋଗୁଁ ଭାରତ ଦିନିକିଆ ସିରିଜ୍ ଜିତିବାରେ ସଫଳ ହୋଇଥିଲା। କିନ୍ତୁ ଟି-୨୦ ସିରିଜ୍‌ରେ ସେଭଳି ସଫଳତା ଆଶା କରାଯିବା କଷ୍ଟକର। ଏହାର ଅର୍ଥ ହେଲା ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଏକ ଶକ୍ତିଶାଳୀ ଦଳ ଓ ଏହାକୁ ପରାଜିତ କରିବାକୁ ହେଲେ ଖେଳରେ ଉନ୍ନତ ଆଣିବାକୁ ହେବ।

ସିରିଜ୍ ପୂର୍ବରୁ ଭାରତର ଦକ୍ଷତାକୁ ଦେଖିଲେ ନିଶ୍ଚିତଭାବେ ଏହାର ବ୍ୟାଟିଂକୁ ଶକ୍ତିଶାଳୀ କୁହାଯିବ। ଦଳରେ ଏକାଧିକ ବିସ୍ଫୋରକ ବ୍ୟାଟର ରହିଛନ୍ତି। ସେ ଅଭିଷେକ ଶର୍ମା ହୁଅନ୍ତୁ କି ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶାନ ହୁଅନ୍ତୁ କି ତିଲକ ବର୍ମା, ସମସ୍ତେ ବିସ୍ଫୋରକ ବ୍ୟାଟିଂ କରିପାରିବାର ଦକ୍ଷତା ରଖିଛନ୍ତି। ଏଭଳି ସ୍ଥିତିରେ ୱେଷ୍ଟଇଣ୍ଡିଜ୍ ବୋଲରଙ୍କ ଲାଗି ଭାରତୀୟ ବ୍ୟାଟରଙ୍କୁ ମୁକାବିଲା କରିବା କଷ୍ଟକର ହୋଇପାରେ। କିନ୍ତୁ ବ୍ୟାଟିଂ ଭଳି ଭାରତର ବୋଲିଂ ଶକ୍ତି ଶାଣିତ ନୁହେଁ। ଦଳରେ ୩ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଓ ମୟଙ୍କ ଯାଦବଙ୍କ ପରି ଏକ୍ସପ୍ରେସ୍ ଫାଷ୍ଟ ବୋଲର ରହିଛନ୍ତି। ନୀତୀଶ ରେଡ୍ଡୀ ଓ ଶିବମ ଦୁବେଙ୍କ ପରି ମିଡିୟମ ପେସର ମଧ୍ୟ ଅଛନ୍ତି। କିନ୍ତୁ ୱେଷ୍ଟଇଣ୍ଡିଜ୍‌ର ଏକ୍ସପ୍ରେସ୍ ବ୍ୟାଟରଙ୍କୁ ଅଟକାଇବାକୁ ହେଲେ ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ରବି ବିଷ୍ଣୋଇଙ୍କ ସ୍ପିନ୍ ବୋଲିଂର ସାହାଯ୍ୟ ନେବାକୁ ହେବ। ବିଶ୍ୱରେ ଟି-୨୦ କ୍ରିକେଟ ଲିଗ୍‌ରେ ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କର ବେଶ ଗୁରୁତ୍ୱ ରହିଛି। କିନ୍ତୁ ସେମାନେ ଏକତ୍ର ହୋଇ ଖେଳିଲେ, ସେଭଳି ପ୍ରଦର୍ଶନ କରି ନ ପାରିବାର ଢ଼େର ଉଦାହରଣ ରହିଛି। ଏଣୁ ୱେଷ୍ଟଇଣ୍ଡିଜ୍ ଯଦି ଦଳଗତ ବ୍ୟାଟିଂ ପ୍ରଦର୍ଶନ କରେ, ତେବେ ଏହି ଦଳକୁ ହରାଇବା ଭାରତ ଲାଗି ଏତେଟା ସହଜ ହେବ ନାହିଁ। ଉଭୟ ଦଳ ମଧ୍ୟରେ ୩୧ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଭାରତ ୨୦ଟିରେ ଓ ୱେଷ୍ଟଇଣ୍ଡିଜ୍ ୧୦ଟିରେ ବିଜୟୀ ହୋଇଛି।

**ଭାରତୀୟ ଦଳ**- ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ, ତିଲକ ବର୍ମା, ନମନ ଧୀର, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅକ୍ଷର ପଟେଲ, କୁଲଦୀପ ଯାଦବ, ରବି ବିଷ୍ଣୋଇ।

**ୱେଷ୍ଟଇଣ୍ଡିଜ୍ ଦଳ**- ଶାଇ ହୋପ୍ (ଅଧିନାୟକ) ଓ ଅମୀର ଜାଙ୍ଗୁ (ଉଭୟ ୱିକେଟରକ୍ଷକ), କାମିଲ ପୁରନ, ରୋଭମାନ ପାୱେଲ, ସିମରନ ହେଟମାୟର, ରୋଷ୍ଟୋନ ଚେଜ୍, ଶେରଫାନ ରଦରଫୋର୍ଡ, କ୍ୱେଣ୍ଟିନ ସାମ୍ପସନ, କିମୋ ପଲ୍, ରୋମାରିଓ ଶେଫର୍ଡ, ମାଥ୍ୟୁ ଫୋର୍ଡ, ସମର ଯୋଶେଫ, ସମର ସ୍ପ୍ରିଙ୍ଗର, ଆକିଲ ହୋସେନ, ଗୁଡକେଶ ମୋତି।

**ଟି-୨୦ ସିରିଜ୍ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |

ଖେଳ ଆରମ୍ଭ: ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର

# ଭାରତ, ୱେଷ୍ଟଇଣ୍ଡିଜ୍ ଦଳ ଦଣ୍ଡିତ

ନ୍ୟୁ ଚଣ୍ଡିଗଡ଼, ୫।୧୦ (ଏଜେନ୍ସି): ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ମ୍ୟାଚ୍‌ରେ ମନ୍ଥର ଓଭର ହାର ବୋଲିଂ ପାଇଁ ଭାରତୀୟ ଖେଳାଳିଙ୍କ ଉପରେ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଏବଂ ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ଉପରେ ୧୦ ପ୍ରତିଶତ ଜରିମାନା ଲଗାଯାଇଛି। ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ସମୟରେ ୪ ଓଭର ପଛରେ ଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨ ଓଭର କମ୍ ବୋଲିଂ କରିଥିଲା। ଏହି ଆଧାରରେ ଆଇସିସି ଉଭୟ ଦଳଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଦୁଇଟି ମ୍ୟାଚ୍ ହାରି ସିରିଜ୍‌ରେ ୦-୨ରେ ପଛୁଆ ଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଅଧିନାୟକ ସାଇ ହୋପ୍ ଙ୍କ ୧୪୩ ବଲ୍‌ରୁ ଅପରାଜିତ ୧୬୨ ରନ୍ ବଳରେ ୱେଷ୍ଟଇଣ୍ଡିଜ୍ ୩୫୨ ରନ୍‌ର ବିଶାଳ ଲକ୍ଷ୍ୟକୁ ସଫଳତାର ସହ ପିଛାକରି ୫ ୱିକେଟ୍‌ରେ ବିଜୟୀ ହୋଇଥିଲା। ଦିନିକିଆ କ୍ରିକେଟ୍ ଇତିହାସରେ ଏହା ୱେଷ୍ଟଇଣ୍ଡିଜ୍‌ର ସବୁଠାରୁ ବଡ଼ ସଫଳ ରନ୍‌ର ପିଛା ଥିଲା। ବ୍ୟକ୍ତିଗତ ପ୍ରଦର୍ଶନ ଶୁବମନ ଗିଲ୍ ୧୧୦, ଅପରାଜିତ ୨୨୩ ଓ ୧ ସହ ମୋଟ ୩୩୪ ରନ୍ କରି ସର୍ବାଧିକ ରନ୍ ହାସଲକାରୀ ହୋଇଥିଲେ। ହୋପ୍ ୧୨, ୧୦୪ ଓ ଅପରାଜିତ ୧୬୨ ସହ ମୋଟ ୨୭୮ ରନ୍ କରି ୨ୟ ସ୍ଥାନରେ ରହିଛନ୍ତି।

# ଆଇଚି-ନାଗୋୟା ଏସିଆନ ପାରା ଗେମ୍ସ ୧୮ ରୁ

5th Asian Para Games
Aichi-Nagoya 2026

ଟୋକିଓ, ୫।୧୦(ଏଜେନ୍ସି): ୨୦ତମ ଏସିଆନ ଗେମ୍ସର ସଫଳ ଆୟୋଜନ ପରେ ଏବେ ୫ମ ଏସିଆନ ପାରା ଗେମ୍ସ ଜାପାନର ଆଇଚି-ନାଗୋୟାଠାରେ ଅକ୍ଟୋବର ୧୮ ରୁ ଆରମ୍ଭ ହୋଇ ୨୪ରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୪୫ଟି ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୭ ଦିନ ଧରି ହେବାକୁ ଥିବା ଏହି ପାରା ଗେମ୍ସରେ ୧୮ଟି କ୍ରୀଡ଼ାରେ ୪୯୨ଟି ଇଭେଣ୍ଟସ ପ୍ରତିଯୋଗିତା ଆୟୋଜିତ ହେବ। ୨୦୧୦ରୁ ଏହି ପ୍ରତିଯୋଗିତା ପ୍ରତି ୪ ବର୍ଷରେ ଏସିଆନ ଗେମ୍ସ ପରେ ସମାନ ଭେନ୍ୟୁରେ ଆୟୋଜିତ ହୋଇଆସୁଛି। କେବଳ କୋଭିଡ ଯୋଗୁ ୨୦୨୨ରେ ହେବାକୁ ଥିବା ଏହି ପ୍ରତିଯୋଗିତା ୨୦୨୩ରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଆଥଲେଟିକ୍ସରେ ସର୍ବାଧିକ ୧୬୨ଟି ଓ ସନ୍ତରଣରେ ୧୧୪ଟି ଇଭେଣ୍ଟ ଆୟୋଜିତ ହେବ।

ସପ୍ତାହବ୍ୟାପୀ ହେବାକୁ ଥିବା ଏହି ମେଗା ପାରା ସ୍ପୋର୍ଟ୍ସରେ ଭାରତ ୮ଟି କ୍ରୀଡ଼ା ଶୃଙ୍ଖଳାରେ ୧୨୧ ଜଣ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବାକୁ ମନୋନୀତ କରିଛି। ଏହି କ୍ରୀଡ଼ାଗୁଡିକ ହେଲା, ତୀରନ୍ଦାଜି, ଦୌଡ଼କୁଦ, ବ୍ୟାଡ୍‌ମିଣ୍ଟନ, ଜୁଡୋ, ବନ୍ଧୁକଚାଳନା, ଟେବୁଲ ଟେନିସ, ଅସିଚାଳନା ଓ ସନ୍ତରଣ। ଏମାନଙ୍କ ମଧ୍ୟରେ ୮୦ ପୁରୁଷ ଓ ୪୧ ଜଣ ମହିଳା ରହିଛନ୍ତି। ଓଡ଼ିଶାରୁ ଦୌଡ଼କୁଦରେ ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା, ତିରନ୍ଦାଜିରେ ପାୟଲ ନାଗ, ବ୍ୟାଡ୍‌ମିଣ୍ଟନରେ ଅଲିମ୍ପିକ୍ ଚାମ୍ପିଅନ ପ୍ରମୋଦ ଭଗତ ୩ଟି ବିଭାଗରେ, ଅସିଚାଳନାରେ ୪ଜଣ ଖେଳାଳି ଯଥା ରାଖାଲ ସେଠୀ, ଭି ରମେଶ ରାଓ, ଓମ୍‌ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରାଙ୍କ ଅଂଶଗ୍ରହଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଜି ପାରା ଅଲିମ୍ପିକ୍ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ ବୈଠକ ବସିଛି। ଏଥିରେ ଭାରତ କେତୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବ, କେତେ ଜଣ ଓ କିଏ କିଏ ଭାଗନେବେ ତାହା ଆପାତତଃ ସ୍ଥିର ହେବ। ଗତକାଲି ଶେଷ ହୋଇଥିବା ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ଲାଗି ଯେଉଁ ନିୟମରେ ଖେଳାଳି ଚୟନ କରାଯାଇଥିଲା ତାହା ପାରା ଗେମ୍ସ ଲାଗି ଲାଗୁ ହେବ। ଏହାର ଅର୍ଥ ଏସିଆରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିପାରିବେ। ତେବେ ସେ ଯାହା ହେଉ ଭାରତ ଏଥିରେ କିପରି ଅଧିକରୁ ଅଧିକ ଇଭେଣ୍ଟରେ ଅଂଶଗ୍ରହଣ କରିବ, ସେଥିଲାଗି ଫେଡେରେସନ ପକ୍ଷରୁ ଚେଷ୍ଟା କରାଯାଉଛି।

# ଦର୍ଶକଙ୍କୁ ହିଟ୍ କରି ମେଦଭେଦେଭ ମ୍ୟାଚ୍‌ରୁ ବହିଷ୍କୃତ

ବେଜିଂ, ୫।୧୦(ଏଜେନ୍ସି): ଏଠାରେ ଚାଲିଥିବା ଚୀନ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଯେଉଁ ଘଟଣାରେ ରୁଷିଆର ଡାନିଲ ମେଦଭେଦେଭଙ୍କୁ ମ୍ୟାଚ୍‌ରୁ ବହିଷ୍କାର କରାଯାଇଛି। ଏଠାରେ ନୋଭାକ ଜୋକୋଭିଚ୍‌ଙ୍କ ସହ ଖେଳାଯାଉଥିବା ସେମିଫାଇନାଲ ମ୍ୟାଚ୍‌ରେ ମେଦଭେଦେଭ ୫-୭, ୩-୫ରେ ପଛୁଆ ଥିଲାବେଳେ ବଲଟି ରିବାଉଣ୍ଡ ହୋଇ ତାଙ୍କ ନିକଟକୁ ଆସିଥିଲା। ଏହାକୁ ସେ ନିରାଶାରେ ଜୋରରେ ହିଟ୍ କରିବା ଫଳରେ ବଲ୍‌ଟି ଫ୍ରଣ୍ଟ ରୋ'ରେ ବସିଥିବା ଜଣେ ଦର୍ଶକଙ୍କ ଆଖିରେ ବାଜିଥିଲା। ଏପରି ବିପଜ୍ଜନକ ଖେଳ ଲାଗି ମ୍ୟାଚ୍ ଅଫିସିଆଲ ତାଙ୍କୁ ଖେଳିବାରୁ ବଞ୍ଚିତ କରିଥିଲେ। ଏହି ଘଟଣା ଜୋକୋଭିଚ୍‌ଙ୍କ ସମେତ ସମସ୍ତଙ୍କୁ ଚକିତ କରିଥିଲା। ଜୋକୋଭିଚ୍ ମ୍ୟାଚ୍ ପଏଣ୍ଟ ଲାଗି ସର୍ଭିସ କରୁଥିଲାବେଳେ ଏହି ଘଟଣା ଘଟିଥିଲା। ମେଦଭେଦେଭଙ୍କ ହିଟ୍‌ରେ ଦର୍ଶକଙ୍କ ଗୁରୁତର ଆହତ ହୋଇନାହାନ୍ତି। ପୂର୍ବରୁ ୟୁଏସ୍ ଓପନରେ ଜୋକୋଭିଚ୍ ଲାଇନ୍ ଜଜ୍‌ଙ୍କୁ ହିଟ୍ କରିବା ପରେ ତାଙ୍କୁ ମ୍ୟାଚ୍‌ରୁ ମଧ୍ୟ ବହିଷ୍କାର କରାଯାଇଥିଲା।

## ଓଡ଼ିଶା ରଣଜୀ ଦଳରେ ୪ ନୂଆ ଖେଳାଳି; ନିନାଦ ଓ ଲଳିତ ମଧ୍ୟ ସାମିଲ

# ଶୁଭ୍ରାଂଶୁଙ୍କୁ ନେତୃତ୍ୱ; ବିପ୍ଳବ ଓ ଗୋବିନ୍ଦ ବାଦ୍

ଭୁବନେଶ୍ୱର, ୫।୧୦ (ସମିସ)


ଶୁଭ୍ରାଂଶୁ ସେନାପତି


ବିପ୍ଳବ ସାମନ୍ତରାୟ


ଗୋବିନ୍ଦ ପୋଦ୍ଦାର

ଭାରତର ସର୍ବବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୨୦୨୬-୨୭ ସିଜନରେ ନିଜ ରାଜ୍ୟର ପରିଚୟ ସୃଷ୍ଟି କରିବା ଲାଗି ପୁଣିଥରେ ଅଣ୍ଟାଭିଡିଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ସମଗ୍ର ଦେଶରେ ଆରମ୍ଭ ହେଉଛି। ଏଲିଟ-ସି' ଗ୍ରୁପ୍‌ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଏହି ଦିନ ଅହମ୍ମଦାବାଦ୍‌ରେ ଗୁଜରାଟ ସହ ଖେଳି ଚଳିତ ସିଜନରେ ଅଭିଯାନ ଆରମ୍ଭ କରିବ। ଏହା ପରେ ଅକ୍ଟୋବର ୧୮ରୁ ୨୧ ତାରିଖଯାଏ କେରଳ ସହ ତିରୁଅନନ୍ତପୁରମରେ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଚଳିତ ସିଜନର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱରେ ଓସିଏ ବରିଷ୍ଠ ଚୟନ କମିଟି ଏକ ୧୭ ଜଣିଆ ଦଳ ଚୟନ କରିଛି। ଏହି ଦଳରେ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି ଓ ୪ଜଣ ଖେଳାଳିଙ୍କୁ ପ୍ରଥମଥର ଦଳରେ ସାମିଲ କରାଯାଇଛି। ସେମାନେ ହେଲେ ଓପନିଂ ବ୍ୟାଟର ଓମ୍ ଟି ମୁଣ୍ଡେ, ମିଡିଲ ଅର୍ଡର ବ୍ୟାଟର ଶ୍ରେୟାଂଶ ଭରଦ୍ୱାଜ, ପେସ୍ ବୋଲିଂ ଅଲରାଉଣ୍ଡର ସୌମ୍ୟରଞ୍ଜନ ଲେଙ୍କା ଓ ସମ୍ବିତ ବେଜ୍। ଏମାନଙ୍କ ସହ ବାହାର ରାଜ୍ୟରୁ ପେସାଦାର ଖେଳାଳି ଭାବେ ବରୋଦା ସ୍ପିନର ନିନାଦ ରାଠୱା ଓ ପେସ୍ ବୋଲର ଲଳିତ ଯାଦବ। ଏମାନଙ୍କ ସାମିଲ ହେବା ଫଳରେ ଦଳର ଦୁଇ ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଦଳରେ ସାମିଲ କରାଯାଇନାହିଁ। ୧୧ଜଣ ନିୟମିତ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଗତ କିଛି ବର୍ଷ ଧରି ଓଡ଼ିଶା ରଣଜୀ ଟ୍ରଫିରେ ଭଲ ଖେଳୁନାହିଁ। ଏଥିଲାଗି ନୂଆ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି ବୋଲି ଦଳ ଘୋଷଣା କରିବା ସମୟରେ ମୁଖ୍ୟ ଚୟନକର୍ତ୍ତା କୁଳମଣି ପରିଡ଼ା ଓ ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ଏକ ନୂଆ ସେଟଅପ୍‌ରେ ଖେଳିବାକୁ ଯାଉଥିବା ଓଡ଼ିଶାଦଳଠାରୁ ବିଶେଷ ଆଶା କରାଯାଉନାହିଁ।

ଗତ ସିଜନରେ ଓଡ଼ିଶା ଏଲିଟ ଗ୍ରୁପ୍-ଏ'ରେ ସ୍ଥାନ ପାଇ ୭ଟି ମ୍ୟାଚ୍ ଖେଳିଥିଲା। ଏହା ମଧ୍ୟରୁ ଦଳ ନାଗାଲାଣ୍ଡ ବିପକ୍ଷରେ କେବଳ ଗୋଟିଏ ମ୍ୟାଚ୍ ଜିତିଥିଲା। ଅନ୍ୟ ୬ଟି ମଧ୍ୟରୁ ୫ଟିରେ ହାରିଥିଲା ଓ ଗୋଟିଏ ମ୍ୟାଚ୍ ଉତ୍ତରପ୍ରଦେଶ ସହ ଡ୍ର' କରିଥିଲେ ମଧ୍ୟ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଥିଲା। ଏଥର ଦଳ ଯୁବ ଖେଳାଳିଙ୍କଠାରୁ କ୍ୱାର୍ଟର ଫାଇନାଲ ଖେଳିବାର ଆଶା ରଖିଛି।

**ଘୋଷିତ ରଣଜୀ ଦଳ**

(ବ୍ୟାଟର)- ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଓମ୍ ଟି. ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭାରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, (ୱିକେଟ୍ ରକ୍ଷକ)- ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ, (ଅଲ୍‌ରାଉଣ୍ଡର)- ନିନାଦ ରାଠୱା, ସମ୍ବିତ ବେଜ. ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା, ସୌମ୍ୟରଞ୍ଜନ ଲେଙ୍କା, (ସ୍ପିନର)- ସୟଦ ତୁଫୈଲ ଅହମ୍ମଦ ଓ ବାଦଲ ବିଶ୍ୱାଳ।

**ଓଡ଼ିଶାର ଏଲିଟ-ସି' ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| **୨୦୨୬ରେ** | | |
| ୧୧ରୁ ୧୪।୧୦ | ଗୁଜରାଟ | ଅହମ୍ମଦାବାଦ୍ |
| ୧୮ ରୁ ୨୧।୧୦ | କେରଳ | ତିରୁଅନନ୍ତପୁରମ |
| ୨୬ରୁ ୨୯।୧୦ | ସର୍ଭିସେସ୍ | କିଟ୍, ଭୁବନେଶ୍ୱର |
| ୦୨ରୁ ୦୫।୧୧ | ଝାଡଖଣ୍ଡ | କିଟ୍, ଭୁବନେଶ୍ୱର |
| **୨୦୨୭ରେ** | | |
| ୧୭ରୁ ୨୦।୧ | ଦିଲ୍ଲୀ | ବାରବାଟୀ, କଟକ |
| ୨୪ରୁ ୨୭।୧ | ମହାରାଷ୍ଟ୍ର | ଗାହୁଞ୍ଜେ, ପୁଣେ |
| ୦୧ରୁ ୦୪।୨ | ବେଙ୍ଗଲ | ଇଡେନ ଗାର୍ଡେନ୍ସ |

# ଜିମ୍ବାୱେ ଦଳର ଭାରତ ଗସ୍ତ ୧୬ରୁ

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ଜିମ୍ବାୱେର ସିନିଅର ମହିଳା କ୍ରିକେଟ ଦଳ ଭାରତ ସହ ୩ଟି ଲେଖାଏଁ ଟି-୨୦ ଓ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଭାରତ ଗସ୍ତରେ ଆସିବ। ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ଟି-୨୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଦିନିକିଆ ମ୍ୟାଚ୍ ଖେଳାଯିବ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଭଦୋଦରାରେ ଅକ୍ଟୋବର ୧୬, ଦ୍ୱିତୀୟ ମ୍ୟାଚ୍ ରାଜକୋଟରେ ୧୮ ଓ ତୃତୀୟ ମ୍ୟାଚ୍ ଇନ୍ଦୋରରେ ଅକ୍ଟୋବର ୨୦ରେ ଖେଳାଯିବ। ଏ ସମସ୍ତ ମ୍ୟାଚ୍ ଭାରତୀୟ ସମୟ ରାତି ୭ଟାରୁ ଆରମ୍ଭ ହେବ। ସେହିପରି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଅହମ୍ମଦାବାଦ୍‌ରେ ପ୍ରଥମ ମ୍ୟାଚ୍ ଅକ୍ଟୋବର ୨୩ରେ ଖେଳାଯିବ। ଏହା ପରେ ଗୁଆହାଟୀରେ ଅକ୍ଟୋବର ୨୫ରେ ଦ୍ୱିତୀୟ ଓ ଅକ୍ଟୋବର ୨୮ରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ଇଷ୍ଟଜୋନ୍ କରାଟେରେ ଓଡ଼ିଶା ତୃତୀୟ



ଭୁବନେଶ୍ୱର, ୫।୧୦(ସମିସ): ବିହାରର ପାଟନାଠାରେ ଅକ୍ଟୋବର ୨ରୁ ୪ ତାରିଖଯାଏ ଆୟୋଜିତ ହୋଇଯାଇଛି ଷଷ୍ଠ ଇଷ୍ଟଜୋନ୍ କରାଟେ ଚାମ୍ପିଅନସିପ୍। ଏଥିରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଏବଂ ଓଡ଼ିଶାରୁ ପାଖାପାଖି ୬୦୦ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୫୦ଜଣ କରାଟେକା ଏଠାରେ ନିଜର ଭାଗ୍ୟ ପରୀକ୍ଷା କରିଥିଲାବେଳେ ରାଜ୍ୟକୁ ୧୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୧୩ଟି କାଂସ୍ୟ ସହ ୪୦ଟି ପଦକ ବିଜୟୀ ହୋଇଥିଲା। ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ଏଥିରେ ଦୀପକ ସାମନ୍ତରା ଓ ଦେବେନ୍ଦ୍ର ରାଣା ରେଫରିଭାବେ ଭାଗ ନେଇଥିଲେ। ଭାଲେନା ଭାଲେଣ୍ଟିନା, ସାଇ ସୁନ୍ଦର ବାରିକ, ବି. ଗୋପଲା ରାଓ ଓ ସୁଶାନ୍ତ କୁମାର ପଣ୍ଡା କୋଚ୍ ଭାବେ ଦଳ ସହ ଯାଇଥିଲେ। ପଦକ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସଭାପତି ସେନ୍‌ସେଇ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତିଙ୍କ ସହ ଅନ୍ୟକର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY